Digitized by srujanika@gmail.com

ବାର୍ଷିକ ସୂଚୀ

ଚତୁର୍ଥ ବର୍ଷ

(୧୯୫୪ ଅଗଷ୍ଟ—୧୯୫୫ ଜୁଲାଇ)

ବିଷୟ	ଲେଖକ ବା ସଂଗ୍ରାହକଙ୍କ ନାମ
ପ୍ରଥମ ସଂଖ୍ୟା—	
୧ । ସୂଚନା	ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ
୨ । ପେଟ୍ରୋଲିୟମ ଜେଲି ବା ଭେସ୍‌ଲିନ୍	ଶ୍ରୀ ସୁରେନ୍ଦ୍ର ମୋହନ ଦାସ ବି. ଏସ୍ ସି.
୩ । ବିପ୍ଲବୀ ଜୟପ୍ରକାଶ	ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ
୪ । ଗାନ୍ଧୀଗ୍ରାମ ପଥେ	କୁମାର ରାମହରି ମିଶ୍ର
୫ । ଓଡ଼ିଶାର ପ୍ରାଚୀନ କୀର୍ତ୍ତି	ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା
୬ । ଟିକି ଚଢ଼େଇ	ଶ୍ରୀ ଭଗବାନ ମହାନ୍ତି
୭ । ରେଡ଼ିଓ ଆଇସୋଟୋପ	ଶ୍ରୀ ବସନ୍ତ କୁମାର ଦାସ, ବି. ଏସ୍‌ସି.
୮ । ରେଡ଼ିଓ-ଟ୍ରାନ୍ସମିଟାର	ଶ୍ରୀ ବିଭୂତିଭୂଷଣ ମହାନ୍ତି ଏମ୍. ଏସ୍. ସି.
୯ । ଅଶ୍ରୁଯନ୍ତ୍ର ଯନ୍ତ୍ର	ଶ୍ରୀ ବିପିନବିହାରୀ ମହାନ୍ତି
୧୦ । ଡାକଟିକଟ ସଂଗ୍ରହ-୨୨	ଶ୍ରୀ ରଘୁନାଥ ପାଢ଼ୀ ଶର୍ମା
୧୧ । ଫଳାହାର ଶରୀର ପାଇଁ ଯଥେଷ୍ଟ କି ?	ଶ୍ରୀ ବାସୁଦେବ ତ୍ରିପାଠୀ ବି. ଏ, ଡି. ଇଡ଼
୧୨ । ଅନାବୃଷ୍ଟିତ ସୂର୍ଯ୍ୟ	ଶ୍ରୀ ରବିନାରାୟଣ ସାହୁ
୧୩ । ୧୫୦ ଭାଷାରେ ଟାଇପ୍‌ରାଇଟର	ଶ୍ରୀ ବିପିନବିହାରୀ ମହାନ୍ତି
୧୪ । କାଠ ଖୋଦାଇ (ଚିତ୍ର)	ଶ୍ରୀ ଉଦୟ ନାରାୟଣ ଜେନା
ଦ୍ୱିତୀୟ ସଂଖ୍ୟା—	
୧ । ବର୍ତ୍ତମାନ ଓ ତୈଳସ୍ଥାନ-ଅମର ପ୍ରଦୀପ	ଶ୍ରୀ ବିପିନବିହାରୀ ମହାନ୍ତି
୨ । ଗାନ୍ଧୀଗ୍ରାମ ପଥେ (୨)	କୁମାର ରାମହରି ମିଶ୍ର
୩ । ଦିବ୍ୟଜୀବନ ପଥର ଯାତ୍ରୀ	ସ୍ୱାମୀ ରାମପ୍ରେମୀ
୪ । ଚୀନଦେଶର କଥା	ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ
୫ । ଆମେ ସ୍ୱାଧୀନ ଭାରତ ସନ୍ତାନ	ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶ
୬ । ଓଡ଼ିଶାର ପ୍ରାକୃତିକ ସଂପଦ	ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା
୭ । ଡାକଟିକେଟରେ ପଞ୍ଚ-ବାର୍ଷିକ ଯୋଜନା	ଶ୍ରୀ ରଘୁନାଥ ପାଢ଼ୀ ଶର୍ମା
୮ । ଅମୃତ	ଅଧ୍ୟାପକ ଶ୍ରୀ ଜାନକୀ ମହାନ୍ତି-ଏମ୍. ଏ.
୯ । ସମୁଦ୍ରରେ ଖାଦ୍ୟ	ଶ୍ରୀ କୀର୍ତ୍ତନ ପ୍ରଧାନ
୧୦ । ବାଷ୍ପଯନ୍ତ୍ର	ଶ୍ରୀ ରଣଧୀର ଦାସ
୧୧ । ପ୍ରାର୍ଥନା	ପ୍ରିନ୍ସିପାଲ୍ ଶ୍ରୀ କୁଞ୍ଜବିହାରୀ ତ୍ରିପାଠୀ
୧୨ । କାଠ ଖୋଦାଇ (ଚିତ୍ର)	ଶ୍ରୀ ଉଦୟ ନାରାୟଣ ଜେନା
୧୩ । ସୁଇସ୍ ଘଡ଼ିନିର୍ମାତାଙ୍କ ଅଦ୍ଭୁତ କୌଶଳ	
ତୃତୀୟ ସଂଖ୍ୟା	
୧ । ଲିନୋଖୋଦାଇ(ଚିତ୍ର)	ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ
୨ । ଆଜି ବି ଅସିଦ୍ଧ ଦଶରା	ଶ୍ରୀ ଧନେଶ୍ୱର ନାୟକ
୩ । ପରମାଣୁ, ଏହାର ଅବସ୍ଥାନ୍ତର ଓ ପରମାଣୁ ବୋମା	ଶ୍ରୀ ବସନ୍ତକୁମାର ଦାଶ,ବି.ଏସ୍.ସି
୪ । ଛଉନାଚ	ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ
୫ । ପ୍ରାର୍ଥନା	ଅଧ୍ୟାପକ ଶ୍ରୀ ଜାନକୀ ମହାନ୍ତି ଏମ୍.ଏ
୬ । ବିମାନର ଉଡ଼ିବା ପ୍ରଣାଳୀ	ଶ୍ରୀ ଅଜୟକୁମାର ଦାସ
୭ । ଦେଲବାରଙ୍କ କାମେରା	ଶ୍ରୀ ବିପିନ ବିହାରୀ ମହାନ୍ତି
୮ । ରେଶମ	ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ-କୁମାର ବେହେରା
୯ । ଓଡ଼ିଶାର ସ୍ୱାସ୍ଥ୍ୟକର ସ୍ଥାନ	ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା
୧୦ । ବ୍ୟୋମ ଓ ବିମାନ	
୧୧ । ଦେହରେ ପେନସିଲିନର କ୍ରିୟା	
୧୨ । ଆମେରିକାର କୃଷକ	
୧୩ । ଶିକ୍ଷା ମାହାତ୍ମ୍ୟ (ବ୍ୟଙ୍ଗ ଅଭିନୟ)	
୧୪ । ସ୍ନେହ ଓ ଶାସନ	ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ
୧୫ । ଆଶାୟୀ	ଶ୍ରୀ ମହେଶ୍ୱର ପଣ୍ଡା
୧୬ । ସ୍ୱାମୀ ଶିବାନନ୍ଦ ସରସ୍ୱତୀ	ସ୍ୱାମୀ ରାମପ୍ରେମୀ
୧୭ । ରେଡ଼ିଓ ରିସିଭର	ଶ୍ରୀ ବିଭୂତିଭୂଷଣ ମହାନ୍ତି, ଏମ୍. ଏସ୍ସି

Digitized by srujanika@gmail.com

ବିଷୟ — ଲେଖକ ବା ସଂଗ୍ରାହକଙ୍କ ନାମ

ଚତୁର୍ଥ ସଂଖ୍ୟା

୧ । କୋଷ୍ଟିକର୍ ଲାଗି ଗୋଟିଏ — ଶ୍ରୀ ମହେଶ୍ୱର ପଣ୍ଡା, ବି.ଏ.
୨ । କଣ୍ଠମଣିଗ୍ରନ୍ଥିର ପ୍ରଭାବ — ଶ୍ରୀ ବିପିନବିହାରୀ ମହାନ୍ତି
୩ । ଲୁଣ — ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ କୁମାର ବେହୁରା
୪ । ଗାନ୍ଧୀଗ୍ରାମ ପଥେ — କୁମାର ରାମହରି ମିଶ୍ର
୫ । ଆମେ କିପରି ସ୍ଥଳଚର ହେଲୁଁ — ଶ୍ରୀ ରଣଧୀର ଦାସ
୬ । ଡ୍ରାକଟିକେଟ ସଂଗ୍ରହ-୨୩ — ଶ୍ରୀ ରଘୁନାଥ ପାଢ଼ୀଶର୍ମା
୭ । ସ୍ୱାମୀ ଶିବାନନ୍ଦ ସରସ୍ୱତୀ — ସ୍ୱାମୀ ରାମପ୍ରେମୀ
୮ । ସର୍ଦ୍ଦାର କେ. ଏମ୍. ପାନିକର
୯ । ରେଡ଼ିଓ ଭଲଭ୍ — ଶ୍ରୀ ବିଭୂତି ଭୂଷଣ ମହାନ୍ତି, ଏମ୍. ଏସ୍‌ସି.
୧୦ । ଶୈଳେନ ମନ୍ନା — ଶ୍ରୀ ଦଲ୍ଲୀପ ମିଶ୍ର
୧୧ । ଶିକାର୍ମୀ ମାହାତ୍ମ୍ୟ (ବ୍ୟଙ୍ଗଅଭିନୟ)
୧୨ । ଶଙ୍ଖ କୋଇଲି (ଗଳ୍ପ) — ଶ୍ରୀ ମୋହନମୁରାରି ବାରିକ
୧୩ । ତୁଳସୀ — ଶ୍ରୀ ସ୍ୱାମୀ ଶିବାନନ୍ଦ

ପଞ୍ଚମ ସଂଖ୍ୟା

୧ । ବିଶଲ୍ୟକରଣୀ ଡକ୍ଟର — ଶ୍ରୀ ବସନ୍ତକୁମାର ବେହୁରା
୨ । କ୍ଲିଂଟନ୍‌ଙ୍କ ଭୋଜନ ପାକେଟ୍ — ଶ୍ରୀ ବିପିନବିହାରୀ ମହାନ୍ତି
୩ । ଚିଡ଼ିଆଖାନାର ଜୀବ-ଜନ୍ତୁଙ୍କ ଖାଦ୍ୟ ସମସ୍ୟା — ସଂଗ୍ରାହକ ଡାଃ ପି. ନାୟକ
୪ । ରେଡ଼ିଓ ଭଲ୍‌ଭ — ଶ୍ରୀ ବିଭୂତିଭୂଷଣ ମହାନ୍ତି ଏମ୍. ଏସ୍‌ସି.
୫ । ହାରମୋନିକା ବା ସପ୍ତସ୍ୱରୀ — ଶ୍ରୀ ଦଲ୍ଲୀପ ମିଶ୍ର
୬ । ଶଙ୍ଖ-କୋଇଲି — ଶ୍ରୀ ମୋହନମୁରାରି ବାରିକ
୭ । ଶିକାର୍ମୀ ମାହାତ୍ମ୍ୟ (ବ୍ୟଙ୍ଗାଭିନୟ)
୮ । ମିଳିତ ଜାତିସଂଘର ପ୍ରଧାନ କାର୍ଯ୍ୟାଳୟ — ଶ୍ରୀ ମୋହନମୁରାରି ବାରିକ
୯ । ବାଦୁଡ଼ିମାନେ ଅନ୍ଧାରରେ କିପରି ଦେଖନ୍ତି — ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ବେବର୍ତ୍ତା
୧୦ । ଶଲ୍ଲୁକା ଦ୍ୱୀପବାସୀଙ୍କ ଶିକ୍ଷା ଓ ସଭ୍ୟତା — ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା
୧୧ । ଦିବ୍ୟନଶା — ଶ୍ରୀ ସୋମନାଥ ପଟ୍ଟନାୟକ ବି. ଏ. (ଅନର୍ସ)
୧୨ । କୁହୁକ ଚୁଣ୍ଡ(କାହାଣୀ) — ଶ୍ରୀମତୀ ପୁଷ୍ପରାଣୀ ନନ୍ଦ
୧୩ । ଦିବ୍ୟଜୀବନ ପଥର ଯାତ୍ରୀ — ସ୍ୱାମୀ ରାମପ୍ରେମୀ
୧୪ । ସାହିତ୍ୟ ଓ ସାଧାରଣ ଜ୍ଞାନ — ଜେନାମଣି ନରେନ୍ଦ୍ର କୁମାର
୧୫ । ଅକୁଆଁ — ଶ୍ରୀ ଯଦୁନାଥ ଦାସ ମହାପାତ୍ର ବି.ଏ.(ଅନର୍ସ) ଏଲ୍.ଏଲ୍.ବି
୧୬ । ସତ୍ୟମୂର୍ତ୍ତି ନଗର
୧୭ । ଏତକି ମୋତେ ଦିଅ — ଶ୍ରୀ ଲୋକନାଥ ପୃଷ୍ଟି

ଷଷ୍ଠ ସଂଖ୍ୟା

୧ । ପୋଲିସ ରେଡ଼ିଓ — ଶ୍ରୀ ବିଭୂତିଭୂଷଣ ମହାନ୍ତି ଏମ୍. ଏସ୍‌ସି. ଗ୍ରାଡ଼. ଇନ୍‌ଷ୍ଟ. ଆଇ. ଆର୍. ଇ.
୨ । ଅତର — ଅଧ୍ୟାପକ ଡଃ ଶ୍ରୀ ବସନ୍ତକୁମାର ବେହୁରା
୩ । ଭୂବଳୟ — ଶ୍ରୀ ବିପିନବିହାରୀ ମହାନ୍ତି
୪ । ଆପଣଙ୍କ ଟେଲିଗ୍ରାମ କିପରି ଯାଉଛି — ଶ୍ରୀ ବାଳମୁକୁନ୍ଦ ମିଶ୍ର
୫ । ମହାତ୍ମାଙ୍କ ଭାଷା — ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ବେବର୍ତ୍ତା
୬ । ସୁଖନିଦ୍ରା ହୁଏ ନାହିଁ କାହିଁକି — ଶ୍ରୀ ବାସୁଦେବ ତ୍ରିପାଠୀ
୭ । ଆଉ ଗୋଟିଏ ହୃଦ୍‌ଯନ୍ତ୍ର — ଶ୍ରୀ ବସନ୍ତକୁମାର ଦାଶ ବି. ଏସ୍‌ସି.
୮ । ପୃଥିବୀର ଉଚ୍ଚତମ ନଗରୀ — ଶ୍ରୀ ମୋହନମୁରାରି ବାରିକ
୯ । ଭାରତରେ ଟେଲିଫୋନ ତାର କାରଖାନା
୧୦ । ପିଲାଙ୍କ ଖେଳ — ଅଧ୍ୟାପକ ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ
୧୧ । ବଡ଼ ଲୋକଙ୍କ ପିଲାଦିନ — ଶ୍ରୀ ସୁଧାକର ଦାଶ ବି. ଏସ୍‌ସି.
୧୨ । ସ୍ୱର୍ଣ୍ଣ ଓ ଲବଣ (ଗଳ୍ପ) — ଶ୍ରୀ ଦଲ୍ଲିପ ମିଶ୍ର
୧୩ । ଚେଷ୍ଟାକଲେ ପାରିବ — ଶ୍ରୀ ନବ ପଟ୍ଟନାୟକ
୧୪ । ଲିଚୋ ଖୋଦେଇ — ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ

ସପ୍ତମ ସଂଖ୍ୟା

୧ । ଟେଲିଭିଜୋଫୋନ — ଶ୍ରୀ ବିପିନବିହାରୀ ମହାନ୍ତି
୨ । ନୂଆ ପ୍ରକାର କଂକ୍ରିଟ — ଶ୍ରୀ ସୁଧାକର ଦାସ, ବି. ଏସ୍‌ସି.
୩ । ଗାନ୍ଧିସଂଗ୍ରହଶାଳା — ଶ୍ରୀ ବାସୁଦେବ ତ୍ରିପାଠୀ ବି. ଏ. ଡି. ଇଡ଼.
୪ । ରେଡ଼ିଓ ବେତାରୀ — ଶ୍ରୀ ବିଭୂତିଭୂଷଣ ମହାନ୍ତି, ଏମ୍. ଏସ୍‌ସି. ଗ୍ରାଡ଼୍. ଇନ୍‌ଷ୍ଟ. ଆଇ. ଆର୍. ଇ.
୫ । ବନଶୀ ଖଡ଼ା — ଅଧ୍ୟାପକ ଡଃ ବସନ୍ତକୁମାର ବେହୁରା

Digitized by srujanika@gmail.com

ବିଷୟ — ଲେଖକ ବା ସଂଗ୍ରାହକଙ୍କ ନାମ

୬ । ବାରଖାଡ ହାଇମ୍ ଓ ଗ୍ରହାନ୍ତର ଯାତ୍ରା — ଶ୍ରୀ ବସନ୍ତକୁମାର ଦାଶ ବି.ଏସ୍‌ସି
୭ । ଚଢ଼େଇଙ୍କ ମଧୁ ଯାଉ କୁଆଡ଼େ — ଅଧ୍ୟାପକ ଜାନକୀ ମହାନ୍ତି, ଏମ୍‌ଏ.
୮ । ମୃତ୍ୟୁ ବାଲ — ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ବେବର୍ତ୍ତା
୯ । ବିଶ୍ୱବନ ବିଜ୍ଞାନ କଂଗ୍ରେସ — ଶ୍ରୀ ରଘୁନାଥ ପାଢ଼ି ଶର୍ମା
୧୦ । ପୃଥିବୀର ବୃହତ୍ତମ ଘଡ଼ି — ଶ୍ରୀ ବସନ୍ତକୁମାର ଦାଶ, ବି. ଏସ୍‌ସି.
୧୧ । ସେ ଯୁଗର ଯାତେସି ଏ ଯୁଗର ବିସ୍ମୟ — ଶ୍ରୀ ମୋହନମୁରାରି ବାରିକ
୧୨ । ଦାର୍ଶନିକ ରସେଲ — ଶ୍ରୀ ରାମହରି ମିଶ୍ର
୧୩ । ଦୋକାନୀ ମନ୍ତ୍ରୀ — ଶ୍ରୀ ନବୀନ୍ଦ୍ରବିହାରୀ ମହାନ୍ତି
୧୪ । ଶଙ୍ଖ କୋଇଲ — ଶ୍ରୀ ମୋହନମୁରାରି ବାରିକ
୧୫ । ଚେଷ୍ଟାକଲେ ପାରିବ — ଶ୍ରୀ ନବ ପଟ୍ଟନାୟକ

ଅଷ୍ଟମ ସଂଖ୍ୟା

୧ । ଅଫଳନ୍ତ ଗଛ — କାରଣ ଓ ପ୍ରତିକାର — ଶ୍ରୀ ବିଶ୍ୱନାଥ ସାହୁ, ପି. ଏଚ୍.ଡି
୨ । ପାଣିତଳେ ମଣିଷ — ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ କୁମାର ବେହୁରା
୩ । ଆମ୍ଭେ ମାନବ — ଶ୍ରୀ ବିପିନବିହାରୀ ମହାନ୍ତି
୪ । ଆମେ କେତେଦୂର ଦେଖିପାରୁ — ଶ୍ରୀ ଆଶୀର୍ବାଦ ମହାନ୍ତି
୫ । କାଅଁଳା ପଥର — ଶ୍ରୀ ସୁଧାକର ଦାସ, ବି.ଏସ୍.ସି
୬ । ରେଡ଼ିଓଗ୍ରାମ — ଶ୍ରୀ ବିଭୂତିଭୂଷଣ ମହାନ୍ତି, ଏମ୍. ଏସ୍. ସି
୭ । ଚେଷ୍ଟାକଲେ ପାରିବ — ଶ୍ରୀ ନବ ପଟ୍ଟନାୟକ
୮ । ଲୁଗାରୁ ଦାଗ ଲିଭାଇବା ଉପାୟ — ଶ୍ରୀ ରଘୁନାଥ ପାଣିଗ୍ରାହୀ ବି. ଏସ୍. ସି
୯ । ଜୀବ ଜଗତରେ ମନୁଷ୍ୟର ସ୍ଥାନ — ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ବେବର୍ତ୍ତା
୧୦ । ନୋବେଲ ପୁରସ୍କାରର ଇତିବୃତ୍ତି — ଶ୍ରୀ ବାସୁଦେବ ତ୍ରିପାଠୀ ବି.ଏ. ଡି.ଇଡି
୧୧ । ମମତା (ଗଳ୍ପ) — ଶ୍ରୀ ମୋହନମୁରାରି ବାରିକ
୧୨ । ସାର୍ ଅଲେକ୍‌ଜାଣ୍ଡର ଫ୍ଲେମିଂ — ଶ୍ରୀ ବସନ୍ତକୁମାର ଦାସ, ବି. ଏସ୍. ସି
ଡକ୍ଟର ସୁକର୍ଣ୍ଣୋ — ଶ୍ରୀ ସହଦେବ ସାହୁ
୧୩ । ଗୃହକର୍ତ୍ତା ଗାନ୍ଧି — ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ

ନବମ ସଂଖ୍ୟା

୧ । ସାଗର ତଳର ରତ୍ନ — ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ-କୁମାର ବେହୁରା, ପି. ଏଚ୍.ଡି
୨ । ଅଲଜ୍ରା ସୋନିକ୍ ସର୍ଜରୀ — ଶ୍ରୀ ବସନ୍ତ କୁମାର ଦାସ ବି. ଏସ୍‌ସି.
୩ । ଫୁଲର ରଙ୍ଗ — ଡକ୍ଟର ଶ୍ରୀ ବିଶ୍ୱନାଥ ସାହୁ ପି.ଏଚ୍.ଡି
୪ । ଶରୀର ମଧ୍ୟରେ ବିଦ୍ୟୁତ୍ — ଶ୍ରୀ ସୁଧାକର ଦାସ, ବି.ଏସ୍‌ସି
୫ । ଏଲ୍ୟୁମିନିୟମ୍ ନିର୍ମିତ ପାନ-ଥାଳ ସ୍ୱାସ୍ଥ୍ୟର ଶତ୍ରୁ — ଶ୍ରୀ ରଘୁନାଥ ପାଣିଗ୍ରାହୀ, ବି. ଏସ୍‌ସି
୬ । ଯନ୍ତ୍ର-ଯୋଗୀ
୭ । ଅନୈତିକ ପ୍ରବୃତ୍ତି କିପରି ବଢ଼ୁଛି. — ସ୍ୱାମୀ ରାମପ୍ରେମୀ
୮ । ପଞ୍ଚବାର୍ଷିକ ଡାକ ଟିକଟ — ଶ୍ରୀ ରଘୁନାଥ ପାଢ଼ି ଶର୍ମା
୯ । ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍ — ଶ୍ରୀ ବରଦା ପ୍ରସନ୍ନ ମହାନ୍ତି
ମାର୍ଶାଲ ବୁଲଗାନିନ୍ — ଶ୍ରୀ ରାମହରି ମିଶ୍ର
୧୦ । ରେଡାର — ଶ୍ରୀ ବିଭୂତି ଭୂଷଣ ମହାନ୍ତି, ଏମ୍. ଏସ୍‌ସି
୧୧ । ଶଙ୍ଖ-କୋଇଲ — ଶ୍ରୀ ମୋହନ ମୁରାରି ବାରିକ
୧୨ । ମଜା ଗପ — ଅଧ୍ୟାପକ ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ
୧୩ । ସୂର୍ଯ୍ୟଙ୍କ ଉତ୍ତାପ କେଉଁଠୁ ଆସୁଛି — ଶ୍ରୀ ଆଶୀର୍ବାଦ ମହାନ୍ତି

ଦଶମ ସଂଖ୍ୟା

୧ । ଆହ୍ୱାନ — ଶ୍ରୀ ଲୋକନାଥ ଖୁଣ୍ଟିଆ
୨ । ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ — ଶ୍ରୀ ବାସୁଦେବ ତ୍ରିପାଠୀ, ବି. ଏ. ଡି. ଇଡ଼.
୩ । ଦ୍ରୁତ ପଠନ ଶୈଳୀ — ଶ୍ରୀ ରବିନାରାୟଣ ସାହୁ
୪ । ମାଛ — ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ-କୁମାର ବେହୁରା ପି ଏଚ୍.ଡି.
୫ । ବିଶାଳ ସାଲଗମର କାହାଣୀ — କୁମାର ତ୍ରିପୁରାରି ବାରିକ
୬ । ଫୁଲର ରଙ୍ଗ (୨) — ଡକ୍ଟର ଶ୍ରୀ ବିଶ୍ୱନାଥ ସାହୁ ପି. ଏଚ୍. ଡି.
୭ । ଓଡ଼ିଆ ଛପା ଅକ୍ଷର ଭଲହେବା ଉଚିତ — ଶ୍ରୀ ରାମକୃଷ୍ଣ ନନ୍ଦ
୮ । ଚେଷ୍ଟାକଲେ ପାରିବ — ଶ୍ରୀ ନବ ପଟ୍ଟନାୟକ
୯ । ଶଙ୍ଖ କୋଇଲ — ଶ୍ରୀ ମୋହନମୁରାରି ବାରିକ
୧୦ । ମିସ୍ ହେଲେନ୍ କେଲର୍ — ଶ୍ରୀ ବାସୁଦେବ ତ୍ରିପାଠୀ ବି. ଏ. ଡି. ଇଡ଼.
୧୧ । ରାଣୀମହୁମାଛିର ମଧୁରସ — ଶ୍ରୀ ବିପିନବିହାରୀ ମହାନ୍ତି
୧୨ । ଆଲବର୍ଟ ଆଇନଷ୍ଟାଇନ୍ — ଶ୍ରୀ ସୁଧାକର ଦାଶ ବି. ଏସ୍‌ସି.

Digitized by srujanika@gmail.com

ବିଷୟ	ଲେଖକ ବା ସଂଗ୍ରାହକଙ୍କ ନାମ
ଏକାଦଶ ସଂଖ୍ୟା—	
୧ । ଅମ ଉପରେ ରେଡ଼ିଓ ଏକ୍ଟିଭିଟିର ପ୍ରଭାବ	ଶ୍ରୀ ବସନ୍ତ କୁମାର ଦାସ ବି.ଏସ୍‌ସି
୨ । ବେଙ୍ଗ ଗୋଡ଼	ଶ୍ରୀ ସୁଧାକର ଦାଷ, ବି.ଏସ୍‌ସି
୩ । ଏମ୍. ସି. କାଉଅର୍ଭେ	ଶ୍ରୀ ଦଲ୍ଲୀପ ମିଶ୍ର
୪ । ଦେଶପାଇଁ ସ୍ୱାର୍ଥତ୍ୟାଗ	ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ କୁମାର ବେହୁରା
୫ । ଇଣ୍ଡିଅନ୍ ଇନ୍‌ଷ୍ଟିଚ୍ୟୁଟ ଅବ୍ ଟେକ୍ନୋଲୋଜି	ଶ୍ରୀ ନାମାନନ୍ଦ ଦାସ, ବି.ଏସ୍‌ସି
୬ । ପିଣ୍ଡଧ	ଡଃ ଶ୍ରୀ ବିଶ୍ୱନାଥ ସାହୁ, ବି. ଏଜି (ନାଗ) ଏମ୍. ଏସ୍. ଏ.ପି.ଏଚ୍.ଡି (ମିଚିଗାନ)
୭ । ଅସାମ୍ଭା	ଶ୍ରୀ ବିପିନ ବିହାରୀ ମହାନ୍ତି
୮ । ଜେନେରାଲ୍ ଶ୍ରୀନଗେଶ	ର:ନା:ଦା
୯ । ଡାକ ବିଭାଗରେ ବିଜ୍ଞାନର ଉପକାରିତା	ଶ୍ରୀ ରଘୁନାଥ ପାଣିଗ୍ରାହୀ
୧୦ । ଫଟୋ ଇଲେକ୍‌ଟ୍ରିକ ଟିଉବ	ଶ୍ରୀ ବିଭୂତି ଭୂଷଣ ମହାନ୍ତି ଏମ୍. ଏସ୍‌ସି, ଗ୍ରାଡ୍. ବ୍ରିଟି. ଆଇ. ଆର୍. ଇ.
୧୧ । ବିଜୟୀ ଖୁଦିରାମ	ଶ୍ରୀ ମୋହନ ମୁରଲି ବାରିକ
୧୨ । ବଡ଼ ମଣିଷଙ୍କ ପିଲାଦିନ	ଶ୍ରୀ ସହଦେବ ସାହୁ
୧୩ । ଚେଷ୍ଟାକଲେ ପାରିବ	ଶ୍ରୀ ନବ ପଟ୍ଟନାୟକ
୧୪ । ବଡ ମଣିଷଙ୍କ ଜୀବନର ଛୋଟ ଛୋଟ ଘଟଣା	ଶ୍ରୀ ଦଲ୍ଲୀପ ମିଶ୍ର

ଚଳିତ (ଦ୍ୱାଦଶ) ସଂଖ୍ୟା ସୂଚୀ

ବିଷୟ	ଲେଖକ	ପୃଷ୍ଠା
୧ । ବିଦ୍ୟୁତ୍‌ରୁ ଚୁମ୍ବକ ନା ଚୁମ୍ବକରୁ ବିଦ୍ୟୁତ	ଶ୍ରୀ ସୁଧାକର ଦାଶ, ବି. ଏସ୍‌ସି	୧
୨ । ଇଲ୍‌ଅକ୍	ଶ୍ରୀ ବସନ୍ତ କୁମାର ଦାଶ, ବି. ଏସ୍‌ସି	୪
୩ । ବିଶ୍ୱବିଖ୍ୟାତ ଦାର୍ଶନିକ ଓମାର ଖୈୟାମ	ଶ୍ରୀ ନାମାନନ୍ଦ ଦାସ, ବି. ଏସ୍‌ସି	୫
୪ । ମରୁ ପାଦପ	ଅଧ୍ୟାପକ ଡଃ ଶ୍ରୀ ବସନ୍ତ କୁମାର ବେହୁରା	୬
୫ । ରେଡ଼ିଓ ଏକ୍ଟିଭିଟିର ଅବିଷ୍କାର	ଶ୍ରୀ ବିଭୂତି ଭୂଷଣ ମହାନ୍ତି, ଏମ୍. ଏସ୍. ସି. ଗ୍ରାଡ୍. ବ୍ରିଟି. ଆଇ. ଆର. ଇ.	୭
୬ । ଐତିହାସିକ ଟେୟୁନ୍‌ବି	ଶ୍ରୀ ବରଦା ପ୍ରସନ୍ନ ମହାନ୍ତି	୯
୭ । ଯକ୍ଷ୍ମା ସଂଗ୍ରାମର ଅବସାନ ସମ୍ଭବ ?	ଶ୍ରୀ ଗ୍ରମହର ମିଶ୍ର	୧୧
୮ । ସଂଖ୍ୟାର ବିଚିତ୍ରତା	ଶ୍ରୀ ନାମାନନ୍ଦ ଦାସ, ବି. ଏସ୍‌ସି	୧୨
୯ । ଚେଷ୍ଟା କଲେ ପାରିବ	ଶ୍ରୀ ନବ ପଟ୍ଟନାୟକ	୧୩
୧୦ । ଫଳର ରଙ୍ଗ ଓ ବାସ	ଡଃ ଶ୍ରୀ ବିଶ୍ୱନାଥ ସାହୁ, ପି. ଏଚ୍. ଡି	୧୬
୧୧ । ଚନ୍ଦ୍ରପୁରୀ ବାଡ଼ି	ଶ୍ରୀ ଭୂପେନ ଗୋସ୍ୱାମୀ	୧୯
୧୨ । ଶଙ୍ଖ କୋଇଲି	ଶ୍ରୀ ମୋହନ ମୁରଲି ବାରିକ	୨୨
୧୩ । ଚନ୍ଦ୍ରର କ୍ଷୟ	ଶ୍ରୀ ରବୀନ୍ଦ୍ରନାଥ ଦାସ	୨୪

ବିଶେଷ ଦ୍ରଷ୍ଟବ୍ୟ :— 'ଆପଣ ଯାହା ପଚାରିଥିଲେ' ର ୧୨ ନମ୍ବର ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଅନୁଯାୟୀ ପ୍ରବନ୍ଧ ସ୍ଥାନାଭାବରୁ ଏ ସଂଖ୍ୟାରେ ଦିଆଯାଇ ପାରିଲା ନାହିଁ । ଏହା ଆସନ୍ତା ସଂଖ୍ୟାରେ ପ୍ରକାଶ ପାଇବ ।

—ସଂ 'ସଂସାର'

Digitized by srujanika@gmail.com

ଚତୁର୍ଥ ବର୍ଷ ● ଜୁଲାଇ, ୧୯୫୫ ● ଦ୍ୱାଦଶ ସଂଖ୍ୟା

ବିଦ୍ୟୁତରୁ ଚୁମ୍ବକ ନା ଚୁମ୍ବକରୁ ବିଦ୍ୟୁତ୍

ଶ୍ରୀ ସୁଧାକର ଦାଶ, ବି.ଏସ୍‌ସି.

ଆଣ୍ଡ୍ରେ ଆମ୍ପିଅରଙ୍କୁ ଯେତେବେଳେ ୧୮ ବର୍ଷ, ସେତେବେଳେ ଫ୍ରାନ୍ସରେ ବିଦ୍ରୋହର ନିଆଁ ଜଳୁଥାଏ। ସେ ଶୁଣିଥିଲେ ଲିଅନ୍ସଠାରେ ଥିବା ଘରୁ ତାଙ୍କର ବାପାଙ୍କୁ ବିଦ୍ରୋହୀମାନେ ଧରିନେଇ ଜେଲରେ ଭର୍ତ୍ତି କରିଥିଲେ ଏବଂ ଯେଉଁଦିନ ତାଙ୍କ ବାପାଙ୍କର ମୁଣ୍ଡ କଟାହେଲା ସେଦିନ ସେ ସମ୍ବାଦ ମଧ୍ୟ ତାଙ୍କର କାନରେ ପଡ଼ିଥିଲା। ଏହି ଘଟଣାର ପ୍ରାୟ ବର୍ଷକ ପର୍ଯ୍ୟନ୍ତ ତାଙ୍କର ମନ ଠିକ ନ ଥାଇ ଘଣ୍ଟାପରି ହୋଇଗଲା। ସେ ଆକାଶକୁ ଦୃଷ୍ଟି ବସିଥାନ୍ତି ବା ଚମକୁଥିବା ମିଳିକମାନେ ଛୋଟ ପାଦରେ ବାଲି ପୁରାଇ ଥାଆନ୍ତି। ତାଙ୍କର ଚତୁର୍ଦ୍ଦିଗରେ କଅଣ ଘଟୁଛି ତାପ୍ରତି ଭ୍ରୂକ୍ଷେପ ନ ଥାଏ।

ପିଲାଙ୍କର ଦଶା ବଦଳିଲା। ବିଦ୍ରୋହର ପୂର୍ବରୁ ତ ଆଣ୍ଡ୍ରେ ଭଲ ପିଲା ଥିଲା। ଗଣ୍ଡ ଶିଖିବା ପୂର୍ବରୁ ସେ ଗଣିବା, ମିଶାଣ, ଫେଡ଼ାଣ, ଆଦି କରି ପାରୁଥିଲା। ଏତେ ଶୀଘ୍ର ପଢ଼ାପଢ଼ି କଲେ ମୁଣ୍ଡ ଖରାପ ହୋଇଯିବ ବୋଲି ମା ତା ପାଖରୁ କାଗଜ କଲମ ନେଇ ଯାଉଥିଲେ, କିନ୍ତୁ ପୁଣି ଦେଖନ୍ତି ତ ପୁଅ ବାଲି ଉପରେ ସଂଖ୍ୟା ଲେଖୁଛି। ସେ ସମୟରେ ସେ ଜାଣିଥିଲେ ଯେ ପୁଅ ବଡ଼ ବିଦ୍ୱାନ ହେବ।

ବାପା ମଧ୍ୟ ତାହା ଜାଣି ପୁଅକୁ ଗ୍ରୀକ୍ ଓ ଲାଟିନ୍ ଭାଷା ଶିକ୍ଷା ଦେଉଥିଲେ। ଗ୍ରୀକ୍ ଓ ଲାଟିନ ଭାଷା ସେ ସମୟରେ ପଣ୍ଡିତମାନଙ୍କ ମଧ୍ୟରେ ଆଦର ପାଉଥିଲା, ଆଣ୍ଡ୍ରେ କିନ୍ତୁ ଲାଟିନ୍‌ଭାଷା ଶିଖିବାକୁ ଘୃଣା କରୁଥିଲେ। ତାଙ୍କର ଗଣିତ ବିଦ୍ୟା ଶିକ୍ଷା କରିବାକୁ ଖୁବ୍ ଆଗ୍ରହ ଥିଲା। ଏପରି କି ଗୋଟିଏ ଗଣିତ ବହି ଲାଟିନ୍‌ରେ ଲେଖା ହୋଇଥିବାରୁ ସେ ସେଥିପାଇଁ ଲାଟିନ ମନୋଯୋଗ ସହିତ ଅଧ୍ୟୟନ କରିଥିଲେ। ବର୍ତ୍ତମାନ ବାପାଙ୍କର ମୃତ୍ୟୁରେ ସେ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲେ। ବଡ଼ ପଣ୍ଡିତ ହେବା ବ୍ୟକ୍ତି ବର୍ତ୍ତମାନ ଶୂନ୍ୟମନରେ ଆକାଶକୁ ଦୃଷ୍ଟି ରହିଲେ।

ଏହିପରି ବର୍ଷେ ଗଡ଼ିଗଲା। ଦିନେ ଆକସ୍ମିକ ଭାବରେ ସେ ରୁଷୋଙ୍କର ଉଦ୍ଭିଦ ବିଜ୍ଞାନ ସମ୍ବନ୍ଧରେ ଖଣ୍ଡିଏ ପୁସ୍ତକ ପାଇଲେ। ତାକୁ ପଢ଼ି ସେ ଫୁଲ, ପତ୍ର, ଗଛ ଓ ତାର ମୂଳ ଆଦି ପରୀକ୍ଷା କରିବାରେ ଲାଗିଗଲେ। କ୍ଷେତ ମଧ୍ୟରେ ବୁଲିଲେ। କିଛିଦିନ ପରେ ସେ ହୋରେସଙ୍କର ଜୀବନର କ୍ଷୁଦ୍ରତା ଓ ଜୀବନରେ ଥିବା ସୌନ୍ଦର୍ଯ୍ୟ ବିଷୟରେ ଏକ ବହି ପଢ଼ିଲେ। ତାହା ପଢ଼ି ସେ ଜୀବନ ଓ ମରଣ ସମ୍ପର୍କରେ ଆଲୋଚନା କରିବାରେ ଲାଗିପଡ଼ିଲେ। ତାଙ୍କର ମସ୍ତିଷ୍କର ଅବସ୍ଥା ଭଲ ହୋଇ ଆସୁଥାଏ।

୨୦ ବର୍ଷ ବୟସରେ ସେ ଜୁଲିକାରୁନଙ୍କୁ ବିବାହ କଲେ। ତାଙ୍କର ଶ୍ୱଶୁର ଚାହିଁଥିଲେ ଯେ, ଜୋଇଁ ସିଲ୍କ ବ୍ୟବସାୟ କରୁ କିନ୍ତୁ ଆମ୍ପିୟରଙ୍କର ଗଣିତପ୍ରତି ଶ୍ରଦ୍ଧା ଯୋଗୁ ସେ ଗୋଟିଏ ସ୍କୁଲରେ ବିଜ୍ଞାନ ଶିକ୍ଷକ ହେଲେ। ସେଠାରେ ରହି ସେ ଗୋଟିଏ ବହି ଲେଖିଲେ। ବହିଟି

Digitized by srujanika@gmail.com

ନାମ ହେଉଛି 'ଜୁଆଖେଳ—ଗଣିତର ବିଚାର' । ଏଥିରେ ସେ ପ୍ରମାଣ କଲେ ଯେ ଜଣେ ଯଦି ବେଶୀ ସମୟ ଜୁଆ ଖେଳେ ସେ ନିଶ୍ଚୟ କ୍ଷତିରେ ପଡ଼ିବ । ଏଥିରେ ତାଙ୍କର ଖ୍ୟାତି ବଢ଼ିଲା । ଅଳ୍ପେ ଅଳ୍ପେ ସେ ଉଚ୍ଚପଦ ଓ ସମ୍ମାନର ଅଧିକାରୀ ହେଲେ ।

ସେ ଇଲେକ୍ଟ୍ରିସିଟି ଉପରେ ଗବେଷଣା ଚଳାଇଲେ । ଡେନମାର୍କର ଅର୍ଷ୍ଟେଡ ନାମକ ଜଣେ ବୈଜ୍ଞାନିକ ୧୮୨୦ରେ ଇଲେକ୍ଟ୍ରିକ ତାର ପାଖରେ ଦିଗନିର୍ଣ୍ଣୟ ଯନ୍ତ୍ରର କଣ୍ଟା ବୁଲାଇ ପାରିଥିଲେ । ବର୍ତ୍ତମାନ ଅମ୍ପିଅର ନିଜେ ସେହି ପରୀକ୍ଷା ଚଳାଇଲେ । ସେ ଅତି ଯତ୍ନସହକାରେ ଗଣିତ ବିଦ୍ୟା ସାହାଯ୍ୟରେ ବିଦ୍ୟୁତସ୍ରୋତର ଶକ୍ତି ଓ କମ୍ପାସ କଣ୍ଟାର ଘୂର୍ଣ୍ଣନ ମଧ୍ୟରେ ଥିବା ସମ୍ବନ୍ଧ ବାହାର କରିଥିଲେ ।

ତାପରେ ସେ ବିଦ୍ୟୁତଯୁକ୍ତ ତାରରେ ପରୀକ୍ଷା ଚଳାଇଲେ । ସେ ଏପରି ତାର ଦୁଇଟି ଯେତେବେଳେ ପରସ୍ପରର ପାଖକୁ ଆଣିଲେ ଏବଂ ବିଦ୍ୟୁତସ୍ରୋତକୁ ଗୋଟିଏ ଦିଗରେ ପ୍ରବାହିତ କଲେ ତାର ଦୁଇଟି ପରସ୍ପରର ନିକଟକୁ ଲାଗି ଆସିବାପରି ଜଣାଗଲା କିନ୍ତୁ ପରସ୍ପରକୁ କେହି ଛୁଇଁଲେ ନାହିଁ । ଯେତେବେଳେ ବିଦ୍ୟୁତସ୍ରୋତ ପରସ୍ପରର ବିପରୀତ ଦିଗରେ ପ୍ରବାହିତ ହେଲା, ତାର ଦୁଇଟି ପରସ୍ପର ଠାରୁ ଦୂରେଇ ଗଲେ । ତାରର ଚାରିପାଖରେ ଥିବା ସ୍ଥାନ ସେମାନଙ୍କଠାରେ ଥିବା ବିଦ୍ୟୁତ ଦ୍ୱାରା ପ୍ରଭାବିତ ହେଲା । ପରେ ଏହି ସ୍ଥାନକୁ ବିଦ୍ୟୁତକ୍ଷେତ୍ର (Electric field) କୁହାଗଲା ।

ଦିନେ ଅମ୍ପିୟର ତାର ଗୁଡ଼ାଏ ଗୋଟିଏ ଲୁହାର ଚାରିପାଖରେ ଗୁଡ଼ାଇଲେ । ଯେତେବେଳେ ସେ ତାର ମଧ୍ୟରେ ବିଦ୍ୟୁତସ୍ରୋତ ପ୍ରବାହିତ କଲେ, ଲୁହାଟି ଚୁମ୍ବକ ହୋଇଗଲା । ଏହି ଅସାଧାରଣ ତଥ୍ୟ ଉପରେ ସେ ଚିନ୍ତା କରିବାକୁ ଲାଗିଲେ । ଶେଷରେ ସେ ବିଶ୍ୱାସ କଲେ ଯେ ଲୁହାର ସମସ୍ତ ଅଣୁ ବିଦ୍ୟୁତସ୍ରୋତ ଦ୍ୱାରା ଚୁମ୍ବକ ପାଲଟି ଯାଇଛି ।

ତାହାହେଲେ ବର୍ତ୍ତମାନ ଇଚ୍ଛାନୁଯାୟୀ ଚୁମ୍ବକ ତିଆରି କରିହେବ ଏବଂ ଚୁମ୍ବକର ଶକ୍ତି ମଧ୍ୟ ବାଢ଼ିଦେଇ ହେବ । ଏହାର ଉପକାରିତା ହୁଏତ ଅମ୍ପିୟର ଚିନ୍ତା କରି ନଥିବେ କିନ୍ତୁ ପରେ ଏହା ଟେଲିଗ୍ରାଫ୍, ଇଲେକ୍ଟ୍ରିକ ବେଲ୍, ଆଦି ତିଆରି କରିବାରେ ଅଧିକ ସାହାଯ୍ୟ କଲା ।

ଅମ୍ପିଅର ଏତେ ବଡ଼ ଉଦ୍ଭାବନ କଲେ କିନ୍ତୁ ସମ୍ମାନ ବା ଯଶପ୍ରତି ତାଙ୍କର ଆଦୌ ଭ୍ରୂକ୍ଷେପ ନ ଥିଲା । ସେ ଏ କାମ ସାରିବା ପରେ ଜୀବନ ଓ ମୃତ୍ୟୁ ସମ୍ବନ୍ଧରେ ଆଲୋଚନା କରିବାପାଇଁ ତାଙ୍କର ଦୁଇଜଣ ବନ୍ଧୁଙ୍କ ପାଖକୁ ଚାଲିଗଲେ । ୬୧ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ । ତାଙ୍କର ନାମ ଅନୁସାରେ ବିଦ୍ୟୁତ ସ୍ରୋତର ଏକ ଏକକ ଅମ୍ପିଅର ନାମରେ ପରିଚିତ । ବିଦ୍ୟୁତ ଭୋଲ୍ଟ ଓ ଅମ୍ପିୟର ସହିତ ଅଧିକାଂଶ ଲୋକ ପରିଚିତ ।

ଅମ୍ପିଅର ବିଦ୍ୟୁତରୁ ଚୁମ୍ବକ ତିଆରି କଲେ । ଏହା ପଢ଼ି ମାଇକେଲ୍ ଫାରାଡେ ଭାବିଲେ, 'ତାହାହେଲେ ଚୁମ୍ବକରୁ ବିଦ୍ୟୁତ କାହିଁକି ଉତ୍ପନ୍ନ ନ ହେବ ।' ସେ ଅର୍ଷ୍ଟେଡ୍ ଓ ଅମ୍ପିୟରଙ୍କର ସିଦ୍ଧାନ୍ତଗୁଡ଼ିକ ପୁଣି ପରୀକ୍ଷା କଲେ ଏବଂ ଚୁମ୍ବକରୁ ବିଦ୍ୟୁତ ଉତ୍ପନ୍ନ କରିବାପାଇଁ ଚେଷ୍ଟା ଚଳାଇଲେ । ୮½" ଲମ୍ବ ଓ ୩/୪ ଇଞ୍ଚ ବ୍ୟାସର ଏକ ଚୁମ୍ବକ ପାଇଲେ । ୨୨୦ ଫୁଟ ଲମ୍ବର ତମ୍ବା ତାରକୁ ଗୁଡ଼ାଇ ସେ ଚକ୍ର ମଧ୍ୟରେ ଯେତେବେଳେ ଚୁମ୍ବକ ଭର୍ତ୍ତି କଲେ ବିଦ୍ୟୁତ ଉତ୍ପନ୍ନ ହେଲା । ସେ ଚୁମ୍ବକଟି ଚକ୍ର ତାରମଧ୍ୟରେ ପୂରାଇବା ଓ ବାହାର କରିବା ସମୟରେ ବିଦ୍ୟୁତ ଜାତ ହେଉଥାଏ । ଯେତେବେଳେ ଚୁମ୍ବକ ତାହା ମଧ୍ୟରେ ସ୍ଥିର ରହୁଥାଏ ସେତେବେଳେ କିଛି ନାହିଁ ।

ଏହା ଦେଖିବାମାନେ ଚାଳିଶ ବର୍ଷ ବୟସ୍କ ମାଇକେଲ୍ ଫାରାଡେ ବିଜ୍ଞାନାଗାରର ଟେବୁଲ ଉପରୁ ଡେଇଁପଡ଼ି ନାଚିବାରେ ଲାଗିଲେ । ତାହାହେଲେ ଚୁମ୍ବକରୁ ବିଦ୍ୟୁତ-ଶକ୍ତି ଉତ୍ପନ୍ନ ହୋଇ ପାରିବ ! ଏହାର ଉତ୍ପତ୍ତି ପାଇଁ ଗତି ଦରକାର । ସେ ଭାବିଲେ ବୋଧହୁଏ ଧାତୁ ଚୁମ୍ବକୀୟ ବଳରେଖା ବା ଚୁମ୍ବକୀୟ ଶକ୍ତିରେଖା କାଟିବାରୁ ବିଦ୍ୟୁତ ଉତ୍ପନ୍ନ ହେଉଛି ।

ତା ପରେ ସେ ବିଦ୍ୟୁତ ଉତ୍ପାଦନ ପାଇଁ ଗୋଟିଏ କଳ ତିଆରି କରିବା ପାଇଁ ଲାଗି ପଡ଼ିଲେ । ସେ ଗୋଟିଏ 'ଘୋଡ଼ାନାଲଭଳି ଚୁମ୍ବକ (Horse-shoe Magnet) ନେଇ ତାହାର ଦୁଇ ମେରୁ ମଧ୍ୟରେ ଗୋଟିଏ ତମ୍ବା ଥାଳିଆ ରଖିଲେ । ଏହି ତମ୍ବା ଥାଳିଆକୁ ଘୁରାଇବାରେ ବିଦ୍ୟୁତ ପ୍ରବାହ ସୃଷ୍ଟି ହେଲା । ଏହି ଘୋଡ଼ାନାଲ ଚୁମ୍ବକ ଓ ତମ୍ବାଥାଳିଆ ସାହାଯ୍ୟରେ ସେ ପୃଥିବୀର ସର୍ବ ପ୍ରଥମ ଡାଇନାମୋ ତିଆରି କଲେ ।

Digitized by srujanika@gmail.com

ଗିଲବର୍ଟ ପ୍ରଥମେ ଘର୍ଷଣ କଳ ଦ୍ୱାରା ବିଦ୍ୟୁତ ଉତ୍ପାଦନ କରିଥିଲେ । ଭଲଟା ତାଙ୍କର ଧାତୁଗଦାରୁ ବିଦ୍ୟୁତ ସଂଗ୍ରହ କରିଥିଲେ । ବର୍ତ୍ତମାନ ଫାରାଡ଼େ ଚୁମ୍ବକର ଦୁଇ ମେରୁ ମଧ୍ୟରେ ତମ୍ବା ଥାଳିଆର ଗତିଦ୍ୱାରା ଏକ ଅପରନ୍ତ ବିଦ୍ୟୁତ ସ୍ରୋତ ଉତ୍ପାଦନ କଲେ । ଫାରାଡ଼େ ତାଙ୍କର ଉଦ୍ଭାବନକୁ ପେଟେଣ୍ଟ କଲେନାହିଁ ବା ଅଉ କଳ ତିଆରି କରିବାକୁ ଇଚ୍ଛା ତାଙ୍କର ନ ଥିଲା । ସେ କେବଳ ତାଙ୍କର ପରୀକ୍ଷାର ଫଳ ଜଗତକୁ ଜଣାଇ ଦେଲେ । ଏହା ପରେ ସେ ବିଦ୍ୟୁତକୁ ପାଣି ମଧ୍ୟରେ ଗତି କରାଇ ସେଥିରୁ ଉତ୍ପନ୍ନ ହେଉଥିବା ବାଷ୍ପକୁ ମାପି ସେଥିରୁ ବିଦ୍ୟୁତଶକ୍ତି ମାପିବାର ଏକ ଉପାୟ ବାହାର କଲେ ।

୧୮୬୭ ମସିହା ଅଗଷ୍ଟ ୩୦ ତାରିଖରେ ସେ ବଗିଚାରେ ବସିଥିବା ସମୟରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ତାଙ୍କ ପରେ ପରେ ଲୋକମାନେ ବିଦ୍ୟୁତ ଉତ୍ପାଦନ ଓ ବିଦ୍ୟୁତଶକ୍ତିର ବିନିଯୋଗ ପାଇଁ ଲାଗିପଡ଼ିଲେ । ମୋର୍ସ ଟେଲିଗ୍ରାଫ ଓ ଗ୍ରାହାମ ବେଲ୍ ଟେଲିଫୋନ୍ ଆବିଷ୍କାର କଲେ । ଏଡିଶନ ବିଦ୍ୟୁତ ଆଲୋକ ଉତ୍ପନ୍ନ କଲେ । ୧୮୯୦ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ପାର୍ଲାମେଣ୍ଟରେ ବୈଦ୍ୟୁତିକ ତାର ଲାଗିଲା । ତାର କିଛିଦିନ ପରେ ଲଣ୍ଡନ ସହରରେ ବିଦ୍ୟୁତ ସାହାଯ୍ୟରେ ଟ୍ରାମ ଗାଡ଼ି ଚାଲିଲା ।

ଏହି ସମୟରେ ଶିଳ୍ପର ପ୍ରସାର ଚାଲିଥାଏ । ଅଧିକରୁ ଅଧିକ କାରଖାନା ଖୋଲୁଥାଏ । ଏହି କାରଖାନାଗୁଡ଼ିକରୁ ଧୂଆଁ ବାହାରି ଆକାଶ କଳା କରୁଥାଏ । କାରଖାନାଗୁଡ଼ିକ ସାଧାରଣତଃ କୋଇଲା ଖଣି ନିକଟରେ ହେଉଥିଲା । ଗୋଟିଏ ସ୍ଥାନରେ ଅନେକଗୁଡ଼ିଏ କାରଖାନା ରହିଥିବାରୁ ସ୍ଥାନ ଅପରିଷ୍କାର ହେଉଥିଲା ।

ବର୍ତ୍ତମାନ ମାଇକେଲ୍ ଫାରାଡେଙ୍କ ପରୀକ୍ଷା ଅନୁଯାୟୀ ଡାଇନାମୋ ତିଆରି ହୋଇଯାଇଥିଲା । ବ୍ୟବସାୟୀମାନେ କୋଇଲା ଓ ପାଣି ପରିବର୍ତ୍ତେ ଡାଇନାମୋ ବ୍ୟବହାର କରିବାକୁ ଇଚ୍ଛା କଲେ । ବିଦ୍ୟୁତଶକ୍ତି ବ୍ୟବହାର କରିବାଦ୍ୱାରା କାରଖାନା ପରିଷ୍କାର ରହିବ, ଆଉ ଧୂଆଁ ସମସ୍ୟା ରହିବ ନାହିଁ । ବିଦ୍ୟୁତଶକ୍ତିକୁ ତାରଦ୍ୱାରା ଦୂରକୁ ନିଆଯାଇ ପାରିଲେ କାରଖାନାମାନ ଯେ କୌଣସି ସ୍ଥାନରେ ସ୍ଥାପିତ ହୋଇପାରିବ ।

ଊନବିଂଶ ଶତାବ୍ଦୀର ଶେଷବେଳକୁ ମଧ୍ୟ ବିଦ୍ୟୁତ ଗୋଟିଏ ରହସ୍ୟ ଥିଲା । ଏହାକୁ ଶିଳ୍ପରେ ଲଗାଇବାପାଇଁ ଚେଷ୍ଟା ଚାଲିଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବଡ଼ ବଡ଼ ଡାଇନାମୋ ତିଆରିପାଇଁ ଆୟୋଜନ ହୋଇଥାଏ । କିନ୍ତୁ ଏହାକୁ ଶିଳ୍ପରେ ବ୍ୟବହାର କରିବା ସମ୍ଭବ ହୋଇ ନ ପାରେ ବୋଲି ଅନେକ ଭାବୁଥାଆନ୍ତି । ଗୋଟିଏ କଳରେ କେତେ ବିଦ୍ୟୁତସ୍ରୋତ ଲାଗିବ ତାକୁ ନିୟନ୍ତ୍ରଣ କରିବାର ଉପାୟ ଜଣା ନ ଥାଏ । ସମୟ ସମୟରେ ସ୍ରୋତ ଦୁର୍ବଳ ଥାଏ ଏବଂ ସମୟ ସମୟରେ ସ୍ରୋତ ଏତେ ପ୍ରବଳ ହୁଏ ଯେ କଳ ଖରାପ ହୋଇଯିବାର ଆଶଙ୍କା ରହେ । ଡାଇନାମୋରୁ ଉତ୍ପନ୍ନ ପ୍ରତୀପ ସ୍ରୋତ (**Alternative current**)କୁ ସିଧାସ୍ରୋତ (**Direct current**)ରେ ବଦଳାଇବାର ଉପାୟ ବାହାରିଥାଏ । ସିଧାସ୍ରୋତ ଶିଳ୍ପମାନଙ୍କରେ ବ୍ୟବହାର କରିବା ସହଜ ଓ ନିରାପଦ । ଅଧିକନ୍ତୁ ଦେଖାଗଲା ଯେ ଯେତେବେଳେ ବିଦ୍ୟୁତ ଅନେକ ଦୂରକୁ ତାର ସାହାଯ୍ୟରେ ନିଆଗଲା ବାଟରେ ଅନେକ ନଷ୍ଟ ହେଲା । ଫଳତଃ ବହୁଦୂର ନେବା ବ୍ୟୟସାଧ୍ୟ ହୋଇପଡ଼ିଲା । ଇଞ୍ଜିନିୟରମାନେ ଜାଣିଥିଲେ ଉଚ୍ଚଶକ୍ତିଯୁକ୍ତ (**High voltage**) ସ୍ରୋତ ତାରଦ୍ୱାରା ପଠାଗଲେ ନଷ୍ଟ କମ୍ ହେବ କିନ୍ତୁ ତାହା କିପରି କରାଯାଇ ପାରିବ ?

ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଅନେକ ବିଜ୍ଞାନାଗାର ଖୋଲି ଗବେଷଣା ଚାଲିଲା । ଏହା ମଧ୍ୟରେ ଆମେରିକାର ଜେନେରାଲ ଇଲେକ୍‌ଟ୍ରିକ୍ କମ୍ପାନୀ ସ୍କେନେକ୍ଟାଡ଼ିରେ ଥିବା ତାର ବିଜ୍ଞାନାଗାରରେ ଭଲ ଦରମାରେ ବୈଜ୍ଞାନିକମାନଙ୍କୁ ଗବେଷଣାପାଇଁ ନିଯୁକ୍ତ କଲା । ଏହି ବିଜ୍ଞାନାଗାରରେ ଚାର୍ଲସ୍ ସ୍ଟିନ୍‌ମେଜ ପ୍ରାୟ ଉପରୋକ୍ତ ସମସ୍ତ ସମସ୍ୟାର ସମାଧାନ କରିଥିଲେ । ସେ ବଡ଼ ବଡ଼ ବିଦ୍ୟୁତ ଉତ୍ପାଦନ ଯନ୍ତ୍ର (**Generator**) ବିଦ୍ୟୁତ ପରିବର୍ତ୍ତନ କରିବା ଯନ୍ତ୍ର (**Transformer**) ତିଆରି କରିଥିଲେ ।

ସେପରେ ଗ୍ରୀକ୍‌ମାନଙ୍କ ଚୁମ୍ବକ, ଉଇଲିୟମ୍ ଗିଲବର୍ଟଙ୍କର ଏମ୍ବର, ଫାରାଡ଼େଙ୍କର ମଟର ଆଜି ବଡ଼ି ଆକାର ପୃଥିବୀକୁ ଆଲୋକ ଦେବା ସଙ୍ଗେ ସଙ୍ଗେ କଳକାରଖାନାର ଚକ ଘୁରାଇବାକୁ ସମର୍ଥ ହୋଇଛି । ବର୍ତ୍ତମାନ ବିଦ୍ୟୁତ ସାହାଯ୍ୟରେ ରେଳଗାଡ଼ି, ମଟର, ଟ୍ରାକ୍ଟର, ପାଣିପମ୍ପ, କଳ

Digitized by srujanika@gmail.com

କାରଖାନାର ଚକ ଘୁରାଇବାକୁ ସମର୍ଥ ହୋଇଛି । ବର୍ତ୍ତମାନ ବିଦ୍ୟୁତ୍ ସହାଯ୍ୟରେ ରେଲଗାଡ଼ି, ମଟର, ଟ୍ରାକ୍ଟର, ପାଣି-ପମ୍ପ, କଲ କାରଖାନା, ଓଜନିଆ ଜିନିଷ ଉଠାଇବା ପାଇଁ କ୍ରେନ୍ ଆଦି ଚାଳିତ ହେଉଛି । ବିଦ୍ୟୁତ୍ ସାହାଯ୍ୟରେ ଦୁଇ ଧାତୁ ମଧ୍ୟ ଯୋଡ଼ା ହୋଇ ପାରୁଛି ।

ଷ୍ଟେନ୍‌ମିଜ୍ ହିଁ ବିଦ୍ୟୁତ୍‌କୁ ଶିଳ୍ପ ଉପଯୋଗୀ କରି ପାରିଲେ । ତାଙ୍କର ୧୯୨୩ ମସିହାରେ ମୃତ୍ୟୁ ହେଲା । ତାଙ୍କ ପରେ ମଧ୍ୟ ବିଦ୍ୟୁତ୍ ଉପରେ ଗବେଷଣା ଚାଲିଛି ଏବଂ ବର୍ତ୍ତମାନ ତାର ନୂତନ ନୂତନ ବ୍ୟବହାର ପାଇଁ ଚେଷ୍ଟା କରା ହେଉଛି ।

ଇଲ୍‌ଆକ୍

ଶ୍ରୀ ବସନ୍ତକୁମାର ଦାଶ, ବି. ଏସ୍‌ସି.

π ଏବଂ eର ମୂଲ୍ୟ ଜଣା ଅଛି । ଯଦି b ର ମୂଲ୍ୟ ୧ କିମ୍ବା ୨ ହୁଏ ତେବେ

$$Y=\frac{1}{\sqrt{2\pi}\,b}\cdot e^{-\frac{x^2}{2b^2}}$$ ର ଅର୍ଥ କଣ ?

ଏହାର ଅର୍ଥକୁ ଏକ ଶୃଙ୍ଖଳିତ ବକ୍ରରେଖାରେ ପ୍ରକାଶ କରି ଯାଇ ପାରେ । ଗ୍ରାଫ୍ କାଗଜରେ X ଏବଂ Yର ଅପେକ୍ଷିକ ସ୍ଥାନ ନିରୂପଣ କରି ଏହାର ରେଖାଙ୍କନ କରିବାକୁ ଜଣେ ଗଣିତଜ୍ଞଙ୍କୁ ଖୁବ୍ କମ୍‌ରେ ଦଶ ମିନିଟ ସମୟ ଲାଗିବ । କିନ୍ତୁ ବର୍ତ୍ତମାନ ଏକ ମସ୍ତିଷ୍କ ଏହି ଜଟିଳ ରେଖା-ଗଣିତ ପ୍ରକ୍ରିୟାକୁ ଦୁଇ ସେକେଣ୍ଡରେ କରି ପାରିବ । ଏହି ମସ୍ତିଷ୍କ ରାମ କିମ୍ବା ଶାମର ନୁହେଁ—ଇଲ୍‌ଆକ୍‌ର, ଏକ ଯନ୍ତ୍ରର ।

ଇଲ୍‌ଆକ୍ ଏକ ସ୍ୱତନ୍ତ୍ର ଇଲେକ୍‌ଟ୍ରୋନିକ୍ ଯନ୍ତ୍ର । ଆମେରିକାର ଇଲିନଇସ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ଦ୍ୱାରା ନିର୍ମିତ । ହିସାବଶାସ୍ତ୍ରରେ ଯେ କୌଣସି ଗଣିତଜ୍ଞ ଅପେକ୍ଷା ଏହା ଅଧିକ ପାରଦର୍ଶୀ । ଏହି ଯନ୍ତ୍ରଟି ଇଲେକ୍‌ଟ୍ରୋନିକ୍ ଶକ୍ତି ଦ୍ୱାରା ଚାଳିତ ଏବଂ ଏହା ସହିତ ଇଲେକ୍‌ଟ୍ରୋନିକ୍ କେମେରା, ଟାଇପ୍‌ରାଇଟର ଏବଂ ଗ୍ରାଫାର ସଂଯୁକ୍ତ ।

ଯେ କୌଣସି ଅଙ୍କ ପ୍ରଶ୍ନ ଇଲ୍‌ଆକ୍‌କୁ ପଚାରିଲେ ଅଳ୍ପ କେତେ ସେକେଣ୍ଡ ମଧ୍ୟରେ ଉତ୍ତର ମିଳି ପାରିବ । ହରଣ, ଗୁଣନ, ମିଶାଣ, ବିୟୋଗ, ଦଶମିକ, ବର୍ଗଫଳ, ଘନଫଳ, ଘାତଫଳ, ଇନଫିନିଟି, ଇମାଜିନେରି କ୍ୱାଣ୍ଟିଟି, ଟେକ୍‌ନୋଲଏଲ, ଇଣ୍ଟିଗ୍ରେଲ୍, ଡିଫାରେନ୍‌ସିଏଲ, ସାର୍ଫେସ୍ ପ୍ରଭୃତି ହିସାବ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନର ଏହା ଉତ୍ତର ଦେଇପାରେ ।

ସାଧାରଣ ଗୁଣନ, ହରଣ, ମିଶାଣ ବିୟୋଗ ନିମନ୍ତେ କମ୍ପ୍ୟୁଟର ଏବଂ କମ୍ପଟୋମିଟର ଯନ୍ତ୍ର ଆଗରୁ ଅନେକ ବାହାରିଛି । କମ୍ପ୍ୟୁଟର ହିସାବରେ ଇଲ୍‌ଆକ୍ ପୃଥିବୀରେ ଅଦ୍ୱିତୀୟ । ଦଶ ହଜାର ଯୋଗ ପ୍ରକ୍ରିୟା ଏହା ଏକ ସେକେଣ୍ଡ ମଧ୍ୟରେ କରିପାରେ । ପ୍ରଶ୍ନକର୍ତ୍ତାର ଇଚ୍ଛା ଅନୁସାରେ ଇଲ୍‌ଆକ୍ ପ୍ରଶ୍ନର ଉତ୍ତର ଟାଇପ୍‌ରାଇଟରରେ ଲେଖିପାରେ, କିମ୍ବା କେମେରା ସାହାଯ୍ୟରେ ରେଖାରେ ବା ଅଙ୍କରେ ଲିପିବଦ୍ଧ କରିପାରେ ।

ସାରା ଜୀବନ ଲାଗି ଜଣେ ଗାଣିତିକ ଯେତେ ହିସାବ କରି ପାରିବ, ଇଲ୍‌ଆକ୍ ତାହା କେବଳ ପାଞ୍ଚ ମିନିଟ ମଧ୍ୟରେ କରି ପାରିବ ।

ଗ୍ରାଫ୍ ବା ରେଖାଙ୍କନ ନିମନ୍ତେ ଏହା ଏକ ସେକେଣ୍ଡରେ ୨୦୦ ବିନ୍ଦୁ ନିରୂପଣ କରିପାରେ । କେଥୋଡ଼ ରଶ୍ମି ପର୍ଦ୍ଦାରେ ରେଖା ଚିତ୍ରଟି ପ୍ରତିଫଳିତ ହୁଏ ଏବଂ ସଙ୍ଗେ ସଙ୍ଗେ ୩୫ ମିଲିମିଟର ଫିଲ୍ମ ସାହାଯ୍ୟରେ ଏହାର ଚିରସ୍ଥାୟୀ ଚିତ୍ର ଉଠିଯାଏ ।

ଇଲିନଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଯନ୍ତ୍ରଟିର ନିର୍ମାଣ ଗତବର୍ଷ ଶେଷ କରିଛନ୍ତି । ଏହା କେବଳ ଉକ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷା ଏବଂ ଗବେଷଣା କାର୍ଯ୍ୟରେ ନିୟୋଜିତ ହେବ ।

ଇଞ୍ଜିନିୟରିଂ, ଫିଜିକ୍ସ, କେମିଷ୍ଟ୍ରି, ସାଇକୋଲଜି ଏବଂ ବିଶେଷତଃ ମିଟିଓରୋଲଜି (ପାଣିପାଗ ସମ୍ବନ୍ଧୀୟ ବିଜ୍ଞାନ) ପ୍ରଭୃତିରେ ଅନେକ ଅଙ୍କ ଆସି ପଡ଼ନ୍ତି, ଯାହାକି ବର୍ଷ ବର୍ଷ କଷିଲେ ବି ଫଳ ବାହାରେ ନାହିଁ । ଏହି ସମସ୍ତ ସମସ୍ୟା ଇଲ୍‌ଆକ୍ ଅତି ସହଜରେ ସମାଧାନ କରି ପାରିବ ।

ଆପଣ ଯଦି ଜଣେ ଭଲ ଗାଣିତିକ ହୋଇଥାନ୍ତି ଏବଂ ଏକ ହଜାର ବର୍ଷ ବଞ୍ଚନ୍ତି, ତେବେ ଆପଣଙ୍କ ଜୀବନ କାଳରେ ଆପଣ ଯେତେ ଅଙ୍କ କରି ପାରିବେ, ଇଲ୍‌ଆକ୍ ତାହା କେବଳ ଏକ ସପ୍ତାହ ମଧ୍ୟରେ କରି ପାରିବ ।

Digitized by srujanika@gmail.com

ବିଶ୍ୱବିଖ୍ୟାତ ଦାର୍ଶନିକ ଓମାର ଖୈୟାମ

ଶ୍ରୀ ନାମାନନ୍ଦ ଦାସ, ବି. ଏସ୍‌ସି.

ପ୍ରଥମ

ଜୀବନର ଶ୍ରେଷ୍ଠ ଦର୍ଶନ ସମ୍ବନ୍ଧରେ ପୃଥିବୀର ଯେଉଁ କେତେଜଣ ବ୍ୟାଖ୍ୟା କରି ଯାଇଛନ୍ତି, ସେମାନଙ୍କ ମଧ୍ୟରେ ପାରସ୍ୟର ଦାର୍ଶନିକ ଓମାର ଖୈୟାମ ଅନ୍ୟତମ । ତାଙ୍କର ସମ୍ପୂର୍ଣ୍ଣ ନାମ ହେଉଛି 'ଗିୟାସୁଦ୍ଦିନ ଇବନ୍ ଆବୁଲ୍ ଫତେହ ଓମର୍ ବିନ୍ ଇବ୍ରାହିମ୍ ଅଲ୍ ଖୈୟାମ' । ସେ ଖୋରାସାନ ପ୍ରଦେଶର ନୈଶାପୁର ଗ୍ରାମରେ ପ୍ରାୟ ଏକାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଓ ତାଙ୍କର ବଂଶ ପରିବାରର ଇତିହାସ ସମ୍ବନ୍ଧରେ ଏବେ ସୁଦ୍ଧା ବିଶେଷ କିଛି ଜଣାଯାଇ ନାହିଁ ।

ବାଲ୍ୟକାଳରେ ସେ ଖୋରାସାନରେ ପଣ୍ଡିତ ଇମାମ୍ ମଓବାଫିକ୍‌ଙ୍କ ନିକଟରେ ଶିକ୍ଷାଲାଭ କରିଥିଲେ । ସେହି ସମୟରେ ତାଙ୍କର ଦୁଇଜଣ ଅନ୍ତରଙ୍ଗ ସହପାଠୀ ବନ୍ଧୁ ଥିଲେ ଆଲିଈଶାକ ତୌସି ଓ ହାସାନ୍ ବିନ୍ ସାବା । ସେମାନେ ସମସ୍ତେ ମିଳିତ ଭାବେ ଶପଥ ଗ୍ରହଣ କରି ଥିଲେ ଯେ ଯେତେବେଳେ ସେମାନଙ୍କ ମଧ୍ୟରୁ କେହି ଜଣେ ଭବିଷ୍ୟତ ଜୀବନରେ କୌଣସି ସମୃଦ୍ଧି ଲାଭ କରେ ତେବେ ତାହା ତିନିଜଣଙ୍କ ମଧ୍ୟରେ ସମାନ ଭାବରେ ଉପଭୋଗ କରାଯିବ । ସମୟକ୍ରମେ ସେମାନଙ୍କର ଆଉ ସାକ୍ଷାତ ହୋଇନାହିଁ । କିନ୍ତୁ ଅନେକଦିନ ପରେ ଶୁଣାଗଲା ଯେ ବନ୍ଧୁ ଆଲି ଈଶାକ୍ "ନିଜାମ୍ ଉଲ୍ ମୂଲକ୍" ଉପାଧିରେ ଭୂଷିତ ହୋଇ ପାରସ୍ୟ ସୁଲତାନଙ୍କ ନିକଟରେ ଉଜୀର ପଦରେ ପ୍ରତିଷ୍ଠିତ ହୋଇଅଛନ୍ତି । ଏହା ଶୁଣିବାମାତ୍ରେ ଓମାର ଓ ଅନ୍ୟତମ ବନ୍ଧୁ ହାସାନ୍‌ବିନ୍ ସେଠାରେ ଉପସ୍ଥିତ ହେଲେ ଓ ପୂର୍ବ ସତ୍ୟରକ୍ଷା କରି ବନ୍ଧୁ ଆଲି ଈଶାକ୍ ସେମାନଙ୍କୁ ନିକଟରେ ରଖିଲେ । ସେ ଓମାରଙ୍କୁ ନାନା ଶ୍ରେଷ୍ଠ ପଦବୀ, ଉପାଧି ଓ ପ୍ରଭୂତ ଐଶ୍ୱର୍ଯ୍ୟ ଯାଚିଥିଲେ ମଧ୍ୟ ଓମାର ସେ ସବୁ କିଛି ଗ୍ରହଣ କରି ନ ଥିଲେ । ସେ ଚାହିଁଥିଲେ କେବଳ ଭାଗ୍ୟବାନ ବନ୍ଧୁର ସମ୍ପଦର ତରୁଗୁଲ୍ମ୍ୟାତଳେ ଗୋଟିଏ ନିଭୃତ ନିର୍ଜନ କୋଣରେ ଗଭୀର ଅନୁଧ୍ୟାନ । ସେଥିନିମିତ୍ତ ବନ୍ଧୁ ଉଜୀର ଆଲି ଈଶାକ୍ ତାଙ୍କୁ ବାର୍ଷିକ ଦ'ହଜାର ଟଙ୍କାର ବୃତ୍ତି ଖଞ୍ଜି ଦେଇଥିଲେ ।

ନୈଶାପୁରରେ ଏକ ସୁନ୍ଦର ଉଦ୍ୟାନ ବେଷ୍ଟିତ ଗୃହରେ ସେ ବାସ କରୁଥିଲେ । ତାଙ୍କର ସ୍ତ୍ରୀ ପୁତ୍ର ସମ୍ବନ୍ଧରେ କୌଣସି ସମ୍ବାଦ ମିଳେନାହିଁ । ସେ ଯାହା ହେଉ, ସେଠାରେ ସେ ଜୀବନର ଦର୍ଶନ ସମ୍ବନ୍ଧରେ ଚିନ୍ତା କରିବାର ସମସ୍ତ ସୁବିଧା ଓ ସୁଯୋଗ ପାଇଥିଲେ । ସେ ସୁଲତାନ ଆଲଶାହାଙ୍କ ଆଦେଶରେ ପଞ୍ଜିକା ସଂସ୍କାର କାର୍ଯ୍ୟରେ ଅନେକ ସାହାଯ୍ୟ କରିଥିଲେ ।

ସେ ଥିଲେ ଜଣେ ଜ୍ୟୋତିର୍ବିଦ୍ । ସେ 'ଜିଜ ମାଲିକ ଶାହୀ' ନାମକ ଏକଖଣ୍ଡ ପ୍ରସିଦ୍ଧ ଜ୍ୟୋତିଷ ସିଦ୍ଧାନ୍ତ ପ୍ରଣୟନ କରିଯାଇ ଅଛନ୍ତି । ତାଙ୍କର "ରୁବାଇୟତ୍" ଆଜି ଜଗତ ପ୍ରସିଦ୍ଧ । ଇଂରାଜୀ କବି ଫିଜେରାଲ୍ଡ ତାହା ଅନୁବାଦ କରିଥିଲେ । ଓମାର ଥିଲେ ଏକାଧାରରେ କବି, ଦାର୍ଶନିକ ଓ ବୈଜ୍ଞାନିକ । ତାଙ୍କର ଧର୍ମବିଶ୍ୱାସ ଆଦୌ ନ ଥିଲା । କିନ୍ତୁ ସେ ଥରେ ମକ୍କା ତୀର୍ଥକୁ ଯାଇଥିଲେ । ମକ୍କାରୁ ଫେରିବା ବାଟରେ ବାଗଦାଦ୍‌ର ପଣ୍ଡିତ ସମାଜ ତାଙ୍କୁ ପ୍ରକାଶ୍ୟଭାବେ ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ । କିନ୍ତୁ ସେ ତାହା ଗ୍ରହଣ ନ କରି ପଣ୍ଡିତ ସମାଜରେ ନିଜର ପରିଚୟ ଦେବାକୁ ମଧ୍ୟ ଅନିଚ୍ଛା ପ୍ରକାଶ କରିଥିଲେ । ସମରକନ୍ଦ ନିବାସୀ ପାରସ୍ୟର ପ୍ରସିଦ୍ଧ ସାହିତ୍ୟିକ ନିଜାମୀ ଆରୁଜୀ ତାଙ୍କ ସହିତ ଅନେକ ଆଲୋଚନା କରିଥିଲେ । ଓମାର ଜଣେ ଅଦ୍ୱିତୀୟ ଦାର୍ଶନିକ ଓ ବୈଜ୍ଞାନିକ ଥିଲେ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେ ଓମାରଙ୍କୁ ଗୁରୁତୁଲ୍ୟ ମାନୁଥିଲେ । ଓମାର ଦିନେ ଉଦ୍ୟାନ ପରିଭ୍ରମଣ ସମୟରେ ତାଙ୍କୁ କହିଥିଲେ "ମୋ କବର

(୧୪ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ମରୁ ପାଦପ

ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ କୁମାର ବେହୁରା

ନଗଣ୍ୟ ଗଛଟିଏ ସେ । ସାଧାରଣ ପେନ୍‌ସିଲଟିଏ ସେତିକ ମୋଟ ଗଛଟିର ପ୍ରଧାନ କାଣ୍ଡ ହୁଏ ସେତିକ ମୋଟା ଆଉ ଉଚ୍ଚାରେ ବଢ଼େ ପ୍ରାୟ ପାଞ୍ଚ ଫୁଟ । ତାର ଅନାବନା ହୋଇ ଗୁଡ଼େଇ ହୋଇଗଲେ ଯେମିତି ହେବ, ଗଛଟି ଠିକ୍ ସେମିତି ଦେଖାଯାଏ । ଗଛର ରଙ୍ଗ ହାଲୁକା ସବୁଜ ରଙ୍ଗର, ପତ୍ର ଛୋଟ ଛୋଟ । ମଞ୍ଜି ଛୋଟ ଓ ଚେପ୍‌ଟାଳିଆ, ଦେଖିବାକୁ ଅନେକ ପରିମାଣରେ ଧୂଆଁପତ୍ର ଗଛର ମଞ୍ଜି ପରି । ଧୂଆଁପତ୍ର ଗଛର ମଞ୍ଜି ବାଦାମୀ ମାତ୍ର ଏ ଗଛର ମଞ୍ଜି କଳା । ଏଇ ବଣୁଆ ଗଛଟିର ବୈଜ୍ଞାନିକ ନାମ ହେଲା "କୋଚିଆ ଇଣ୍ଡିକା" (Kochia indica) । ଆମ ଭାରତର ଦକ୍ଷିଣ ପଞ୍ଜାବର ଦିଲ୍ଲୀ ଜିଲ୍ଲାରେ ଏବଂ ମାନ୍ଦ୍ରାଜ ପ୍ରଦେଶର କଏମ୍‌ବେଟୋର ଜିଲ୍ଲାରେ ଏହା ଦେଖିବାକୁ ମିଳେ । ଜୁନ୍ ମାସରେ ଏ ଗଛ ଉଠେ ଆଉ ନଭେମ୍ବର ମାସକୁ ମରିଯାଏ । ଲୁଣିଆ-ବାଲିଆ ମାଟିରେ ଗଛଟି ହୁଏ, ଆଉ ସେଥିପାଇଁ ଯାର ଡାଳ ଚୋବେଇଲେ ଲୁଣିଆ ଲାଗେ । ଗଛ ବଢ଼ିବା ଲାଗି ବିଶେଷ ପାଣି ଲୋଡ଼ା ହୁଏ ନାହିଁ । ଗରିବ ଲୋକେ ଗଛର ଶୁଖିଲା ଡାଳକୁ ନେଇ ଜାଳେଣୀ ରୂପେ ବ୍ୟବହାର କରନ୍ତି । ଏହାହିଁ ଯାର ଏକମାତ୍ର ବ୍ୟବହାର । ଦିଲ୍ଲୀ ଅଞ୍ଚଳର ସ୍ଥାନୀୟ ଲୋକେ ଏ ଗଛକୁ 'ବୁଇ' ବୋଲି କହନ୍ତି । ତୁଚ୍ଛ ବୁଇ ଗଛ ଏବେ ସୃଷ୍ଟି କରିଛି ଇତିହାସ ।

ଏଇ ଇତିହାସର ଆରମ୍ଭ ପ୍ରାୟ ସାତ ବର୍ଷ ତଳେ । ଆଫ୍ରିକାର ଲିବିଆ ଅଞ୍ଚଳର ମରୁଭୂମିରେ ବସନ୍ତ ଋତୁରେ ହଠାତ୍ ଗଜୁରି ଉଠିଲା 'ବୁଇ' । ପୁଣି ଶରତର ଆଗମନରେ ଗଛ ମରି ଶୁଖିଗଲା, ଆଉ ଦିଗନ୍ତବିସ୍ତାରୀ ବାଲିରେ ଉଡ଼ି ବୁଲିଲା ଶୁଖିଲା ଡାଳ । ବେଦୁଇନ୍‌ମାନେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ଓଟ, ମେଷ ଆଦି ଗୃହପାଳିତ ପଶୁ ତାଙ୍କୁ ଆଗ୍ରହ ସହକାରେ ଖାଉଛନ୍ତି । ମରୁଭୂମି, ଯେଉଁଠି ପଶୁ ଖାଦ୍ୟ ଏତେ ଦୁଷ୍ପ୍ରାପ୍ୟ, ସେଠି ବାଲିରେ ଉଡ଼ି ବୁଲୁଚି ଖାଦ୍ୟ ! ଏତେ ସହଜଲଭ୍ୟ ପଦାର୍ଥ ଛାଡ଼େ କିଏ ? ସେ ପାଇଲା ତାର ପଶୁ ପାଇଁ ମରୁଭୂମିର ଏଇ ନୂଆ ଗଛ ସଂଗ୍ରହ କରି ନେଇଗଲା । ମନେ ହେଲା ଯେପରି ସେ ଗଛ ନିର୍ମୂଳ ହୋଇଗଲା । ମାତ୍ର ପର ବସନ୍ତରେ ପୁଣି ମରୁଭୂମିର କେତେକ ଅଞ୍ଚଳକୁ ସବୁଜ କରି ଦେଖା ଦେଲା 'ବୁଇ' । ବେଦୁଇନ୍‌ମାନେ ବିସ୍ମୟାଭିଭୂତ ହୋଇ ସେ ଗଛର ନାମ ଦେଲେ "ଭୂତ ଗଛ" । ମାତ୍ର ଶିକ୍ଷିତ ଲୋକେ ତାର ନାମ ଦେଲେ "ଜର୍ମାନ୍ ଘାସ" । କାରଣ, ସେମାନେ ଧାରଣା କଲେ ଯୁଦ୍ଧବେଳେ ଜର୍ମାନ୍ ସୈନିକମାନେ ତାକୁ ଜର୍ମାନୀରୁ ଆଣି ସେଠି ଛାଡ଼ି ଦେଇ ଯାଇଛନ୍ତି ।

ଯା ପରଠୁ ଆରମ୍ଭ ହେଲା ବୈଜ୍ଞାନିକମାନଙ୍କର ଗବେଷଣା । ଫରୁକ୍ ବିଶ୍ୱବିଦ୍ୟାଳୟର ଉଦ୍ଭିଦ-ବିଜ୍ଞାନ ଅଧ୍ୟାପକ ଡ. ଥୋଡ଼େ ବିଦେଶକୁ ତାଙ୍କ ମରୁଭୂମିରେ ନୂଆ ଦେଖା ଦେଇଥିବା ଗଛର ନମୁନା ପଠାଇ ଅନୁସନ୍ଧାନ କଲେ ସେପରି ଗଛ କେଉଁଠି ହୁଏ । ଶେଷରେ ଜଣା ପଡ଼ିଲା ତାହା ଜର୍ମାନୀର ଗଛ ନୁହେଁ; ତାହା କେବଳ ହୁଏ ଭାରତରେ ।

ଭାରତରେ ସିନା 'ବୁଇ' ହୁଏ । ମାତ୍ର ତାହା ଲିବିଆକୁ ଗଲା କିପରି ? ଅଧ୍ୟାପକ ଥୋଡ଼େ ଗବେଷଣା ଦ୍ୱାରା ଆବିଷ୍କାର କଲେ ଯେ ଭାରତ ଓ ମିଶର ମଧ୍ୟରେ ଉଡ଼ା-ଜାହାଜ ଚଳାଚଳ ଆରମ୍ଭ ହେବାର ଅବ୍ୟବହିତ ପରେ ଲିବିଆରେ 'ବୁଇ'ର ଆବିର୍ଭାବ ହୋଇଛି । ସେଇଠୁ ସେ ଦିଲ୍ଲୀର ଉଡ଼ା-ଜାହାଜ ଅବତରଣ କ୍ଷେତ୍ର ନିକଟରେ ଏ ଗଛ ହୁଏ କି ନାହିଁ ଜଣାଇବାକୁ ଭାରତକୁ ଖବର ପଠାଇଲେ । ଦେଖାଗଲା ପ୍ରକୃତ ପକ୍ଷେ ତାଙ୍କର ଅନୁମାନ ଠିକ୍ । ଦିଲ୍ଲୀର ଏରୋଡ୍ରୋମ ନିକଟରେ ତାହା ହୁଏ । ପବନରେ ତାର ମଞ୍ଜି କୌଣସି ମତେ ଉଡ଼ାଜାହାଜର ପ୍ରୋପେଲାର ବେଷ୍ଟନରେ ଲାଗି କିମ୍ବା କୌଣସି ଯାତ୍ରୀର

Digitized by srujanika@gmail.com

ଲୁଗାପଟା ବା ଜନ୍ତୁପକ୍ଷୀ ଦେହରେ ଲାଗି ମିଶରକୁ ସ୍ଥାନାନ୍ତରିତ ହୋଇ ସେଠି ନୂତନ ବସତି ସ୍ଥାପନ କରିଛି ।

ଏଥିରୁ ଗୋଟିଏ କଥା ବଡ଼ ସ୍ପଷ୍ଟ ହୋଇ ଉଠିଛି । ତାହା ହେଉଛି 'ବୁଇ' ମରୁଭୂମିକୁ ଶ୍ୟାମଳା କରିପାରେ । ମରୁଭୂମିରେ ଗଛ ହୁଏ ନାହିଁ । ମାତ୍ର ଏବେ ଗୋଟିଏ ଗଛ ଆବିଷ୍କୃତ ହେଲା ଯାହା ମରୁ ବାଲିରେ ହୋଇପାରେ । ଏ ସମ୍ପର୍କରେ ମିଶର ସରକାରଙ୍କ କୃଷି ବିଭାଗ ମଧ୍ୟ କେତେକ ପରୀକ୍ଷା କରି ଆଶାପ୍ରଦ ଫଳ ପାଇଛନ୍ତି । ବୁଇ ଗଛର ମଞ୍ଜିକୁ ତିନି ପ୍ରକାରରେ ଲଗା ହେଲା । ଗୋଟିକରେ ଜଳ ଓ ସାର, ଅନ୍ୟଟିରେ ଖାଲି ପାଣି ଦିଆଗଲା ଓ ଶେଷଟିର ହେପାଜତ୍ ମରୁଭୂମିର ପ୍ରକୃତି ହାତରେ ଛାଡ଼ି ଦିଆଗଲା । ଦେଖାଗଲା, ସମସ୍ତ ପ୍ରକାରରେ ଉତ୍ପାଦିତ ଗଛ ପ୍ରାୟ ସମାନ ଭାବେ ବୃଦ୍ଧି ଲାଭ କଲେ । ଏଥିରୁ ପ୍ରମାଣିତ ହେଲା ମରୁଭୂମିରେ ଏ ଗଛ ଉଧେଇ ପାରିବ ।

ମରୁବାସୀଙ୍କ ପ୍ରାଣରେ ବୁଇ କରିଛି ଆଶାର ସଞ୍ଚାର । ପୃଥିବୀର ସମସ୍ତ ସ୍ଥଳଭାଗର ଏକ ଚତୁର୍ଥାଂଶ ମରୁଭୂମି । ବୁଇ ମରୁଭୂମିକୁ କରିବ ଶ୍ୟାମଳା, କେବଳ ଆଫ୍ରିକାରେ ନୁହେଁ, ଭାରତର ମରୁଭୂମିରେ ମଧ୍ୟ । ମାତ୍ର କେବେ ? କିଏ ଜାଣେ, ହୁଏତ ଶହେ ବର୍ଷରେ । ଏହା ହୋଇପାରେ ଅତି ଧୀରେ । ମରୁଭୂମିରେ ଗଛ ଉଠିବ, ମରିବ । ସେଥିପ୍ରତି ଆକୃଷ୍ଟ ହେବେ ମନୁଷ୍ୟ ଓ ପଶୁ । ସେମାନଙ୍କର ମଳ ଓ ଦେହାବଶେଷ ସେଠାର ବାଲୁକା ମୃତ୍ତିକାକୁ କରିବ ଉର୍ବର । ଏହି ରୂପେ ମରୁଭୂମିର ମାଟି ଆସ୍ତେ ହୋଇ ଉଠିବ ଉଦ୍ଭିଦ-ବୃଦ୍ଧିର ଉପଯୋଗୀ । ଆଜି ଆଜର ମରୁଭୂମି ହସି ଉଠିବ ସବୁଜ ରଙ୍ଗରେ ।

ରେଡ଼ିଓ-ଆକ୍ଟିଭିଟିର ଆବିଷ୍କାର

ଶ୍ରୀ ବିଭୂତି ଭୂଷଣ ମହାନ୍ତି, ଏମ୍. ଏସ୍-ସି., ଗ୍ରାଜ୍. ବି. ଟି. ଆଇ. ଆର୍. ଇ.

ଆଜିର ଏହି ଆଣବିକ ଯୁଗରେ ସମସ୍ତେ ହୁଏତ 'ରେଡ଼ିଓ ଆକ୍ଟିଭିଟି'ର ନାମ ଶୁଣିଥିବେ । ଜାପାନ ନିକଟବର୍ତ୍ତୀ ବିକିନି ଦ୍ୱୀପପୁଞ୍ଜରେ ଉଦ୍‌ଜାନ ବୋମାର ବିସ୍ଫୋରଣ ପରେ ସମଗ୍ର ପୃଥିବୀର ବୈଜ୍ଞାନିକ ତଥା ଜନସାଧାରଣ 'ରେଡ଼ିଓ-ଆକ୍ଟିଭିଟି' ସମ୍ପର୍କରେ ଅତ୍ୟନ୍ତ ସଚେଷ୍ଟ ହୋଇ ପଡ଼ିଥିଲେ । ପୃଥିବୀର ବିଭିନ୍ନ ଗବେଷଣାଗାରରେ ଏହା ସମ୍ବନ୍ଧରେ ଗବେଷଣା ମଧ୍ୟ ଚାଲିଲା । ବିକିନି ଦ୍ୱୀପରେ ଉଦ୍‌ଜାନ ବୋମାର ବିସ୍ଫୋରଣ ହେବା ଯୋଗୁ ପୃଥିବୀର କେଉଁ କେଉଁ ଦେଶରେ ଏହାର ପ୍ରଭାବ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ ପଡ଼ିଲା ତାହାର ମଧ୍ୟ ସଠିକ ଖବର ମିଳିଲା । କଲିକତା ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନିଉକ୍ଲିୟର ଫିଜିକ୍‌ସରେ ଡକ୍ଟର ମେଘନାଦ ସାହାଙ୍କ ତତ୍ତ୍ୱାବଧାନରେ ଯେଉଁ ଗବେଷଣା ଚାଲିଥିଲା ସେଥିରୁ ଜଣାଯାଏ ଯେ ଆସାମ ଓ ବଙ୍ଗଳା ଉପର ଦେଇ ରେଡ଼ିଓ ଆକ୍ଟିଭ୍ ଧୂଳିକଣା ସବୁ ଯାଉଛି ।

ରେଡ଼ିଓ ଆକ୍ଟିଭିଟିର ଆବିଷ୍କାର ହୋଇଥିଲା ଗତ ଶତାବ୍ଦୀରେ । ଏହି ଇତିହାସ ଅତ୍ୟନ୍ତ ଚିତ୍ତାକର୍ଷକ । ପ୍ୟାରିସର ପଦାର୍ଥଶାସ୍ତ୍ରର ଅଧ୍ୟାପକ ପ୍ରଫେସର ବେକ୍କେରେଲ୍ ଗୋଟିଏ ରସାୟନିକ ଗବେଷଣା କରିବାକୁ ଯାଇ ଅକସ୍ମାତ୍ 'ରେଡ଼ିଓ ଆକ୍ଟିଭିଟି' ଆବିଷ୍କାର କରିଥିଲେ । ଦିନେ ପ୍ରଫେସର ହେନରି ବେକ୍କେରେଲ୍ 'ଇଉରାନିୟମ୍ ବାଇସଲ୍‌ଫେଟ୍‌ର ଗୋଟିଏ ଦ୍ରବଣ ଓ ଆଲୋକ ଶକ୍ତିର ଏହି ଦ୍ରବଣ ଉପରେ ପ୍ରଭାବ'. ଏହି ସମ୍ପର୍କରେ ଗୋଟିଏ ଗବେଷଣା କରିବାକୁ ପ୍ରସ୍ତୁତ ହେଉଥିଲେ । କିନ୍ତୁ କୌଣସି କାରଣରୁ ଏ ଗବେଷଣାରୁ ତାଙ୍କର ମନ ଅନ୍ୟ ଆଡ଼କୁ ଆକୃଷ୍ଟ ହୋଇଥିଲା ଏବଂ ସେ ଇଉରାନିଅମ୍ ବାଇସଲ୍‌ଫେଟ୍‌ର

Digitized by srujanika@gmail.com

ଦ୍ରବଣକୁ ଗୋଟିଏ କାଚ ଶିଶିରେ ରଖି, ତାର ମୁହଁ ଭଲ କରି ଠିପି ଦ୍ୱାରା ବନ୍ଦକରି, ତାଙ୍କର ଟେବୁଲ୍‌ର ଡ୍ରୟର୍ ମଧ୍ୟରେ ରଖିଦେଲେ । ସେହି ଡ୍ରୟର୍‌ରେ ଗୋଟିଏ କଳାକାଗଜରେ ଗୁଡ଼ାହୋଇ କେତେଗୁଡ଼ିଏ ଫଟୋଗ୍ରାଫିକ୍ ପ୍ଲେଟ୍ ରଖା ଯାଇଥିଲା ଏବଂ ପ୍ରଫେସର ବକ୍ୱେରେଲ୍ ଏହି ଦ୍ରବଣ ଶିଶିକୁ ସେହି କଳାକାଗଜ ପାକେଟ୍ ଉପରେ ରଖିଦେଲେ । କିଛି ଦିନ ପରେ ଗୋଟିଏ ଫଟୋ ଉଠାଇବା ଲାଗି ଫଟୋଗ୍ରାଫିକ୍ ପ୍ଲେଟ୍‌ର ଦରକାର ପଡ଼ିବାରୁ ସେ କଳାକାଗଜ ମଧ୍ୟରେ ଥିବା ପ୍ଲେଟ୍‌ରୁ ଗୋଟିଏ ପ୍ଲେଟ୍ ଆଣି ଫଟୋ ଉଠାଇଥିଲେ । ଫଟୋଟି କିପରି ହୋଇଛି ଦେଖିବା ଲାଗି ତାଙ୍କର ଉତ୍କଣ୍ଠା ଅତ୍ୟନ୍ତ ବଢ଼ିଥିଲା ଏବଂ ସେ ତତ୍‌କ୍ଷଣାତ୍ ତାଙ୍କର ଗବେଷଣାଗାରର ଅନ୍ଧାର ଘରକୁ ଯାଇ ପ୍ଲେଟ୍‌ଟିକୁ କ୍ୟାମେରାରୁ କାଢ଼ି ଧୋଇଥିଲେ । ଏହି ପ୍ଲେଟ୍‌କୁ ଆଲୋକରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ କାରଣ ପ୍ଲେଟ୍‌ରେ ଫଟୋ ଭଲ ଭାବେ ନ ଆସି, କେତେଗୁଡ଼ିଏ ଅସ୍ପଷ୍ଟ ଆଲୋକ ରେଖାର ଛାପ ପଡ଼ିଥିଲା । ତାଙ୍କର ମନେ ହେଲା ଯେ ପ୍ଲେଟ୍‌ଟି ଆଗରୁ କିପରି ଆଲୋକର ସମ୍ପର୍ଶରେ ଆସିଛି । କିନ୍ତୁ କଳାକାଗଜ ପ୍ୟାକେଟ୍‌ରୁ ପ୍ଲେଟ୍ ଖୋଲିଲା ବେଳେ ସେ ନିଶ୍ଚିତ ଥିଲେ, କାରଣ ପ୍ୟାକେଟ୍‌ଟି ଭଲ ଭାବେ ବନ୍ଦ ଥିଲା ଏବଂ ପ୍ଲେଟ୍ ଆଲୋକର ସମ୍ପର୍ଶରେ ଆସିବାର ସମ୍ଭାବନା ନ ଥିଲା । ଏହି ବୈଜ୍ଞାନିକ ପ୍ରକ୍ରିୟାର କାରଣ ଖୋଜି ଖୋଜି ସେ କିଛି ସ୍ଥିର କରି ପାରି ନ ଥିଲେ । ଇଉରାନିଅମ୍ ବାଇସଲ୍‌ଫେଟ୍ ଦ୍ରବଣର ଶିଶିଟି ସେହି ଫଟୋ ଗ୍ରାଫିକ୍ ପ୍ଲେଟ୍‌ର ପାକେଟ୍ ଉପରେ ଥିବାର ତାଙ୍କର ମନେ ପଡ଼ିଲା—କିନ୍ତୁ ଏହା ଯେ ଇଉରାନିଅମ୍ ବାଇସଲ୍‌ଫେଟ୍ ଦ୍ରବଣର ପ୍ରଭାବ ତାହା ସେ ସ୍ଥିର କରି ପାରି ନ ଥିଲେ ।

ତାଙ୍କର ଅନୁସନ୍ଧିତ୍ସୁ ମନ ଆଲୋଡ଼ିତ ହୋଇଥିଲା । ଅସଂଖ୍ୟ ପ୍ରଶ୍ନ ତାଙ୍କୁ ସବୁବେଳେ ଅସ୍ତବ୍ୟସ୍ତ କଲା । ଇଉରାନିଅମ୍ ବାଇସଲ୍‌ଫେଟ୍ ଦ୍ରବଣ ଗୋଟିଏ ଅଦୃଶ୍ୟ ଶକ୍ତି କିପରି ପରିବେଷଣ କଲା ଏବଂ ତାହା କଳା କାଗଜର ଆବରଣକୁ ଭେଦକରି ଫଟୋଗ୍ରାଫିକ୍ ପ୍ଲେଟ୍‌ରେ ରସାୟନିକ ପ୍ରକ୍ରିୟାର ସୃଷ୍ଟି କଲା କିପରି ? ଇଉରାନିଅମ୍ ବାଇସଲ୍‌ଫେଟ୍ ଦ୍ରବଣ ଏହି ଅଦୃଶ୍ୟ ଶକ୍ତି ପରିବେଷଣ କରିବାପାଇଁ ଅନ୍ୟ ଗୋଟିଏ ଶକ୍ତିର ସାହାଯ୍ୟ ନେଲା କି ନାହିଁ ? ଇଉରାନିଅମ୍ ଧାତୁର ଏହି ଧରଣର ଗୋଟିଏ ଅଦୃଶ୍ୟ ଶକ୍ତି ପରିବେଷଣ କରିବାର ଧର୍ମ ଅଛି କି ? ଇତ୍ୟାଦି ।

ଏହି ସବୁ ପ୍ରଶ୍ନର ଉତ୍ତର ପାଇବାଲାଗି ପ୍ରଫେସର ବକ୍ୱେରେଲ୍ ପୁଣି ଲାଗିପଡ଼ିଲେ ତାଙ୍କର ଗବେଷଣାରେ । ଏଥର ସେ କେତେଗୁଡ଼ିଏ ଫଟୋ ପ୍ଲେଟ୍‌କୁ କଳା କାଗଜରେ ଗୁଡ଼ାଇ ତା ଉପରେ ଗୋଟିଏ ପତଳା ଲୁହା ଗୁଣକାଠି ରଖିଥିଲେ ଏବଂ ଏହି ଗୁଣକାଠି ଉପରେ ଇଉରାନିଅମ୍ ବାଇସଲ୍‌ଫେଟ୍ ଦ୍ରବଣ ଥିବା ଶିଶିଟିକୁ ରଖି ଟେବୁଲ୍‌ର ଡ୍ରୟର ବନ୍ଦ କରିଥିଲେ । କିଛିଦିନ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଲା । ତାପରେ ସେ ଫଟୋ ପ୍ଲେଟ୍‌ଗୁଡ଼ିକୁ ଗୋଟିଏ ଅନ୍ଧାର ଘରେ ଖୋଲି ରସାୟନିକ ଦ୍ରବଣରେ ଧୋଇ ଦେଖିଲେ ଯେ ଫଟୋଗ୍ରାଫିକ୍ ପ୍ଲେଟ ଉପରେ ଥିବା ଲୁହା ଗୁଣକାଠିର ଗୋଟିଏ ଛାପ ପ୍ଲେଟ୍ ଉପରେ ରହିଯାଇଛି । ହଠାତ୍ ତାଙ୍କର ବିଶ୍ୱାସ ହେଲା ଯେ ଇଉରାନିଅମ୍ ବାଇସଲ୍‌ଫେଟ୍‌ର ଦ୍ରବଣରୁ ଆସୁଥିବା ଅଦୃଶ୍ୟ ତରଙ୍ଗ କଳା କାଗଜକୁ ଭେଦ କରିପାରିଛି କିନ୍ତୁ ଲୁହା ଗୁଣକାଠିକୁ ଭେଦ କରିପାରିନାହିଁ । ଯାହା ଫଳରେ କି ଫଟୋଗ୍ରାଫିକ୍ ପ୍ଲେଟ୍ ଉପରେ ଲୁହା ଗୁଣକାଠିର ଗୋଟିଏ ଛାପ ରହିଯାଇଛି । ଆନନ୍ଦରେ ଅଧୀର ହୋଇ ତାଙ୍କର ଜଣେ ସହକର୍ମୀଙ୍କୁ ଆଲିଙ୍ଗନ କରି ସେ କହିଲାଗିଲେ, "ଇଉରାନିଅମ୍ !—ଇଉରାନିଅମ୍ ସେ ଅଦୃଶ୍ୟ ଶକ୍ତିର ମୂଳ !" ସର୍‌ବୋନ୍‌ର ଅନ୍ୟାନ୍ୟ ପଦାର୍ଥଶାସ୍ତ୍ର ପ୍ରଫେସରଙ୍କୁ ସେ ଗୋଟିଏ ସାନ୍ଧ୍ୟ ଭୋଜିକୁ ନିମନ୍ତ୍ରଣ କରି ତାଙ୍କର ଚିତ୍ତାକର୍ଷକ ଗବେଷଣା କଥା କହିଥିଲେ । "ଇଉରାନିଅମ୍‌ରୁ ଗୋଟିଏ ନୂତନ ଧରଣର ଅଦୃଶ୍ୟ ତରଙ୍ଗ ପରିବେଷିତ ହୋଇ କଳା କାଗଜକୁ ଭେଦକରି ଫଟୋ-ଗ୍ରାଫିକ୍ ପ୍ଲେଟ୍‌ରେ ରସାୟନିକ କ୍ରିୟା ସୃଷ୍ଟି କଲେ ମଧ୍ୟ ଗୋଟିଏ ଲୁହା ଗୁଣକୁ ଭେଦ କରିପାରିଲା ନାହିଁ—" ଏହା ତାଙ୍କର

Digitized by srujanika@gmail.com

ଗବେଷଣାର ଫଳ ବୋଲି ସେ ଘୋଷଣା କରିଥିଲେ । ଏହା ରେଡିଓ 'ଆକ୍ଟିଭିଟି'ର ମୂଳ ତଥ୍ୟ । ପ୍ରଫେସର ବେକେରେଲ୍‌ଙ୍କର ଏହି ତଥ୍ୟ ପୃଥିବୀର ତତ୍‌କାଳୀନ ବୈଜ୍ଞାନିକମାନଙ୍କୁ ଚମତ୍କୃତ କରିଥିଲା । ଏହା ୧୮୯୬ର ଘଟଣା ।

ତା ପରେ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଏହା ସମ୍ବନ୍ଧରେ ଗବେଷଣା କରିଛନ୍ତି । ସେମାନଙ୍କ ମଧ୍ୟରେ ଫ୍ରାନ୍‌ସ୍‌ର କ୍ୟୁରି ଦମ୍ପତି ଉଲ୍ଲେଖଯୋଗ୍ୟ । ମାଡାମ୍ କ୍ୟୁରି ଓ ପ୍ରଫେସର୍ କ୍ୟୁରି ତାଙ୍କର ଅବଶ୍ୟ ସାଧନା ଫଳରେ ଯେଉଁ ବୈଜ୍ଞାନିକ ତଥ୍ୟ ସବୁ ଦେଇ ଯାଇଛନ୍ତି ତାହା ଆଧୁନିକ ଆଣବିକ ସଭ୍ୟତାର ମୂଳଭିତ୍ତି । ଇଉରାନିଅମ୍ ଭଳି ଆହୁରି ଅନେକ ଗୁଡ଼ିଏ ଧାତୁ ଆବିଷ୍କୃତ ହେଲାଣି, ଯଥା: ଥୋରିଅମ୍. ରେଡ଼ିଅମ୍, ପୋଲୋନିଅମ୍, ଆକ୍ଟିନିଅମ୍ ଇତ୍ୟାଦି, ଯେଉଁମାନେ କି ଇଉରାନିଅମ୍‌ରୁ ଆସୁଥିବା ଅଦୃଶ୍ୟ ତରଙ୍ଗ ପରି, ତରଙ୍ଗ, ସ୍ୱତଃ ବିକିରଣ କରନ୍ତି । ଏହିସବୁ ଧାତୁକୁ ରେଡ଼ିଓ ଆକ୍ଟିଭ୍ ଧାତୁ କୁହାଯାଏ । ଗତ ମହାଯୁଦ୍ଧ ସମୟରେ ଏହା ସମ୍ବନ୍ଧରେ ବହୁତ ଗବେଷଣା ହୋଇଛି, ଏବଂ ଆହୁରି କେତେକ 'ରେଡ଼ିଓ ଆକ୍ଟିଭ୍' ଧାତୁ ମଧ୍ୟ ଆବିଷ୍କୃତ ହେଲାଣି । ଯୁଦ୍ଧ ସମୟରେ ଏହି ଗବେଷଣାର ଫଳ ଧ୍ୱଂସକାରୀ ଅସ୍ତ୍ର ଓ ବୋମା ତିଆରିରେ ସାହାଯ୍ୟ କରୁଥିଲା କିନ୍ତୁ ବର୍ତ୍ତମାନ ପୃଥିବୀର ବୈଜ୍ଞାନିକ ମାନଙ୍କର ଓ ରାଜନୀତିଜ୍ଞ ମାନଙ୍କର ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଛି ।

ବର୍ତ୍ତମାନ ପରମାଣୁ ଗବେଷଣା ଯେପରି 'ଦ୍ରୁତ ଗତିରେ ଆଗେଇଛି ତାହା ଦେଖିଲେ ମନେହୁଏ ଯେ ଦିନ ଆସିବ ଯେତେବେଳେ ଉଡ଼ାଜାହାଜ, ଜାହାଜ ଓ ଅନ୍ୟାନ୍ୟ ଯାନ ସବୁ ପରମାଣୁ ଶକ୍ତି ସାହାଯ୍ୟରେ ଗତିକରିବେ, ଏକ ଗ୍ରହରୁ ଅନ୍ୟ ଗ୍ରହକୁ ଯିବା ପାଇଁ ଗୋଟିଏ ଆଣବିକ ଯାନ ହୋଇପାରିବ, ଏବଂ ପରମାଣୁ ଶକ୍ତି ସାହାଯ୍ୟରେ ବୈଦ୍ୟୁତିକ ଶକ୍ତି ମଧ୍ୟ ଉତ୍ପନ୍ନ ହୋଇପାରିବ । ସେଦିନର ଅପେକ୍ଷାରେ—।

ଐତିହାସିକ ଟୟେନ୍‌ବି

ଶ୍ରୀ ବରଦା ପ୍ରସନ୍ନ ମହାନ୍ତି

ବଡ଼ ବଡ଼ ଲୋକଙ୍କ ଜୀବନୀ ଆଲୋଚନା କଲେ ଦେଖିବାକୁ ମିଳେ ଯେ କେବଳ ଗୋଟିଏ ଗୋଟିଏ ଘଟଣା ବା କାର୍ଯ୍ୟ ସେମାନଙ୍କୁ ବଡ଼ କରି ଥୋଇଛି । ଟୟେନ୍‌ବି ଆଜି ଜଗତର ଜୀବିତ ଐତିହାସିକ ତଥା ଚିନ୍ତାନାୟକମାନଙ୍କ ମଧ୍ୟରେ ଅଗ୍ରଣୀରୂପେ ବିବେଚିତ ହେଉଛନ୍ତି । ତାହା କେବଳ ତାଙ୍କର **A Study of History** ଯୋଗୁଁ । ଏ ପୁସ୍ତକଟି ଟୟେନ୍‌ବିଙ୍କର ଏକ ଅମର ସୃଷ୍ଟି ଓ ପୃଥିବୀର ଶ୍ରେଷ୍ଠ ପୁସ୍ତକମାନଙ୍କ ମଧ୍ୟରେ ସ୍ଥାନ ପାଇଛି ।

ଏ ପୁସ୍ତକ ବିଷୟରେ କିଛି ଜାଣିବା ପୂର୍ବରୁ ଟୟେନ୍‌ବିଙ୍କ ବିଷୟରେ ଜାଣିବା ନିତାନ୍ତ ଦରକାର । ୧୮୮୯ ମସିହା ଏପ୍ରିଲମାସ ତା ୧୪ ରିଖରେ ଏ ମହାପୁରୁଷଙ୍କର ଜନ୍ମ । ଏହାଙ୍କର ପିତା ଥିଲେ ଜଣେ ସମାଜସେବୀ ଓ ଗୁଣବତୀ ମାତା ହେଉଛନ୍ତି ତତ୍କାଳୀନ ଇଂଲଣ୍ଡର ଉଚ୍ଚଶିକ୍ଷାପ୍ରାପ୍ତ ମହିଳାମାନଙ୍କ ମଧ୍ୟରୁ ଜଣେ । ଟୟେନ୍‌ବିଙ୍କର ଶିକ୍ଷା ଗତାନୁଗତିକ ଭାବରେ ଆରମ୍ଭ ହୋଇଥିଲା । ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଲାଟିନ୍ ଓ ଗ୍ରୀକ୍ ଭାଷାରେ ଶିକ୍ଷା ପାଇଲେ ଓ କିଛିଦିନପରେ ସେଠାରୁ ବିଦ୍ୟା ସାଂଗ କରି ଗୋଟିଏ ବର୍ଷ କଟେଇବାକୁ ଗ୍ରୀସ୍ ଯାତ୍ରାକଲେ । ସେଠାରେ ଅବସ୍ଥାନ କରିବା ସମୟରେ ପୃଥିବୀର ପ୍ରାଚୀନ ସଭ୍ୟତା ଓ ବୈଦେଶିକ ବ୍ୟାପାର ବିଷୟରେ ଜାଣିବାକୁ ଆଗ୍ରହାନ୍ୱିତ ହୋଇଉଠିଲେ ।

ଇଂଲଣ୍ଡକୁ ଫେରିବା ପରେ ଏ ବିଷୟରେ ସେ ଯଥେଷ୍ଟ ସୁଯୋଗ ପାଇଗଲେ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପ୍ରାଚୀନ ଇତିହାସ ଅଧ୍ୟାପନା କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ଆନ୍ତର୍ଜାତିକ ସମସ୍ୟା ଉପରେ ପ୍ରଧାନ ପ୍ରଧାନ ପତ୍ରିକାରେ ଲେଖାଲେଖି କଲେ । ୧୯୧୫ରେ ପ୍ରଥମକରି **Nationality and the War** ଓ **the New Europe** ନାମକ ଦୁଇଟି ପୁସ୍ତକ ତାଙ୍କର ପ୍ରକାଶ ପାଇଲା ।

ସେହିବର୍ଷ ବ୍ରିଟିଶ ବୈଦେଶିକ ଅଫିସର **Political Intelligence** ବିଭାଗରେ ସେ ଚାକିରି ପାଇଲେ ।

Digitized by srujanika@gmail.com

ଫଳରେ ତାଙ୍କୁ କିଛିଦିନପରେ ଭର୍ସାଇଲ ଶାନ୍ତି ସମ୍ମିଳନୀକୁ ବ୍ରିଟିଶ ପ୍ରତିନିଧି ଦଳରେ ଯିବାକୁ ପଡ଼ିଥିଲା । ସେ ୧୯୧୯ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଗ୍ରୀକ୍‌ଭାଷା, ସାହିତ୍ୟ ଓ ଇତିହାସର ଅଧ୍ୟାପକ ଭାବରେ ନିଯୁକ୍ତ ହୁଅନ୍ତି । ଏହି କାର୍ଯ୍ୟରେ ସେ ୧୯୨୫ ମସିହା ପର୍ଯ୍ୟନ୍ତ ରହନ୍ତି ଓ ତାପରେ ସେହି ବିଶ୍ୱବିଦ୍ୟାଳୟ ତାଙ୍କୁ ଅନ୍ତର୍ଜାତିକ ଇତିହାସରେ ଜଣେ ଗବେଷକ ଅଧ୍ୟାପକରୂପେ ନିଯୁକ୍ତି କରେ । ଏହା ପୂର୍ବରୁ ୧୯୨୧ ମସିହାରେ ଦୀର୍ଘ ଏକବର୍ଷ ଧରି ପ୍ରସିଦ୍ଧ ସମ୍ବାଦପତ୍ର The Manchester Guardian ରେ ଗ୍ରୀସ୍-ତୁର୍କୀ ଯୁଦ୍ଧ ବିଷୟରେ ସେ ବିସ୍ତୃତଭାବେ ଆଲୋଚନା କରିଥିଲେ ଓ ଠିକ୍ ବର୍ଷକପରେ ୧୯୨୨ ମସିହାର ଶେଷରେ ଏ ସମ୍ପର୍କରେ The Western Question in Greece and Turkeys ନାମକ ତାଙ୍କର ଏକ ପୁସ୍ତକ ପ୍ରକାଶ ପାଇଲା ।

ଅଧ୍ୟାପକ ଟୟେନ୍‌ବି ଅଦ୍ୟାବଧି ଅନେକ ପୁସ୍ତକ ଲେଖିଛନ୍ତି । ସେଥିମଧ୍ୟରୁ ଅଧିକାଂଶ Royal Institute of International affairs ତରଫରୁ ପରିଚାଳିତ ଗବେଷଣା ହେତୁ ସମ୍ଭବ ହୋଇପାରିଛି । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଏହି ଅନୁଷ୍ଠାନ ତରଫରୁ ବ୍ରିଟିଶ ସରକାରଙ୍କ-ଦ୍ୱାରା ସେ ସ୍ୱତନ୍ତ୍ରରୂପେ ବୈଦେଶିକ ବିଷୟର ଗବେଷକ ଭାବରେ ନିଯୁକ୍ତ ହୋଇଥିଲେ ।

ଯେଉଁ ପୁସ୍ତକ A Study of History ଆଜି ସମଗ୍ର ଜଗତରେ ଚହଳ ଖେଳାଇଛି ତାର ସୃଷ୍ଟି କେଉଁଠାରୁ ଜାଣିଛ—ଗୋଟିଏ ଛିଣ୍ଡା ଓ ଗାରିଆ ହୋଇଥିବା କାଗଜରୁ । ଏହି କାଗଜରେ ଟୟେନ୍‌ବି ୧୯୨୨ ମସିହାରେ ପ୍ରଥମେ ତାଙ୍କର ଚିନ୍ତାଧାରାକୁ ଲିପିବଦ୍ଧ କରି ଏ ବହି ଲେଖନ୍ତି । ଦୀର୍ଘ ନଅବର୍ଷ ଧରି ଗବେଷଣା ଓ ଲେଖା ଲେଖି ଫଳରେ ୧୯୩୪ ମସିହାରେ ଏହାର ପ୍ରଥମ ତିନିଭାଗ ପୁସ୍ତକାକାରରେ ପ୍ରକାଶିତ ହୁଏ । ପୁଣି ପରବର୍ତ୍ତୀ ପାଞ୍ଚବର୍ଷ ଧରି ସେହିପରି କଠୋର ଅଧ୍ୟବସାୟ ଫଳରେ ଅନ୍ୟ ତିନୋଟି ଭାଗ ୧୯୩୯ ମସିହାରେ ପ୍ରକାଶିତ ହେଲା । ଏହାର ଶେଷ ଚାରୋଟି ଭାଗ ଏବେ କେତେଦିନ ପୂର୍ବରୁ ପ୍ରକାଶିତ ହୋଇଛି ।

ଦଶଭାଗରେ ବିଭକ୍ତ ଏ ବିରାଟ ପୁସ୍ତକଟି ପ୍ରଥମେ ଯେତେବେଳେ ପ୍ରକାଶିତ ହୋଇଥିଲା ଏହାର ଗୁରୁତ୍ୱ ବିଦ୍ୱାନ ମଣ୍ଡଳୀରେ କେବଳ ଆଦୃତ ହୋଇଥିଲା । ସାଧାରଣଙ୍କ ପକ୍ଷରେ ଏହା ବୋଧଗମ୍ୟ ମୋଟେ ନଥିଲା । ଏହାକୁ ଜନପ୍ରିୟ କରିବାପାଇଁ ନାନାଦି ଚେଷ୍ଟା ଚାଲିଲା ଓ ୧୯୪୭ ମସିହାରେ ସୋମରଭେଲ (Somervell) ଏହାର ପ୍ରଥମ ଛଭାଗକୁ ସଂକ୍ଷିପ୍ତ କରି ଏକ ପୁସ୍ତକ ପ୍ରକାଶ କଲେ ଓ ଏହା ସର୍ବତ୍ର ଆଶାତୀତଭାବେ ଆଦୃତ ହେଲା । କ୍ରମେ କ୍ରମେ ଲୋକେ ଟୟେନ୍‌ବିଙ୍କର ଚିନ୍ତାଧାରାକୁ ଯେତେ ନିବିଡ଼ଭାବେ ବୁଝିପାରିଲେ ସେତେ ଚମତ୍କୃତ ହେଲେ ଓ ଟୟେନ୍‌ବିଙ୍କର ପ୍ରଶଂସା ସେତେ ପରିବ୍ୟାପ୍ତ ହେବାକୁ ଲାଗିଲା ।

ଏ ପୁସ୍ତକ ବିଷୟରେ ପ୍ରସିଦ୍ଧ ସମ୍ବାଦପତ୍ର Saturday Review of Literature ଲେଖିଛନ୍ତି "ଜ୍ଞାନଜଗତକୁ ଟୟେନ୍‌ବିଙ୍କର ଏ ପୁସ୍ତକ ଏକ ମହନୀୟ ଦାନ ଓ ଏ ଯୁଗର ପ୍ରଭାବଶାଳୀ ପୁସ୍ତକମାନଙ୍କ ମଧ୍ୟରେ ଏ ନିଶ୍ଚୟ ସ୍ଥାନ ପାଇବ ।" ଏ ପୁସ୍ତକର ବିଶେଷତ୍ୱ ହେଉଛି ଯେ ଟୟେନ୍‌ବି ଏଥିରେ ଯେଉଁ ଚିନ୍ତାର ଅବତାରଣା କରିଛନ୍ତି ଓ ଯେଉଁ ଯୁକ୍ତିକୁ ପ୍ରମାଣ ସହ ବାଢ଼ିଛନ୍ତି ତାହା ପୃଥିବୀର ଯେ କୌଣସି ଐତିହାସିକ ଓ ଚିନ୍ତାନାୟକଙ୍କ ମତଠାରୁ ସଂପୂର୍ଣ୍ଣ ଭିନ୍ନ । ଏ ପୁସ୍ତକରେ ସେ ୬୦୦୦ ବର୍ଷ ପୂର୍ବର ୨୬ଗୋଟି ବିଭିନ୍ନ ସଭ୍ୟତା ବିଷୟରେ ଆଲୋଚନା କରିଛନ୍ତି ଓ ଶେଷରେ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ସବୁ ସଭ୍ୟତାର ଗତି ଏକ ପ୍ରକାରରେ ହୋଇଛି । ଯେ ପରିସ୍ଥିତିକୁ ଯେଉଁ ପରିମାଣରେ ଖାପ ଖୁଆଇ ପାରିଛି ସେଇ ପରିମାଣରେ ପ୍ରତ୍ୟେକ ସମାଜ ଉନ୍ନତ ବା ଅବନତ ହୋଇଛି ।

୧୯୪୬ ମସିହାରେ ବିବାହିତ ତାଙ୍କର ଦ୍ୱିତୀୟ ପତ୍ନୀ ଭେରୋନିକାଙ୍କ ସହ କେନ୍‌ସିଂଟନଠାରେ ଟୟେନ୍‌ବି ବାସ କରନ୍ତି । ୧୯୪୫ ମସିହାରେ ରୋସାଲିଣ୍ଡ ମୁରେଙ୍କ ସହ ୩୨ ବର୍ଷ ବିବାହିତ ଜୀବନଯାପନ କରିବାପରେ ଛାଡ଼ପତ୍ର ଦେଇଥିଲେ । ଏହି ବିବାହରେ ତାଙ୍କର ତିନିପୁଅ ହୋଇଥିଲା ଓ ସେଥିମଧ୍ୟରୁ ଜଣେ ହେଉଛନ୍ତି ପ୍ରସିଦ୍ଧ ଔପନ୍ୟାସିକ ଫିଲିପ୍ ଟୟେନ୍‌ବି ।

ଟୟେନ୍‌ବି କହନ୍ତି, "ଲେଖିବାପାଇଁ ଇଚ୍ଛା ଥାଉ ବା ନ ଥାଉ ପ୍ରତ୍ୟହ ସକାଳେ କିଛି ନା କିଛି ଲେଖେ । କାରଣ ଲେଖିବା ଅବସ୍ଥାରେ ନ ଥିଲେ ବି ଯଦି ମୁଁ ନ ଲେଖେ ତେବେ ମୋଟେ ଅଧିକା ଲେଖିପାରିବି ନି । ଏଣୁ ମୁଁ ଲେଖେ ।" ବଡ଼ ଲେଖକ ହେବାର ସ୍ପୃହା ଥିବା ଯୁବକ ପକ୍ଷରେ ଏହା ନିଶ୍ଚୟ ଏକ ଚେତାବନୀ । ସାଧନା ଓ ଅଧ୍ୟବସାୟ ଥିଲେ ଲୋକ କାହିଁକି ବଡ଼ ନ ହେବ ?

Digitized by srujanika@gmail.com

ଯକ୍ଷ୍ମା ସଂଗ୍ରାମର ଅବସାନ ସଂଭବ?

ଶ୍ରୀ ରାମହର ମିଶ୍ର

‘ରୋଗୀ ଅଭାବରୁ ଯକ୍ଷ୍ମା-ସ୍ୱାସ୍ଥ୍ୟନିବାସ ବନ୍ଦ କରାଗଲା’ — ସକାଳ ଖବର କାଗଜର ଏ ଅଗ୍ରଲେଖା ନିଉୟର୍କ, ନୂଆଦିଲ୍ଲୀ, ଲଣ୍ଡନ, ପ୍ୟାରିସ୍ ପୃଥିବୀର ଗୃହଅଡ଼େ ତହଲ ପକାଇଦେଲା । ଶତାବ୍ଦୀ ଧରି ନୃଶଂସ ନରହନ୍ତା ରୂପେ ପରିଚିତ ବ୍ୟାଧି କଣ ଆଜି ନବ ଆବିଷ୍କୃତ ଭେଷଜ ଦ୍ୱାରା ପରାଜୟ ସ୍ୱୀକାର କରିଛି ? ମାନବର ଶତ ଶତ ବର୍ଷର ଅଦମ୍ୟ ଚେଷ୍ଟା କଣ ତେବେ ଆଜି ସଫଳ ହୋଇଛି ? ଏହି ପ୍ରଶ୍ନ ଆଜି ନିଉୟର୍କ ଠାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସବୁଠାରେ ।

ବର୍ଷ ଅତିକ୍ରାନ୍ତ ହେଲା । ନୂତନ ବର୍ଷର ନୂତନ ଆଲୋକରେ ଦେଖିବାକୁ ମିଳିଲା ନ୍ୟୁୟର୍କ ସାନାଟୋରିଅମ୍, ନ୍ୟୁଜର୍ସି ସାନାଟୋରିଅମ୍, ବାଡ଼େନ ୱ୍ୟାଲିଅର, ଲାଉସେନ୍ ପ୍ରଭୃତି ପୃଥିବୀର ପ୍ରଧାନ ପ୍ରଧାନ ଯକ୍ଷ୍ମା ସ୍ୱାସ୍ଥ୍ୟନିବାସ ମାନେ ଅଳ୍ପ ସଂଖ୍ୟକ ରୋଗୀ ପାଉଅଛନ୍ତି । ତରଙ୍ଗର ସ୍ରୋତ ବଦଳି ଯାଇଛି । ଯକ୍ଷ୍ମା ବିଶାରଦ ମାନେ ଆଜି କହନ୍ତି— ସେମାନେ ଆଜି ଏହି ଦୁରାରୋଗ୍ୟ ବ୍ୟାଧିକୁ ହାତ ମୁଠାରେ ରଖିବାକୁ ବହୁ ପରିମାଣରେ ସଫଳ ହୋଇଛନ୍ତି । କିନ୍ତୁ ଯକ୍ଷ୍ମା ଯୁଦ୍ଧର ଅବସାନ ହୋଇନି । କିଏ ଜାଣେ ସେ ଦିନ କେବେ ଆସିବ ? ଯକ୍ଷ୍ମା ବିଶେଷଜ୍ଞମାନେ କହନ୍ତି ନିକଟ ଭବିଷ୍ୟତରେ ଯକ୍ଷ୍ମା ଗୋଟିଏ ସାଧାରଣ ବ୍ୟାଧିରୂପେ ପରିଗଣିତ ହେବ । ଭିଷକ ବିଜ୍ଞାନର ଏହି ନାଟକୀୟ ବିଜୟ ଯକ୍ଷ୍ମାବିରୋଧୀ ଷ୍ଟ୍ରେପ୍ଟୋମାଇସିନ୍ ଯୋଗୁଁ ସମ୍ଭବ ହୋଇଛି ।

ଊନବିଂଶ ଶତାବ୍ଦୀର ପ୍ରଥମ ପାଦରୁ ଚିକିତ୍ସାଶାସ୍ତ୍ରଜ୍ଞ ଓ ଜନ ସ୍ୱାସ୍ଥ୍ୟ କର୍ମୀମାନେ ଯକ୍ଷ୍ମାର ଏହି ଅପରସୀମ ଅଗ୍ରଗତିର ପ୍ରତିରୋଧ କରିବା ପାଇଁ କୃତ ସଂକଳ୍ପ ହେଲେ । ସେତେବେଳେ ରୋଗୀମାନଙ୍କୁ ସମାଜରୁ ବହିଷ୍କାର କରି ଅନ୍ୟଠାକୁ ନେବା ବ୍ୟତୀତ ଅନ୍ୟ କିଛି ପ୍ରତିଷେଧକ ନଥିଲା । ଏହା ଫଳରେ ରୋଗଟିର ବ୍ୟାପକ ଅଗ୍ରଗତିରୁ କିୟତ୍ ପରିମାଣରେ ରକ୍ଷା ମିଳୁଥିଲା । ତା ପରେ ଉଇଲୟମ କନରାଡ ରନ୍ଟଜେନ୍ ‘ରଞ୍ଜନରଶ୍ମି’ (X Ray) ର ଉଦ୍ଭାବନ କଲେ ଏବଂ ଯକ୍ଷ୍ମା ର ଗୋଟିଏ ଧାରାବାହିକ ଚିକିତ୍ସା କରିବା ସମ୍ଭବ ହେଲା । ୧୯୪୦ ରେ ଉପରୋକ୍ତ ବ୍ୟବସ୍ଥା ଓ ନାଗରିକ ମାନଙ୍କର ଜୀବନ ଧାରଣର ମାନବୃଦ୍ଧି ଫଳରେ ଯୁକ୍ତରାଷ୍ଟ୍ର ଆମେରିକାର ମୃତ୍ୟୁହାର ପ୍ରତି ଦଶ ହଜାରରେ ୮ ଜଣ କୁ ଖସି ପଡ଼ିଲା । ଏହି ହାର ପୂର୍ବରୁ ପ୍ରାୟ ୧୦ ଗୁଣରୁ ଅଧିକ ଥିଲା । ତାଁ ପରେ ଯେଉଁ ଔଷଧ ଉଦ୍ଭାବିତ ହେଲା ତାଁ ଫଳରେ ଯକ୍ଷ୍ମା ଜୀବାଣୁ (Tubercular-bacillus) ମାନଙ୍କୁ ମୁଖାମୁଖୀ ଆକ୍ରମଣର ସୁଯୋଗ ମିଳିଲା । ୧୯୩୫ ରେ ସଲଫା ନିଲମାଇଡ୍ ଏବଂ ପରେ ଷ୍ଟ୍ରେପ୍ଟୋମାଇସିନ୍ ଉଦ୍ଭାବିତ ହୋଇ ୧୯୪୭ ବେଳକୁ ପୃଥିବୀର ସମସ୍ତ ଯକ୍ଷ୍ମା ଚିକିତ୍ସାଳୟ ମାନଙ୍କରେ ତାହା ମିଳିଲା । କିନ୍ତୁ ହାୟ, ଏହି ଔଷଧ ସବୁ କ୍ଷେତ୍ରରେ ଫଳପ୍ରଦ ହେଲାନାହିଁ— ଦେଖାଗଲା ବହୁ ଜୀବାଣୁ ଏହି ଔଷଧକୁ ଅକ୍ଲେଶରେ ପ୍ରତିରୋଧ କରିପାରୁଛନ୍ତି । ଏହି ପ୍ରଥମ ସୈନ୍ୟବାହିନୀକୁ ସାହାଯ୍ୟ କରିବା ପାଇଁ PAS ଦଳ ପଠାଗଲେ (Para-amino Salicylic acid) କେବଳ ଜୀବାଣୁ ମାନଙ୍କର ପ୍ରତିରୋଧ ଶକ୍ତିକୁ ଅଳ୍ପ ସମୟ ଅଟକାଇ ରଖିବାକୁ । ୧୯୫୧-୫୨ ରେ ଆଇସୋନିୟାଜିଡ୍ (Isoniozid) ନାମକ ଆଉ ଏକ ଶକ୍ତିଶାଳୀ ସୈନ୍ୟ-ଦଳ ପ୍ରସ୍ତୁତ କରାଗଲେ । ଏହାର ଅଳ୍ପ କେତେବର୍ଷ ପୂର୍ବରୁ ଗବେଷୀ ବୈଜ୍ଞାନିକମାନେ ଲକ୍ଷ୍ୟ କଲେ ଯେ ‘ବି’ ଜୀବନିକା ଓ ନିୟାସିନ (Niacin) ବହୁ ସଂଖ୍ୟାରେ ଜୀବଜନ୍ତୁ ମାନଙ୍କର ଯକ୍ଷ୍ମାକୁ ପ୍ରତିରୋଧ କରି ପାରୁଛନ୍ତି । ପରେ ପରେ ଗବେଷଣା ଫଳରେ ଜଣା ପଡ଼ିଲା ଯେ ଏହି ପ୍ରତିରୋଧ ଶକ୍ତି ଜୀବନିକାର ନୁହେଁ— ଏହା ନିୟାସିନ୍ ଅଣୁରେ ପରମାଣୁ ମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାର ମିଶ୍ରଣ ଯୋଗୁଁ ଯେଉଁ ନୂତନ ଶକ୍ତି ଜାତ ହେଉ ଅଛି ତାହାରି ଫଳ । ଏହାପରେ ବୈଜ୍ଞାନିକ ପ୍ରକ୍ରିୟାରେ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟର ଅଣୁ-ପରମାଣୁ ନେଇ ଭିନ୍ନ ଭାବରେ ମିଶ୍ରଣ କରାଗଲା, କାଳେ ହୁଏତ ଗୋଟିଏ ପ୍ରକାର ନୂତନ ଶକ୍ତିର ଉଦ୍ଭାବନ ହୋଇ ଏହା ମାନବୋପଯୋଗୀ ହୋଇ ପାରିବ । ଫଳତଃ ଅଷ୍ଟ୍ରିଆର ଜଣେ ରସାୟନ ଶାସ୍ତ୍ରବିତ୍ ଆଇସୋନିକୋଟିନିକ୍— (Isonicotinic) ଏସିଡ୍ ହାଇଡ୍ରାଜିଡ୍ ପ୍ରସ୍ତୁତ କଲେ । କିନ୍ତୁ ଦୁର୍ଭାଗ୍ୟକୁ ସେ ତାହା ଭୁଲିଗଲେ । ସେହି ବର୍ଷ ଏକ ସାଙ୍ଗରେ ତିନୋଟି ବିଜ୍ଞାନାଗାରରୁ ଏହାର ପ୍ରସ୍ତୁତ ପ୍ରଣାଳୀ ଜଣାଗଲା । ମୃତ୍ୟୁ ସ୍ୱପ୍ନ ଦେଖୁଥିବା ରୋଗୀ

Digitized by srujanika@gmail.com

ମାନେ ଅଣୁ ଆରୋଗ୍ୟ ଲାଭ କଲେ । ଏ ଔଷଧ ମଧ୍ୟ କଣ୍ଟକହୀନ ଗୋଲାପ ନ ଥିଲା । କେବଳ ଏହାକୁ ବ୍ୟବହାର କଲେ ଏହା ଷ୍ଟ୍ରେପଟୋମାଇସିନ୍ ପରି ଅକର୍ମଣ୍ୟ ହେଉଥିଲା । ଯେତେବେଳେ ଦେଖାଗଲା ଷ୍ଟ୍ରେପ୍ଟୋମାଇସିନ୍ ସହିତ ଆଇସୋ ନିକୋଟିନିକ ଏସିଡ୍ ହାଇଡ୍ରାଇଡ୍ ଦିଆଗଲା ଏହା ଚମତ୍କାର ଫଳ ଦେଲା । ଏ ଦୁଇଟି ଔଷଧ ଯେ କେବଳ ଯକ୍ଷ୍ମାରୋଗର ବିନାଶ ସାଧନ କରୁଛି ତାହାନୁହେଁ, ଯକ୍ଷ୍ମାଚିକିତ୍ସା ପ୍ରଣାଳୀରେ ମଧ୍ୟ ଆଣି ଦେଇଛି ଏକ ଅଭୂତ-ପୂର୍ବ ପରିବର୍ତ୍ତନ, ଯାହାଫଳରେ ବହୁମୁଖୀ ଚିକିତ୍ସାଳୟ-ମାନଙ୍କର ଆବଶ୍ୟକତା ଉପଲବ୍ଧି ହେଉଛି । ଚିକିତ୍ସାବିତ୍-ମାନେ କହନ୍ତି ଯକ୍ଷ୍ମା ଚିକିତ୍ସା ସବୁବେଳେ ଡାକ୍ତରଖାନା-ମାନଙ୍କରେ ହେବା ଉଚିତ । ଫଳରେ ସମାଜରେ ସଂକ୍ରମିତ ହେବାର ଆଶା କମ ରହିବ ଓ ଉତ୍ତମ ଚିକିତ୍ସା ମଧ୍ୟ ହୋଇ ପାରିବ । ଏହା ବ୍ୟତୀତ ପ୍ରତିଷେଧକ ହିସାବରେ B.C.G. ମଧ୍ୟ କମ ସାହାଯ୍ୟ କରୁନାହିଁ ଯଦିଓ ଏହା ପରୀକ୍ଷାମୂଳକ ଅବସ୍ଥାରେ ଅଛି । WHO (ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ) କହନ୍ତି "ପ୍ରତିଷେଧକ କେବଳ ଆରୋଗ୍ୟଲାଭଠାରୁ ଭଲ ନୁହେଁ, ଶସ୍ତା ମଧ୍ୟ" । ଉପରୋକ୍ତ ଅନୁଷ୍ଠାନର ଉଦ୍ୟମରେ ଏହି ପ୍ରତିଷେଧକ ବ୍ୟବସ୍ଥା ୨ ବର୍ଷ ପୂର୍ବେ ଆରମ୍ଭ କରାଯାଇଥିଲା । ଗତବର୍ଷ ୪୪ ମିଲିୟନ ଲୋକ ଭାରତରେ ପରୀକ୍ଷିତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରତିରୋଧକାରୀ ଶକ୍ତି ନ ଥିବା ଲୋକ ଥିଲେ ୧୪.୬ ମିଲିୟନ । ଭାରତରେ ଆସନ୍ତା ୧୯୫୮ ଶେଷବେଳକୁ ୧୨୫ ମିଲିୟନ ଲୋକ ପରୀକ୍ଷିତ ହୋଇ ସାରିଥିବେ । ଭାରତ ଦକ୍ଷିଣ ପୂର୍ବ ଏସିଆରେ ସବୁଠାରୁ ବେଶି B. C. G. ପ୍ରସ୍ତୁତ କରୁଛି ଓ ବର୍ମା, ଥାଇଲାଣ୍ଡ, ମାଲୟକୁ ରପ୍ତାନି କରୁଛି । ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଗୁଇଣ୍ଡିଠାରେ ଏହାର ବୃହତ୍ତମ କାରଖାନା ଅବସ୍ଥିତ ।

ତେଣୁ ଏହା ସିଦ୍ଧାନ୍ତ କରିବା ଅବାନ୍ତର ନେବନାହିଁ ଯେ ନିକଟ ଭବିଷ୍ୟତରେ ଯକ୍ଷ୍ମା ସମ୍ପୂର୍ଣ୍ଣରୂପେ ପୃଥିବୀବକ୍ଷରୁ ବିଦାୟ ନେବ ଓ ଯକ୍ଷ୍ମା ସଂଗ୍ରାମର ହେବ ଏକ ସ୍ଥାୟୀ ଅବସାନ ।

ସଂଖ୍ୟାର ବିଚିତ୍ରତା

ସଂଗ୍ରାହକ ଶ୍ରୀ ନାମାନନ୍ଦ ଦାସ, ବି.ଏସ୍‌ସି.

୧ । ଗୋଟିଏ ସାଧାରଣ ଧୂଳିକଣାର ବ୍ୟାସ ଏକ ସେଣ୍ଟିମିଟରର ହଜାରେ ଭାଗରୁ ଭାଗେ ।

୨ । ପରମାଣୁର ବ୍ୟାସ ଏକ ସେଃମିଃର ଦଶ-କୋଟି ଭାଗରୁ ଭାଗେ ।

୩ । ପରମାଣୁ ମଧ୍ୟରେ ଥିବା ଇଲେକ୍‌ଟ୍ରନର ବ୍ୟାସ ଏକ ସେ.ମି.ର ଦଶଲକ୍ଷ କୋଟି ଭାଗରୁ ଭାଗେ ଏବଂ ପ୍ରୋଟନ୍‌ର ବ୍ୟାସ ଏକ ସେ.ମି ର ଶହେକୋଟି କୋଟି ଭାଗରୁ ଭାଗେ ।

୪ । ଉଦ୍‌ଜାନ ପରମାଣୁର ଓଜନ ଏକ ଗ୍ରାମ୍‌ର ଏକହଜାର କୋଟି କୋଟି କୋଟି ଭାଗରୁ ଭାଗେ ଏବଂ ଇଲେକ୍‌ଟ୍ରନ୍‌ର ଓଜନ ଏକ ଗ୍ରାମ୍‌ର ଏକଲକ୍ଷ କୋଟି କୋଟି ~~କୋଟି~~ ଭାଗରୁ ଭାଗେ ମାତ୍ର ।

୫ । ମନୁଷ୍ୟର ସମସ୍ତ ଶରୀରରେ ଏକଲକ୍ଷ କୋଟି କୋଟି କୋଟି ପରମାଣୁ ରହିଅଛି ।

୬ । ମଣିଷ ଆଖି ୧୩ କୋଟି ସ୍ନାୟୁର ସଂଯୋଗରେ ଗଠିତ ।

୭ । ଲାଲରକ୍ତ କଣିକାର ବ୍ୟାସ ଏକ ସେ.ମି.ର ୭୫ କୋଟି ଭାଗରୁ ଭାଗେ ।

୮ । ଲଣ୍ଡନ ସହର ରାସ୍ତାର ପ୍ରତି ଘନ ସେଣ୍ଟି-ମିଟର ପବନରେ ହାରାହାରି ୪ ଲକ୍ଷ ଧୂଳିକଣା ଥାଏ ।

୯ । ପ୍ୟାରିସ ସହର ରାସ୍ତାରେ ପ୍ରତି ଘନ. ସେ.ମି. ପବନରେ ହାରାହାରି ୩୪୮୦ ଜୀବାଣୁ ଥାନ୍ତି ।

୧୦ । ଅଧସେର ମାଟିରେ ତେଇଶି ଶହ କୋଟି ଜୀବାଣୁ ଅଛନ୍ତି ।

୧୧ । ଆକାଶରେ ଦୁଇହଜାର କୋଟି ତାରକା ରହିଛନ୍ତି ।

୧୨ । ବଟେଲ ଗେସ୍ ତାରକା ଆମ ସୂର୍ଯ୍ୟଠାରୁ ୫୪୦ ଗୁଣ ବଡ଼ ।

Digitized by srujanika@gmail.com

ରସାୟନିକ ପରୀକ୍ଷଣ, ଶିଳ୍ପ ଓ କଳା

ଶ୍ରୀ ନବ ପଟ୍ଟନାୟକ

କାଳି

ଅନେକ ପ୍ରକାର କାଳି ଅଛି, ଯେଉଁଗୁଡ଼ିକ ସହଜରେ କରିହେବ । ସେଇଗୁଡ଼ିକ ମଧ୍ୟରୁ କେତୋଟି ନିମ୍ନରେ ଦିଆଗଲା ।

୧—ବ୍ଲୁ ବ୍ଲାକ ଇଙ୍କ୍ (Blue black Ink) :—

ଟାନିକ ଏସିଡ୍ (Tannic Acid) ୭ ଅଉନ୍ସ
ବର୍ଷା ପାଣି (Distilled water) ୫୦ „

ପାଣି ସଙ୍ଗେ ଏସିଡ଼ ମିଶାଇ ସାମାନ୍ୟ ଗରମ କର— ଏସିଡ଼ ମିଶିଯିବ । ତା ପରେ ମିଶାଅ ଲିକର ଫେରିପର କ୍ଲୋର୍ (Liq. Ferriperchlor fost) ୨ ଅଉନ୍ସ । ଏସିଡ ହାଇଡ୍ରୋ କ୍ଲୋର (Acid Hydro chlor) ୨ ଡ୍ରାମ ।

ମାଟି ପାତ୍ରରେ ସମସ୍ତ ଜିନିଷକୁ ଏକାଠି କରି ପାଣି ଉପରେ (water bath) ଦୁଇଘଣ୍ଟା ପର୍ଯ୍ୟନ୍ତ ଗରମ କର । ଦରକାର ହେଲେ ଆଉ କିଛି ପାଣି ମିଶାଅ । ମେଥିଲ ବ୍ଲୁ (Methyl Blue) ୨ ଡ୍ରାମ ଓ କାର୍ବଲିକ ଏସିଡ (Carbolic acid) ୧ ଡ୍ରାମ ସେଥିରେ ମିଶାଇ ୧୦ । ୧୫ ଦିନ ପର୍ଯ୍ୟନ୍ତ ରଖି ଦିଅ । ତେଣିକି ବ୍ୟବହାର କର ।

୨—ବ୍ଲୁ ଭାଓଲେଟ୍ ଇଙ୍କ (Blue Violet Ink):—

ମେଥିଲ ଭାଓଲେଟ୍ (Methyl violet) ୨ ଅଉନ୍ସ
ମେଥିଲ ବ୍ଲୁ (Methyl Blue)— ୧ „
ଡେକ୍‌ସଟ୍ରିନ (Dextrin)— ୨ „

୩—ରେଡ୍ ଇଙ୍କ୍ (Red Ink) —

ଇଓସିନ (Eosin)— ୧ ଅଉନ୍ସ
କଂଗୋ ରେଡ଼ (Congo Red)— ୨ ଡ୍ରାମ
ଡେକ୍‌ଷ୍ଟ୍ରିନ (Dextrin)— ୧ ଅଉନ୍ସ

୪—ଦେଶୀ କଳା କାଳି—

ହରିଡ଼ା— ୧ ସେର, ବାହାଡ଼ା ½ ସେରକୁ ଛେଚି ଗୋଟିଏ ମାଟି ପାତ୍ରରେ ରଖି ୩ ସେର ପାଣି ଦେଇ ସିଝାଅ । କିଛି ପାଣି ମରିଗଲେ ସେଥିରେ ଖଣ୍ଡେ ଲୁହା ପକାଇ ପ୍ରତିଦିନ ଖରାରେ ରଖ । ଅଳ୍ପେ ଅଳ୍ପେ ଜିନିଷ ସବୁ କଳା ହୋଇ ଆସିବ । ଯେତେବେଳେ କାଳି ବହଳ ହୋଇଯିବ, ଛାଣି ନେଇ ଗୋଟିଏ ବୋତଲରେ ରଖି ସେଥିରେ କିଛି ହୀରାକସ (Iron Sulphate) ଗୁଣ୍ଡ କରି ମିଶାଅ । ଏଇ ହେଲା କଳା କାଳି । ଏଇ କାଳିକୁ ଉଜ୍ଜ୍ୱଳ ଓ ଚକ୍ ଚକ୍ କରିବାକୁ ହେଲେ କିଛି କଇଥ ଅଠା (Gum Arabic) ସାମାନ୍ୟ ପାଣିରେ ଗୋଳି ମିଶାଅ । ହରିଡ଼ାର ଅମ୍ଳସାରକୁ ଟାନିକ ଏସିଡ଼ କୁହାଯାଏ । ହରିଡ଼ା ଓ ବାହାଡ଼ା ବଦଳରେ ଅମ୍ବ କୋଇଲିକୁ ବ୍ୟବହାର କରାଯାଇ ପାରେ । ମଫସଲର ଝିଅମାନେ ଅମ୍ବ କୋଇଲିକୁ ଛେଚି ଲୁହା ସଙ୍ଗେ ପାଣିରେ ଭିଜାଇ [illegible] [illegible] କଳା ରଙ୍ଗ ବାହାର କରନ୍ତି । ଏଇ କଳା ରଙ୍ଗରେ ଝୋଟ଼ା ଗୁଡ଼ିଲ ଗୁଣ୍ଡ ଓ କଇଥ ଅଠା ମିଶାଇ କିପାଲରେ ଝୋଟି ଲଗାନ୍ତି । ଏହାର ନାମ "ଗୁଦିକଳା" ।

---

୧୩ । ତିନିଶକୋଟି ତାରକାଥିବା ମଣ୍ଡଳରୁ ଆମ ସୂର୍ଯ୍ୟ ଅନ୍ୟତମ ।

୧୪ । ସମଗ୍ର ବିଶ୍ୱର ଓଜନ ଆମ ସୂର୍ଯ୍ୟର ଏକହଜାର କୋଟି କୋଟି କୋଟି ଗୁଣ ଓଜନ ସହିତ ସମାନ ହେବ ।

୧୫ । ଦଶରେ ୫୫ଟି ଶୂନ ଲଗାଇଲେ ଯେଉଁ ସଂଖ୍ୟା ହେବ ସେତିକ ସଂଖ୍ୟାର ପରମାଣୁ ବିଶ୍ୱରେ ରହିଛି । ସବୁଠାରୁ ବଡ଼ ବିଚିତ୍ର କଥା ହେଉଛି, ଏ ସମସ୍ତ ମନୁଷ୍ୟ ମସ୍ତିଷ୍କର ୧୦ ବର୍ଗଇଞ୍ଚ ସ୍ଥାନରେ ଧାରଣା କରାଯାଇଛି !!

—o—

Digitized by srujanika@gmail.com

ଉପରୋକ୍ତ କାଳି ସବୁ କେବଳ ଲେଖାଲେଖି ପାଇଁ ପ୍ରଶସ୍ତ କିନ୍ତୁ ଛବି ପାଇଁ ଭିନ୍ନ ପ୍ରକାର କାଳିର ବ୍ୟବସ୍ଥା ଦରକାର । ନିମ୍ନରେ ଡ୍ରଇଂ ଇଙ୍କ୍‌ର ପ୍ରଣାଳୀ ଦିଆଗଲା ।

୫—ଡ୍ରଇଂ ଇଙ୍କ (Drawing Ink)

ଫିଟିକିରି (Alum) —	୪
ବର୍ଷା ପାଣି (Distilled water)—	୧୦

ଫିଟିକିରିକୁ ପାଣିରେ ଗୋଳି ସେଥିରେ ଲାଲ ଲାଖ (Shellac) ୫ ଭାଗ ପକାଇ କିଛିଦିନ ରଖିଦିଅ । ମଝିରେ ମଝିରେ ଶିଶିକୁ ହଲାଇ ଦେଉଥାଅ । ଲାଖ ମିଶିଗଲେ ଛାଣି ନେଇ ସେଥିରେ ଦୀପକଳା, ଫ୍ଲେକ୍ ହ୍ୱାଇଟ୍, କ୍ରୋମ୍ ଏଲୋ ଭରମିଲିନ୍ ଯେଉଁ ବର୍ଣ୍ଣ ଦରକାର ସେଇ ରଙ୍ଗ ମିଶାଇ ବ୍ୟବହାର କର ।

କାଚ ଏବଂ ଧାତୁ ଜିନିସ ପାଇଁ ଅନ୍ୟ ପ୍ରକାରର କାଳି ବ୍ୟବହାର ହୁଏ, କାରଣ ଏଇ ସବୁ କାଳିର ଲେଖା କାଚ କିମ୍ବା ଧାତୁ ଜିନିଷ ଉପରେ ବେଶୀ ଦିନ ରହେ ନାହିଁ ।

୬—କାଚ ଉପରେ ଲେଖିବା କାଳି

ଲାଖ—	୧୦ ଭାଗ
ଭିନିସ ଟରପେନ୍‌ଟାଇନ—	୧୦ ,,
ଦୀପକଳା—	୫ ,,

ଓ୍ୟାଟର ବାଥ୍‌ରେ ଗରମ କର । କିଛି ସମୟ ପରେ ଲାଖ ଟାରପେନ୍‌ଟାଇନରେ ମିଶିଗଲେ କଳା ମିଶାଇ ଭଲ ଭାବେ ଗୋଳି ନିଅ ।

୭—ଭିନ୍ନ ପ୍ରକାର :—

କାଚ ଉପରେ ମହମ ବା ମହମ ବତୀ (Paraffin hard) ତରଳାଇ ବୋଳି କଲମରେ ମାଣ୍ଡିକରି ଯାହା ଲେଖିବାର କଥା ଲେଖ । କଲମ ମୁନରେ ମହମ ଉଠି ଆସିବ । ଲେଖାର ସେଇ ଫାଙ୍କ ଜାଗାରେ ହାଇଡ୍ରୋଫ୍ଲୋରିକ୍ ଏସିଡ (Hydroflouric Acid) ଢାଳି ଦିଅ । କିଛି ସମୟ ପରେ ମହମକୁ ସଫା କରିଦିଅ । ଦେଖିବ କାଚ ଉପରେ ସୁନ୍ଦର ଅକ୍ଷର ସବୁ ଲେଖି ହୋଇ ଯାଇଛି । ହାଇଡ୍ରୋଫ୍ଲୋରିକ ଏସିଡ କାଚକୁ ଖାଇଯାଏ । ଲୁହା, ତମ୍ବା, ପିତଳ ଇତ୍ୟାଦି ଧାତବ ପଦାର୍ଥ ଉପରେ ଲେଖିବାକୁ ହେଲେ ଏଇପରି ମହମ ବୋଳି କଲମରେ ଲେଖି ନାଇଟ୍ରିକ୍ ଏସିଡ ଢାଳି ଦିଅ । କିଛି ସମୟ ପରେ ମହମ ସଫା କରି ନିଅ । ଏଇ ପ୍ରକାରରେ ସୁନ୍ଦର ସୁନ୍ଦର ଅକ୍ଷର ଏବଂ ଛବି ଲେଖା ଯାଇ ପାରେ ।

—୦—

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ଏପରି ଏକ ସ୍ଥାନରେ ହେବ ଯେଉଁଠାରେ କି ସାଗ୍ରବର୍ଷଧରି କୁସୁମିତ ତରୁଶାଖାରୁ ପୁଷ୍ପ ବର୍ଷୁଥିବ ।” ତାହା ଆଜି ଆଶ୍ଚର୍ଯ୍ୟଭାବେ ସତ୍ୟରେ ପରିଣତ ହୋଇଛି । ସେ ୫୧ ହିଜରୀ ଅବ୍ଦ (୧୧୨୩-୨୪ ଖ୍ରୀଷ୍ଟାବ୍ଦରେ) ନୈଶାପୁରରେ ଇହଧାମ ପରିତ୍ୟାଗ କରିଥିଲେ । ଆଜି ଦେଖାଯାଏ ତାଙ୍କର କବର ଉପରେ ନାନା ପୁଷ୍ପ ବୃକ୍ଷରେ ଆଚ୍ଛାଦିତ ହୋଇ ଏକ କୁଞ୍ଜବନ ମଧ୍ୟରେ ଶୋଭା ପାଉଅଛି ।

—ଦ୍ୱିତୀୟ—

ଓମାର ଭଗବାନ ଓ ନିୟତିରେ ଦୃଢ଼ ବିଶ୍ୱାସ କରନ୍ତି । କିନ୍ତୁ ସ୍ୱର୍ଗ, ପୁନର୍ଜନ୍ମ ଓ ଧର୍ମରେ ଆଦୌ ବିଶ୍ୱାସ କରନ୍ତି ନାହିଁ । ସେ କହନ୍ତି—“ନିୟତିର ଗତି ଦୁର୍ବାର, ଅଦୃଷ୍ଟର ବିଧି ଅପରିହାର୍ଯ୍ୟ, ମନୁଷ୍ୟର ଶକ୍ତି ସୀମାବଦ୍ଧ ଓ ଜୀବନ କ୍ଷଣସ୍ଥାୟୀ । ମନୁଷ୍ୟ ଜାଣେନା, ସେ କାହିଁକି, କେଉଁଠୁ କିଣପାଇଁ ଆସିଛି ଆଉ ବା ଯିବ କୁଆଡ଼େ । ଜୀବନ ମାତ୍ର ଏକ କ୍ଷଣିକ ଜାଗରଣ । ତେଣୁ ଜୀବନର ସମସ୍ତ ଦୁଃଖକଷ୍ଟ ଭୁଲି ବର୍ତ୍ତମାନ ଜୀବନକୁ ପୂର୍ଣ୍ଣସୁଖରେ ଉପଭୋଗ କରିଯିବାହିଁ ଉଚିତ । ସ୍ୱର୍ଗମର୍ତ୍ତ୍ୟ, ଦେବତା ଦାନବ, ଧର୍ମ ଅଧର୍ମ ନେଇ ଯୁକ୍ତି ତର୍କ କରିବା ବୃଥାମାତ୍ର । ଏହି ସୃଷ୍ଟି ଅସତ୍ୟ, ଶୂନ୍ୟ ମିଥ୍ୟାମାୟା—ଗୋଟିଏ ସ୍ୱପ୍ନର ଛାୟାମାତ୍ର । ସତ୍ୟ ଓ ଅସତ୍ୟ, ସନ୍ଦେହ ଓ ବିଶ୍ୱାସ, ଜୀବନ ଓ ମୃତ୍ୟୁ—ପ୍ରତି ଦୁଇଟିର ମଧ୍ୟରେ ତଫାତ୍ ଅତି ସାମାନ୍ୟ । ତେଣୁ କୌଣସି ଦୁଃଚିନ୍ତା ବା ଯୁକ୍ତି ତର୍କରେ କ୍ଷଣିକ ଜୀବନକାଳକୁ ଅଯଥା ନଷ୍ଟ ନ କରି ସୁଖରେ ଆତ୍ମହରା ହୁଅ ।”

ସେ ମନୁଷ୍ୟର ଭଣ୍ଡାମି, ହୀନଚରିତ୍ରତା, ନିବୁର୍ଦ୍ଧିତା, ଯୁକ୍ତିହୀନତା, ଅନ୍ଧବିଶ୍ୱାସ ଓ ଗର୍ବ ଆସ୍ପର୍ଦ୍ଧା ପ୍ରତି ବିରାଟ ବିଦ୍ରୂପ କରିଛନ୍ତି । ସେ କହନ୍ତି, “ମନୁଷ୍ୟ ନିହାତି ମୂର୍ଖ, ଅସଲ ନକଲ ଚିହ୍ନି ଜାଣେନି । ପୁଣ୍ୟବାନ ସାଧୁର ବେଶ ସାଜି ଅନ୍ୟର ଧନ ଅପହରଣ କରେ । ଈର୍ଷା, ଦ୍ୱେଷ, ଘୃଣାରେ ଜର୍ଜରିତ

Digitized by srujanika@gmail.com

ହୋଇ ସ୍ନେହମମତା ଭୁଲି ମଣିଷ ପାଗଳ ପରି ଘୁରି ବୁଲୁଛି । ଧର୍ମ ନାମରେ ନାନା ଅତ୍ୟାଚାର କରୁଛି । ନିଜର ଧନ, ବୁଦ୍ଧି ଓ ଜ୍ଞାନର ବଡ଼ିମା ପ୍ରକାଶ କରୁଅଛି । ଏହା ଅଜ୍ଞାନର ଏକ ବିରାଟ ଅନ୍ଧକାର ମାତ୍ର ।"

ପ୍ରେମ ଭଗବାନଙ୍କର ଦାନ । ତାହା ଜୀବନକୁ ସଞ୍ଜୀବିତ କରେ । ଯାହାର ହୃଦୟରେ ପ୍ରେମର ଅମଳ ସ୍ନିଗ୍ଧ ଆଲୋକ ପ୍ରକାଶ ପାଇନି ତାହାର ସମସ୍ତ ଜୀବନ ବ୍ୟର୍ଥ, ସେ ହତଭାଗ୍ୟ ।

ତୃତୀୟ

"ନବବସନ୍ତ ରୂପ, ସଦ୍ୟପ୍ରସ୍ଫୁଟିତ ପୁଷ୍ପ, ଛନ୍ଦମୟ କବିତା, ମଧୁମୟ ସଙ୍ଗୀତ, ବିହଗର କଳକାକଳି, ପୂର୍ଣ୍ଣିମାର ଶୁଭ୍ରଜ୍ୟୋତ୍ସ୍ନା, ନିକୁଞ୍ଜର ଶୋଭାଶ୍ରୀ, ଶ୍ୟାମ ତୃଣାଚ୍ଛାଦିତ ନଦୀତୀର, ପର୍ବତର ପ୍ରଶାନ୍ତ ଆକାଶରେ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟ ପ୍ରକାଶ ପାଏ । ଏହି ରହସ୍ୟମୟୀ ମୃତ୍ତିକା ଜନନୀ ଏକ ଇନ୍ଦ୍ରଜାଲ ରଚନା କରିଛି, ନାନା କ୍ଷୁଦ୍ରବୃହତ୍ ପଶୁପକ୍ଷୀ, କୀଟଲତାଙ୍କୁ ନେଇ । ମାଟିରେ ଗଢ଼ିଉଠିଛି ମନୋରମ ଉଦ୍ୟାନ । ଏଇ ମାଟିରେ ଗଢ଼ା ମଣିଷର ଶରୀର, ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ । ଏଇ ମାଟିର ପ୍ରତିକଣାରେ ପ୍ରାଣର ସ୍ପନ୍ଦନ ରହିଛି, ଅନ୍ତର ଦେବତା ବିରାଜମାନ କରୁଛି । ଏ ମୃତ୍ତିକାର ଯେ ଅନାଦର କରେ ସେ ବିରାଟ ମୂର୍ଖ !"

ଏହାପରେ ସେ ମୃତ୍ତିକା-ଜନନୀ ପ୍ରତି ଅଶେଷ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ପ୍ରକାଶ କରିଛନ୍ତି । ଗଳ୍ପ ଛଳରେ ସେ କହନ୍ତି ଯେ ଦିନେ ସନ୍ଧ୍ୟା ସମୟରେ ବାହାରକୁ ବୁଲି ଆସିଥିବା ସମୟରେ ଜଣେ କୁମ୍ଭକାରକୁ ଖୁବ୍‌ଜୋର୍‌ରେ ଓଦାମାଟି ଚକଟୁ ଥିବାର ଦେଖିଲେ । ମାଟିପ୍ରତି କୁମ୍ଭକାରର ନିଷ୍ଠୁର ଆଘାତ ସତେ ଯେପରି ସେ ପ୍ରାଣରେ ଅନୁଭବ କଲେ । ଶୁଣିପାରିଲେ ସତେ ଯେପରି ଜଡ଼ ଓ ମୂକ ଓଦାମାଟି ଅତି ଦୁଃଖରେ କାନ୍ଦିକାନ୍ଦି କାତର ହୋଇ କହୁଛି— "ମୋତେ ଧୀରେ ଧୀରେ ଆଘାତ କର ।"

ସେ କହି ଉଠିଲେ—"କୁମ୍ଭକାର, ତୁମେ ଆଜି ଏପରି କରନାହିଁ । ସେଇ ମାଟିରେ କେତେ ମଣିଷର ଦେହ ମିଶିଅଛି । ତମେ କଣ ଜାଣି ନାହିଁ, ତୁମର ଏଇ ଚପଳ-ଚକ୍ରରେ' କେତେ ସୁଲତାନ, କେତେ ରୂପସୀ, କେତେ ଭିକାରୀଙ୍କର ଶରୀରର ଭସ୍ମାବଶେଷ ଘୁରୁ ଅଛି ?"

ସୃଷ୍ଟିକର୍ତ୍ତାଙ୍କୁ ସେ କୁମ୍ଭାର ରୂପରେ ଏବଂ ନିୟତିର ଚକ୍ରକୁ କୁଲାଳଚକ୍ରରୂପେ ଦେଖିଛନ୍ତି । ଏଇ ସୁନ୍ଦର ଉପମା ଦ୍ୱାରା ସେ ମନୁଷ୍ୟଙ୍କୁ ନିୟତି ହସ୍ତରେ କ୍ରୀଡ଼ନକ ବୋଲି ଉପସ୍ଥାପିତ କରିଛନ୍ତି । ଏହିପରି ସେ ଥିଲେ ଘୋର ଅଦୃଷ୍ଟବାଦୀ ।

ସେହିପରି ଆଉ ଦିନେ ରମ୍‌ଜାନ୍ ପର୍ବର ଶେଷଦିନ ସନ୍ଧ୍ୟାରେ ସେଇ କୁମ୍ଭାର ଘରଆଡ଼େ ବୁଲି ଆସିଥିଲେ । ସେ ଦେଖିପାରିଲେ ଯେପରି କୁମ୍ଭାର ଦୁଆରେ ମାଟିର ପିତୁଳା ସବୁ ଦଳବାନ୍ଧି ଛିଡ଼ା ହୋଇଛନ୍ତି ଏବଂ ଆଶ୍ଚର୍ଯ୍ୟର କଥା, ସେମାନେ ପରସ୍ପର ମଧ୍ୟରେ ସତେ ଯେପରି କଥାବାର୍ତ୍ତା ହେଉଛନ୍ତି—"କହି ପାରିବ କି, କୁମ୍ଭ କିଏ, କୁମ୍ଭାର କିଏ ?" ତାଙ୍କ ମଧ୍ୟରୁ ଜଣେ ଯେପରି ଉତ୍ତର ଦେଲା—"ଆମର ଏ ଶରୀର ମାଟିରେ ଅକାରଣେ ଗଢ଼ାହୋଇନି । ସିଏ ଆମକୁ ଏତେ ଯତ୍ନ-କରି ରୂପ ଦେଇଛନ୍ତି, ସିଏ ପୁଣି ଆମକୁ ମାଟିକୁ ପଠେଇ ଦେବେ !" ଓମାରଙ୍କର କି ବିଚିତ୍ର କଳ୍ପନା ! କୁମ୍ଭାର ଏବଂ କୁମ୍ଭ ମଧ୍ୟରେ ସେ ପ୍ରଭେଦ ଅନୁଭବ କରି ନାହାନ୍ତି । ସେଇ ମାଟିରେ ସବୁ ଗଢ଼ା, ଏବଂ ପୁଣି ସବୁ ସେଇଠିକି ଫେରିଯାଏ । ସେ ସବୁ ସେଇ ଭଗବାନଙ୍କର ବିଚିତ୍ର ଲୀଳା ।

ମାଟି ପିତୁଳାଙ୍କ ଭିତରେ ସେ ପୁଣି ଆହୁରି ଶୁଣି ପାରିଲେ—"ଆଚ୍ଛା, ଯେଉଁ ପାତ୍ରଟି ପୁଣି ସବୁଠୁ ସୁନ୍ଦର, ତା'କୁ ବ୍ୟବହାର କରି ଫୋପାଡ଼ି ଦେବାର କାରଣ ? ପାତ୍ରଟିଏ ଏତେ ଆଦରରେ ଗଢ଼ି, ତା'କୁ ଫିଙ୍ଗି ଦେବାର ଯଥାର୍ଥତା . ?" [illegible] ଗୋଟିଏ ମୋଟା କୁଜା ରଙ୍ଗା ପିତୁଳା କହି ଉଠିଲା "ଦେଖ ତ, ମୋର ଏ କଦର୍ଯ୍ୟ ରୂପ ଲୋକଙ୍କ [illegible] କେତେ ବିରକ୍ତ ହେଉଛନ୍ତି । ଖାଲି

Digitized by srujanika@gmail.com

କଲାବେଳେ କିଏ କୁମ୍ଭାରର ହାତ ଥରିଲା ?" ତାହାର ଉତ୍ତର ଦେଇ ଆଉ ଗୋଟିଏ ପିଭୁଲା କହିଲା, "ଶୁଣ, ସେମାନେ ସବୁ ବଡ଼ ଖରାପ ଲୋକ । ତାଙ୍କ ମନ ଅତି ଶ୍ରେଷ୍ଠ । ମଣିଷ ମାନେଇ ଖରାପ । ଯେଉଁମାନେ ଏଠାକୁ କିଣିବାକୁ ଆସନ୍ତି ସେମାନେ ଖରାପ ଭଲ ବାଛି କରି ନଅନ୍ତି । ଆଉ କୁମ୍ଭାରକୁ ପ୍ରଶଂସାକରି କହନ୍ତି ଯେ କୁମ୍ଭକାର ଭାରି ଭଲ, ଜମା ଠକେଇ ନୁହେଁ ।"

ଏକ ଅଦୃଶ୍ୟ ଶକ୍ତି ମଣିଷକୁ ଗଢ଼େ ଖାମ୍‌ଖିଆଲି ଭାବେ । ମଣିଷ ଭଲ ମନ୍ଦ ବାଛିଲାପରି ସେ ବାଛେ ନାହିଁ, କାରଣ ସବୁହିଁ ବିଦ୍ଧନ ପାଇଁ ମାଟିର ପିଭୁଲା । ଏଠାରେ ଓମାର ମଣିଷକୁ ଯଥେଷ୍ଟ ଉପହାସ ମଧ୍ୟ କରିଛନ୍ତି ।

ଚତୁର୍ଥ

ସୃଷ୍ଟି ଏକ ବିରାଟ ରହସ୍ୟ । ନିୟତିର ଦ୍ୱାର ଚିର-ରୁଦ୍ଧ । କେତେ ସାଧୁ, ଭକ୍ତ, ଜ୍ଞାନୀ, ଗୁଣୀ ଜନ୍ମଗ୍ରହଣ କରି, ଅଜ୍ଞାନ ଅନ୍ଧକାର ଦୂର କରିବାର ଚେଷ୍ଟା ମଧ୍ୟରେ ମୋହାଚ୍ଛନ୍ନ ଧରଣୀର ତମସାର କୋଳରେ ଚିରସୁପ୍ତି ଲାଭ କରି ଯାଇଛନ୍ତି । ଐଶ୍ୱର୍ଯ୍ୟ ଗର୍ବ ସମାରୋହ ମଧ୍ୟରେ କେତେ ରାଜା, ଭିକ୍ଷାପାତ୍ର ସହ କେତେ ଭିକାରୀ ଏହି ଜଗତରେ କ୍ଷଣେମାତ୍ର ଦେଖା-ଦେଇ କାଳର ଅନ୍ଧକାର ମଧ୍ୟରେ ଲୀନ ହୋଇ ଯାଇ-ଛନ୍ତି । ସେମାନଙ୍କ ମଧ୍ୟରୁ କାହାର ହେଲେ ଆତ୍ମା ଫେରିଆସି ମୃତ୍ୟୁଲୋକର ସନ୍ଧାନ ଦେଇଯାଇ ନାହିଁ । ମନୁଷ୍ୟର ଏହି ଜୀବନରେହିଁ ସାରା ସୃଷ୍ଟିର ବିକାଶ । ସେଇ ମଣିଷ, ପଶୁ, ଦେବତା ପୁଣି ଅସୁର; ସିଏ ସାଧୁ, ସ୍ୱର୍ଗଦୂତ, ସିଏ ପୁଣି ପାପୀ ଦାନବ । ସବୁ ମଣିଷଠାରେ ସେଇ ଅନନ୍ତହୀନ ଅବ୍ୟକ୍ତ ବିଶାଳ ଶକ୍ତିର ସତ୍ତା ସର୍ବଦା ପ୍ରକାଶ ପାଇଆସୁଛି ।

ସେଇ ଗୋଟିଏ ମାତ୍ର ସୃଷ୍ଟିକର୍ତ୍ତା ମନୁଷ୍ୟର । ତା'ର ପୂଜାପାଇଁ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ସବୁ ଏକ । ପ୍ରାର୍ଥନା କରି ସେ କହନ୍ତି—"ଭଗବାନ, ମୁଁ ଅନ୍ଧ, ଆପଣଙ୍କ ଜ୍ୟୋତି ମୁଁ ଦେଖି ପାରୁନି । ମୋର ସମସ୍ତ କ୍ଷମା କରନ୍ତୁ, ମୋର ଏ ଶକ୍ତି, ପ୍ରାଣ, ସତ୍ତା, ଆତ୍ମା ଓ ମନ ସବୁ ଆପଣଙ୍କର ହିଁ ଦାନ । ଏ ଦେହ ମଧ୍ୟ ଆପଣଙ୍କର । ହେ ମୋର ସ୍ୱାମୀ, ଆପଣଙ୍କ ବ୍ୟତୀତ ମୋର ଆଉ ଜଗତରେ କେହି ନାହିଁ । ମାଟିର ଏ ରୁଦ୍ଧ କାରାଗାର ମଧ୍ୟରୁ ମୋର ଆତ୍ମାକୁ ମୁକ୍ତିଦାନ କରି ଆପଣଙ୍କ ପ୍ରାଣରେ ମିଶାଇ ଦିଅନ୍ତୁ । ଏହାହିଁ ମୋର ଏକମାତ୍ର ପ୍ରାର୍ଥନା ।"

(ବଙ୍ଗଳା "ରୁବାଇୟତ୍-ଇ-ଓମାର ଖୈୟାମ"ର ସାହାଯ୍ୟରେ)

ଫଳର ରଙ୍ଗ ଓ ବାସ

ଡକ୍ଟର ଶ୍ରୀ ବିଶ୍ୱନାଥ ସାହୁ, ପି. ଏଚ୍. ଡି

ରଙ୍ଗ

ଫଳ କଞ୍ଚାବେଳେ ଶାଗୁଆ ଏବଂ ପାଚିଲେ ଲାଲ, ହଳଦିଆ ବା ଶାଗୁଆ ଦେଖାଯାଏ । ଫଳର ଶାଗୁଆ, ହଳଦି ଏବଂ ଧଳା ବର୍ଣ୍ଣଗୁଡ଼ିକୁ ନମ୍ନ ବା "ଅଧଃବର୍ଣ୍ଣ" ଏବଂ ଲାଲ-ବର୍ଣ୍ଣକୁ "ପୂର୍ଣ୍ଣବର୍ଣ୍ଣ" ବା "ଉର୍ଦ୍ଧ୍ୱବର୍ଣ୍ଣ" କୁହାଯାଏ । କଞ୍ଚାବେଳେ ଏହି ହଳଦି, ଧଳା ଓ ଲାଲବର୍ଣ୍ଣ ଫଳରେ ଅପ୍ରକାଶିତ ହୋଇ ରହିଥାଏ; ଫଳ ବଳ ପାଚିଆସିଲେ ସେଗୁଡ଼ିକ ପ୍ରକଟିତ ହୁଏ ।

ଶାଗୁଆ ରଙ୍ଗ—

ଫଳର ଶାଗୁଆ ବର୍ଣ୍ଣ "ଶବୁଜକଣା" ବା 'କ୍ଲୋରଫିଲ' ହେତୁ ଘଟେ । ଉତ୍ତାପର ଉଣା ଓ ଅଧିକ୍ୟ ହେତୁ କ୍ଲୋରୋଫିଲ ବିଗଳିତ ହୋଇଥାଏ । ୩୨ରୁ ୩୪ ଡିଗ୍ରି ଫାରେନ୍‌ହାଇଟ୍ ସମ ନମ୍ନ ଉତ୍ତାପରେ କ୍ଲୋରଫିଲ ଭାଙ୍ଗି-ଯାଏ ନାହିଁ; ତେଣୁ ଫଳ ଶାଗୁଆ ରହେ । ୪୦ରୁ ୫୦ ଡିଗ୍ରି ଫାରେନ୍‌ହାଇଟ୍ ଉତ୍ତାପରେ କ୍ଲୋରୋଫିଲ ଅଧିକମାତ୍ରାରେ ଭାଙ୍ଗିଯାଏ ଏବଂ ଫଳ ଲାଲ ନଚେତ୍ ହଳଦିଆ ପଡ଼ିଯାଏ ।

Digitized by srujanika@gmail.com

କ୍ଲୋରୋଫିଲ୍ ଯେତେ ଭାଙ୍ଗିଯାଏ ଫଳ ସେତେ ଲାଲ୍ ଓ ହଳଦିଆ ବଡ଼ ସୁନ୍ଦର ଦେଖାଯାଏ । ପାଚିଲା କଦଳୀ କଞ୍ଚାବେଳେ ଶାଗୁଆ ମାତ୍ର ପାଚିଲେ ହଳଦିଆ ହୋଇଯାଏ ।

ହରିତ୍ ଓ ନାରଙ୍ଗବର୍ଣ୍ଣ :—

କାରୋଟିନ୍ ଏବଂ ଜାନ୍ଥୋଫିଲ ନାମକ ଦୁଇଟି ବର୍ଣ୍ଣ-ଦାନାର ଆଧିକ୍ୟ ଫଳର ହରିତ୍ ଓ ନାରଙ୍ଗ ବର୍ଣ୍ଣ ବଢ଼ାଏ । ଏହି ଦାନା ଫଳର ଚୋପାମଧ୍ୟସ୍ଥ କୋଷ ରସରେ କ୍ଲୋରୋ-ପ୍ଲାଷ୍ଟ ଏବଂ କ୍ରୋମୋପ୍ଲାଷ୍ଟ ନାମକ ଦାନାଗୁଡ଼ିକରେ ଅନ୍ତର୍ନିହିତ ଅବସ୍ଥାରେ ରହିଥାନ୍ତି । ବିଲାତିବାଇଗଣ, ବାଠଜବା କଦଳୀ ଏବଂ ସୁବର୍ଣ୍ଣରେଖା, ଲାଠିସୁନ୍ଦରୀ ଆମ୍ବ, ଲଙ୍କାଆମ୍ବର ଦଣ୍ଡରେ ଜାନ୍ଥୋଫିଲ ରହି ଲାଲବର୍ଣ୍ଣ ଆଣେ ।

ସୂର୍ଯ୍ୟାଲୋକରେ ପାଚିବା ଫଳରେ କାରୋଟିନ୍ ଅଧିକ ବିକଶିତ ହୋଇ ଫଳକୁ ହଳଦିଆ କରେ ଯଥା ବାଇଗଣ-ଫଲେଇ, ଗୋଦାବରୀ, ବାଲମ ଆମ୍ବ ଏବଂ କାଠିଆ ଓ ପାଠକପୁରୀ କଦଳୀ । ଛାଇ ପଚୁଫଳ ହଳଦିଆ ନ ଧରି ଶାଗୁଆ ରହେ ।

ଫ୍ଲାଭୋନ ଏବଂ ଅନ୍ଥୋସାୟାନିନ ନାମକ ଅନ୍ୟ ଦୁଇଟି ବର୍ଣ୍ଣଦାନା ମଧ୍ୟ ଫଳର ହରିତ ଓ ନାରଙ୍ଗ ରଙ୍ଗ ଆଣନ୍ତି । ଏହି ବର୍ଣ୍ଣଦାନା କୋଷରସରେ ମିଶି ରହିଥାନ୍ତି । ଫଳ ଚିପୁଡ଼ିଲେ ରସ ହଳଦିଆ ଦେଖାଗଲେ ଫ୍ଲାଭୋନ ଦାନାର ଆଧିକ୍ୟ ଧରାପଡ଼େ ।

ସେଓ, ନାଶପାତି, ପିଚ୍, ନେକ୍ଟାରିନ, ଆପ୍ରିକଟ୍ ଓ ପ୍ଲମର ଲାଲବର୍ଣ୍ଣ ଜାନ୍ଥୋଫିଲ୍ ବର୍ଣ୍ଣଦାନା ହେତୁ ବିକଶିତ ହୋଇଥାଏ । ଜାନ୍ଥୋଫିଲ୍ କୋଷ ରସରେ ମିଶିଥାଏ । ଆଲୋକ ପାଇଲେ ଫଳ ଲାଲ ବର୍ଣ୍ଣ ଧରେ । ଅନ୍ଧାରରେ ପଚୁଇଲେ ଫିକା ବର୍ଣ୍ଣ ଆସିଯାଏ ।

ଫଳର କାଠିଆ ଓ ଗୃହଦା ବର୍ଣ୍ଣ ଉପରେ ନିର୍ଭର କରେ । ତେଣୁ ଫଳ ପାଚିବା ବେଳେ ଉତ୍କୃଷ୍ଟ ବର୍ଣ୍ଣ ଆସିବା ଲାଗି ଯତ୍ନ କରିବା ଉଚିତ । ଫଳ ପତ୍ର ଗହଳରେ ନ ରହି ଖୋଲାରେ ଝୁଲିବା ଦରକାର । ନାଇଟ୍ରୋଜେନ ଯୁକ୍ତ ସାର ପତ୍ରଗହଳ ବଢ଼ାଏ ଏବଂ ଫଳ ଡେରିରେ ପଚୁଏ ଏବଂ ଶାଗୁଆ ଧରେ । ଫଳ ତୋଳି ଅନ୍ଧାରରେ ନ ପଚୁଇ ଆଲୁଅରେ ପଚୁଇବ । ପରିଷ୍କାର ଆଲୋକରେ ଫଳ ଭଲ ରଙ୍ଗ ଫୁଟାଏ । ଆଲୋକର ବାଇଗଣି ଓ ଅଲ୍ଟ୍ରା-ଭାଓଲେଟ ଅଂଶ ଫଳର ଲାଲ ରଙ୍ଗରେ ବିକଶିତ ଥାଏ ।

ଫଳର ବର୍ଣ୍ଣ ଖଟା ମିଠା ସୂଚକ । ମିଠା ଫଳ ସାଧାରଣତଃ ଲାଲ ବା ହଳଦିଆ । ଖଟାଫଳ ସାଧାରଣତଃ ଶାଗୁଆ । ତେବେ ଭିତର ଶସ ହଳଦିଆ ଥିଲେ ଫଳଚୋପା ଶାଗୁଆ ଥିଲେ ମଧ୍ୟ ଫଳ ମିଠା ହୁଏ ଯଥା ଫଜ, ଲେଙ୍ଗ୍ରା ଓ ମାଲଦା ଆମ୍ବ ।

ଫଳର ବାସ

ଫଳର ଦାମ୍ ଏବଂ ଉପଭୋଗ ତାର ବାସନା ଉପରେ ନିର୍ଭର କରେ । ଶର୍କରା, ଅମ୍ଳ ଏବଂ କଷା ବା ଟାନିନ୍ ଅନୁପାତ ଫଳର ବାସନା ନିର୍ଦ୍ଧାରିତ କରିଥାଏ ।

ଶର୍କରା— ଫଳରେ ଫଳଶର୍କରା ବା "ଫ୍ରୁକ୍ଟୋଜ" ଦ୍ରାକ୍ଷାଶର୍କରା ବା ଗ୍ଲୁକୋଜ ଏବଂ ଇକ୍ଷୁଶର୍କରା ବା "ସୁକ୍ରୋଜ୍" ବିଭିନ୍ନ ଅନୁପାତରେ ରହିଥାଏ । ଫ୍ରୁକ୍ଟୋଜ ସବୁଠାରୁ ମିଷ୍ଟ ଏବଂ ଗ୍ଲୁକୋଜ ସ୍ୱଳ୍ପମିଷ୍ଟ । କେତେକ ଫଳରେ "ସର୍ବିଟଲ" ବୋଲି ଏକ ଉପାଦାନ ଥାଏ । ଏହି ସର୍ବିଟଲର ଫ୍ରୁକ୍ଟୋଜ ସମ୍ଭୂତ ହୋଇଥାଏ ।

ପାଚିଲା କଦଳୀରେ ଏହି ତିନି ଜାତିର ଶର୍କରା ରହିଛି । କିନ୍ତୁ କଦଳୀ ଜାତି ଭେଦ ଏହି ତିନି ଶର୍କରା ପରିମାଣ ବିଭିନ୍ନ ରହିଥାଏ ।

ଆମ୍ବର ଇକ୍ଷୁ ଶର୍କରା ଅନୁପାତ ଅନ୍ୟ ଦୁଇ ପ୍ରକାର ଶର୍କରା ସମଷ୍ଟିଠାରୁ ଅଧିକ ।

ଆମ୍ବପରି କମଳାଲେମ୍ବୁ ଓ ପିଜୁଳିରେ ଇକ୍ଷୁ ଶର୍କରା ଅନୁପାତ ଅଧିକ ମାତ୍ର ସପେଟାରେ ଫଳ ଓ ଦ୍ରାକ୍ଷା ଶର୍କରା ଅନୁପାତ ଅଧିକ । ତେଣୁ ସପେଟା ଏମାନଙ୍କ ମଧ୍ୟରେ ସୁମିଷ୍ଟ ।

ଅମ୍ଳ—

ଫଳର ସୁବାସ ନିମନ୍ତେ ସାମାନ୍ୟ ଅମ୍ଳ ଦରକାର । ମାଲିକ୍ ଅସିଡ୍ ସାଧାରଣତଃ ସମସ୍ତ ଫଳରେ ରହିଥାଏ । ଅମ୍ଳଭାଗର ଆଧିକ୍ୟ ଫଳର ବାସନା ନଷ୍ଟ କରିଦିଏ । ପିଅର ଫଳରେ ମାଲିକ୍ ଅମ୍ଳ ନ ଥାଇ ସିଟ୍ରିକ ଅମ୍ଳ ଥାଏ ।

କଷା—

ଟାନିନ୍ ନାମକ ଉପାଦାନ ଫଳର କଷାଭାଗ ଆଣେ । କଞ୍ଚାବେଳେ ଟାନିନ୍ ପରିମାଣ ଅଧିକ କିନ୍ତୁ ଫଳ ପାଚିବା-ବେଳକୁ ଏହା କମିଯାଏ, ଯଥା ପର୍ସିମନ୍ । କେତେକ ଫଳରେ ଫଳ ପାଚିଲେ ମଧ୍ୟ ଟାନିନ୍ ଅନୁପାତ ଶର୍କରାଠାରୁ ଅଧିକ । ଏଣୁ ପାଚିଲା ଫଳ କଷା ଲାଗେ । ଯଥା ବଇଁଚ-କୋଳି, କେନ୍ଦୁ ଏବଂ ଜାମୁକୋଳି ।

Digitized by srujanika@gmail.com

ସୁବାସିତ ଉପାଦାନ :—

ଫଳରେ ନାନାବିଧ ସୁବାସିତ ଉପାଦାନ ରହି ଫଳର ବାସନା ଆଣିଥାଏ । ଏହି ସୁବାସିତ ପଦାର୍ଥଗୁଡ଼ିକ "ଏଷ୍ଟର" ଶ୍ରେଣୀଭୁକ୍ତ । ସାଧାରଣତଃ ଅମ୍ଳ ଓ କ୍ଷାରର ରାସାୟନିକ ସଂଯୋଗରେ "ଲବଣ" ଉତ୍ପାଦନ ହୋଇଥାଏ । କିନ୍ତୁ ଅଲକୋହଲ ଏବଂ ଜୈବଅମ୍ଳର ରାସାୟନିକ ସଂଯୁକ୍ତରେ "ଏଷ୍ଟର" ଉତ୍ପାଦିତ ହୋଇଥାଏ । ଇଥାଇଲ ଅଲକୋହଲ ଓ ଆସେଟିକ ଅମ୍ଳର ରାସାୟନିକ ସଂଯୁକ୍ତିରେ "ଇଥାଇଲ ଅସିଟେଟ୍" ସମ୍ଭୂତ ହୋଇଥାଏ । ଏହି "ଇଥାଇଲ ଅସିଟେଟ୍"କୁ ଏଷ୍ଟର କୁହାଯାଏ । ସାଧାରଣତଃ ଗ୍ଲିସେରୋଲ ସହିତ ବିଭିନ୍ନ ପ୍ରକାରର ଜୈବିକ ଅମ୍ଳର ରାସାୟନିକ ସଂଯୁକ୍ତ ଘଟିଥାଏ । ଏହି ସଂଯୁକ୍ତଜାତ ପଦାର୍ଥଗୁଡ଼ିକୁ "ଗ୍ଲିସେରାଇଡ୍" କୁହାଯାଏ । ଉଦ୍ଭିଦ ଅଙ୍ଗରେ ଅଲକୋହଲ ଓ ଜୈବିକ ଅମ୍ଳ ମଧ୍ୟରେ ରାସାୟନିକ ସଂଯୁକ୍ତ ଉଦ୍ଭବ ପଦାର୍ଥକୁ "ଫାଇଟୋ ଷ୍ଟେରଲ" କୁହାଯାଏ । ଏହି ଫାଇଟୋ ଷ୍ଟେରଲ ଭିଟାମିନ୍ 'ଡ'ର ଜନନୀ । ଏଷ୍ଟର ଏବଂ ଫାଇଟୋ ଷ୍ଟେରଲ ଫଳର ବାସନା ଆଣିଥାଏ ।

ଗ୍ଲିସେରୋଲ ଏବଂ ଜୈବିକ ଅମ୍ଳ ଶ୍ୱେତସାର ସମ୍ଭୂତ । ଶ୍ୱେତସାର ବିଭିନ୍ନ ପ୍ରକ୍ରିୟାରେ ଭାଙ୍ଗିଭୁଙ୍ଗି ଗ୍ଲିସେରୋଲ ଏବଂ ଜୈବିକ ଅମ୍ଳରେ ପରିଣତ ହେବାପରେ ଏହି ଦୁଇଟି ଉପାଦାନ ସ୍ୱତନ୍ତ୍ର ରହି ପାରନ୍ତି ନାହିଁ । ଉଦ୍ଭିଦର ବିଭିନ୍ନ ଅଙ୍ଗର କୋଷରେ ଥିବା ରସ କାର୍ଯ୍ୟକାରୀ ହୋଇ ଏହି ଦୁଇଟି ଉପାଦାନ ମଧ୍ୟରେ ରାସାୟନିକ କାର୍ଯ୍ୟ ଘଟାଇ "ଏଷ୍ଟର", "ଗ୍ଲିସେରାଇଡ" ଓ 'ସ୍ନେହ' ପଦାର୍ଥର ସୃଷ୍ଟି କରନ୍ତି ।

ଫର୍ମିକ, ଆସେଟିକ, କାପ୍ରଏକ୍ ଏବଂ ବଣ୍ଟିରିକ୍ ଅମ୍ଳ ଗ୍ଲିସେରୋଲ ସହ ମିଶି ଏଷ୍ଟର ଏବଂ ଅଲଡ଼ିହାଇଡ଼ ପ୍ରଭୃତି ଉଦ୍ଭବ ହୋଇଥାଏ । ସେହି ଫଳରେ ଆମାଇଲ ଫର୍ମେଟ, ଆମାଇଲ ଅସିଟେଟ୍ ଏବଂ ଆମାଇଲ କାପ୍ରଏଟ ମିଳେ । ତାଳ ଓ ନଡ଼ିଆରେ ଲରିକ୍, କାପ୍ରଏକ, କାପ୍ରିଲିକ ଏବଂ କାପ୍ରିକ ଅମ୍ଳର ଗ୍ଲିସେରାଇଡ଼ ରହିଥାଏ । ସୁତରାଂ ଏହି ଏଷ୍ଟର, ଅଲଡିହାଇଡ଼ ଫାଇଟୋଷ୍ଟେରଲ ଏବଂ ବିଭିନ୍ନ ପ୍ରକାର ତେଲ ଫଳର ବାସନା ଏବଂ ଚକ୍‌କଣ ଗୁଣ ଆଣିଥାନ୍ତି ।

ମୃତ୍ତିକା, ଜଳ ଓ ପରିପୁଷ୍ଟିକାରୀ ଉପାଦାନର ଫଳର ସୁବାସ ଉପରେ ପ୍ରଭାବ :—

ନଗିଡ଼ା ଦୋରସା ମାଟିରେ ଫଳର ସ୍ୱାଦ ଓ ବାସନା ଖୁବ୍ ଭଲ ହୁଏ । ନଗିଡ଼ା ପଙ୍କ ମାଟିରେ କାଠିଆ କଦଳୀ ମୋଟା ମୋଟା ହୁଏ ଏବଂ ପାଚିଲେ ହଳଦିଆ ଘଡ଼ ଭଲ ବାସନାଯୁକ୍ତ ହୋଇଥାଏ । ସନ୍ତସନ୍ତିଆ ଓ ଚକଟା ମାଟିରେ ଚମ୍ପା ଓ ପାଟକପୁରା କଦଳୀ ଖଟା ଓ ପାଣିଚିଆ ହୁଏ । ଚକଟା ସନ୍ତସନ୍ତିଆ ଜମିରେ ଗଛର ପତ୍ର ଗାଢ଼ ଶାଗୁଆ ରହେ, ଫଳ ଡେରିରେ ପାକଳ ହୁଏ ଏବଂ ରଙ୍ଗ ଫିକା ରହେ ।

ମାଟିରେ ନାଇଟ୍ରୋଜେନ ପରିମାଣ ଅଧିକ ହେଲେ ପତ୍ର ଓ ଫଳରେ ଶ୍ୱେତସାର ଏବଂ ଶର୍କରା ଅନୁପାତ କମିଯାଏ ; ପ୍ରୋଟିନ ପରିମାଣ ବଢ଼ିଯାଏ । ଶର୍କରା ଅଭାବରେ ଫଳର ସୁବାସ କମିଯାଏ । ଫଳ ଡେରିରେ ପାଚେ । ଚକଟା ଓ ମଟାଳ ମାଟି ବଗିଚାର ଫଳଗଛର ଫଳ ସାଇତି ରଖିଲେ ଚକ୍‌କଣା ଓ ତେଲିଆ ଧରି ଯାଏ କିନ୍ତୁ ବାଲିଆ, ଦୋରସା ଓ ଗୁରୁଡ଼ିଆ ମାଟି ବଗିଚା ଫଳଗଛରେ ଏ ଲକ୍ଷଣ ଦେଖାଯାଏ ନାହିଁ ।

Digitized by srujanika@gmail.com

ଛାଇ ଓ ମାୟା

ଚିତ୍ରପୁରୀ ବାର୍ତ୍ତା

ସଂଗ୍ରାହକ—ଶ୍ରୀ ଭୂପେନ ଗୋସ୍ୱାମୀ

ମାନ୍ଦ୍ରାଜର ଜେମିନୀ ଷ୍ଟୁଡ଼ିଓ ଭାରତର ସବୁ ଷ୍ଟୁଡ଼ିଓ ଗୁଡ଼ିକ ଅପେକ୍ଷା ବଡ଼—ଜେମିନୀ ମଧ୍ୟ ବଡ଼ । ମହାଲକ୍ଷ୍ମୀ ଷ୍ଟୁଡ଼ିଓ ବୋମ୍ବାଇର ସବୁଠାରୁ ବଡ଼ ଷ୍ଟୁଡ଼ିଓ ।

× × ×

ଛବିଗ୍ରହଣ ସମୟରେ ପରିଚାଳକ କ୍ଲାପଷ୍ଟିକ ବୋଲି ସଙ୍କେତ ଦିଅନ୍ତି । କ୍ଲାପଷ୍ଟିକର ଅର୍ଥ, ପ୍ରତ୍ୟେକ ଦୃଶ୍ୟ ଯେ କ୍ରମାନ୍ୱୟରେ ତୋଳା ହୁଏନା, ତାହା ଆପଣମାନେ ଜାଣନ୍ତି । ମନେ କରନ୍ତୁ, ନାୟକର ବସିବାଘରର ସେଟ୍ ଉଠାଇବାର କଥା । ସେହି ଘରର ପ୍ରତ୍ୟେକ ଘଟଣା ଏକସମୟରେ ତୋଳାହୁଏ ଏବଂ ଏହି ଘଟଣାଗୁଡ଼ିକର ଦୃଶ୍ୟ ନମ୍ବର ହେଉଛି ଧରନ୍ତୁ; ୩, ୧୩, ୩୮, ୬୭, ୯୯ ଓ ୧୧୦ ପ୍ରଭୃତି । ପ୍ରତ୍ୟେକଟି ଦୃଶ୍ୟ ଖଣ୍ଡ ଖଣ୍ଡ "ଶଟ୍"ରେ ତୋଳାହୁଏ —ଏହି ଗୁଡ଼ିକ ଯଥାସ୍ଥାନରେ ଯୋଡ଼ା ହେବାଲାଗି କ୍ଲାପଷ୍ଟିକ (ଦୁଇଖଣ୍ଡ କାଠ ଉପରେ ଦୃଶ୍ୟର ନମ୍ବର) ଉପରେ ଖଡ଼ିଦ୍ୱାରା ନମ୍ବର ଗୁଡ଼ିକ ଲେଖାଥାଏ । କ୍ଲାପଷ୍ଟିକ ଦେବା ସମୟରେ ଛବି ଗ୍ରହଣ କରାଯାଏ, ଦୃଶ୍ୟ ଓ ଶଟ୍‌ର ନମ୍ବର ମଧ୍ୟ ଘୋଷଣା କରାଯାଏ । ଏହାଦ୍ୱାରା ଶଟ୍ ଯୋଡ଼ିବା ବେଳେ ସମ୍ପାଦକଙ୍କୁ କୌଣସି ଅସୁବିଧା ହୁଏନା ।

× × ×

ଛବିଜଗତରେ ସବୁଠାରୁ ସୁଖୀ ଦମ୍ପତି, ପ୍ରେମନାଥ ବୀଣାରାୟ । ବୋମ୍ବାଇର ସବୁଠାରୁ ଧନୀ ଅଭିନେତା ଓ ଅଭିନେତ୍ରୀ, ଅଶୋକ କୁମାର ଓ ସୁରେୟା ।

× × ×

"ଲିବର୍ଟି" ବୋମ୍ବାଇର ସବୁଠାରୁ ସୁନ୍ଦର ଚିତ୍ରଗୃହ । ଫେମାସ ଓ ମହାଲକ୍ଷ୍ମୀ ଚିତ୍ରଗୃହରେ କେବଳ ଏୟାର କଣ୍ଡିସନର ବ୍ୟବସ୍ଥା ଅଛି ।

× × ×

ଲତା ମଙ୍ଗେସକାର ଗୋଟିଏ ଗୀତପାଇଁ ଏକ ହଜାରରୁ ୫୧୮୦୦୧ ପର୍ଯ୍ୟନ୍ତ ନିଅନ୍ତି । ପୁରୁଷ ଗାୟକଙ୍କ ମଧ୍ୟରେ ମହମ୍ମଦ ରଫି ଗୋଟିଏ ଗୀତପାଇଁ ଏକହଜାର ନିଅନ୍ତି । ନୌଶାଦ ଗୋଟିଏ ଛବିରେ ସୁର ଦେବାପାଇଁ ନିଅନ୍ତି ଲକ୍ଷେ ଟଙ୍କା କମ୍ବା କିଛି କମ୍ ।

× × ×

କାରଦାର ଷ୍ଟୁଡ଼ିଓ ଆଜି ଦୁରବସ୍ଥାର ଚରମସୀମାରେ । ପରେ ପରେ କେତେଗୁଡ଼ିଏ ଛବି ଏକାସାଙ୍ଗରେ ତୋଳିବା ଦ୍ୱାରା ଅନେକ ଗୁଡ଼ିଏ ଷ୍ଟୁଡ଼ିଓ କାର୍‌ଦାର୍ ହାତଛଡ଼ା ହେବା ହେତୁ ଏହି ଅବନତି । ଦିନେ "କେ" ଉପରେ ପକ୍ଷୀର ଚିହ୍ନ ଅର୍ଥାତ୍ ଜୁବୁଲି ପିକ୍‌ଚରର ପ୍ରତୀକ ଥିଲା । ନଦୀର ଏପାଖ ଭାଙ୍ଗେ ସେପାଖ ଗଢ଼ାହୁଏ, ଏହି ତ ନିୟମ !

× × ×

ମୀନାକୁମାରୀଙ୍କ ସ୍ୱାମୀ କମଲ ଆମ୍ରୋହୀ ଦୁଇଟି ଛବି ଆରମ୍ଭ କରୁଛନ୍ତି । ସେଥିମଧ୍ୟରୁ ଗୋଟିଏ ଫିଲ୍ମିସ୍ତାନ ପକ୍ଷରୁ ଓ ଅନ୍ୟଟି ନିଜସ୍ୱ କୋମ୍ପାନୀର । ନିଜସ୍ୱ ଛବିଟିର ନାମ "ବଗାଭ୍" । ନାୟିକା ମୀନାକୁମାରୀ ଓ ନାୟକ ଅଜିତ୍ ।

× × ×

ଅଶୋକକୁମାର ଓ ମୀନାକୁମାରୀ "ସତରଞ୍ଜ" ଓ "ବାଜିଗର" ଛଡ଼ା ଆଉ ଗୋଟିଏ ଛବି ତିଆର କରୁଛନ୍ତି । ବି. ଆର୍. ଚୋପ୍ରାଙ୍କର "ଏକହି ରାସ୍ତା" ଲେଖକ ମୁଖରାମ ଶର୍ମା । "ଆଉଲାଦ୍"ର ରଜତ ଜୟନ୍ତୀ ଉଦ୍‌ଯାପନ ପରେ ଏହି ଲେଖକଟିର ମୂଲ୍ୟ ଖୁବ୍ ବଢ଼ିଯାଇଛି । "ବଚନ୍" ଓ "ଅଧିକାର୍"ର ଗଳ୍ପ ଖୁବ୍ ସୁନ୍ଦର ଓ ବ୍ୟବସାୟ ଦୃଷ୍ଟିରୁ ମଧ୍ୟ ଭଲ ଆୟ ଦେଉଛି । ବିମଲ ରାୟ ଗୋଟିଏ, ଏଇଚ୍ଚନ୍ଦ୍ର ବଡ଼ାଲ ଗୋଟିଏ ଓ ମୋହନ ସାଇଗଲ୍ ଦୁଇଟି ଗଳ୍ପ କିଣି

Digitized by srujanika@gmail.com

ଆପଣ ଜାଣିବାକୁ ଚାହିଁଲେ

୧ । ଗ୍ରାହକ ନମ୍ବର୍ ନ ଦେଲେ ଉତ୍ତର ପାଇବେ ନାହିଁ । ଯେଉଁମାନେ ଏଜେଣ୍ଟଙ୍କଠାରୁ ନିୟମିତ ପତ୍ରିକା କିଣନ୍ତି, ସେମାନେ ଏଜେଣ୍ଟଙ୍କ ନାମସହ ପ୍ରଶ୍ନ ପଠାଇ ପାରିବେ ।

୨ । ଇଂରାଜୀ ମାସର ୨୦ ତାରିଖ ପୂର୍ବରୁ ପ୍ରଶ୍ନଗୁଡ଼ିକ ଆମର ହସ୍ତଗତ ହେବା ଆବଶ୍ୟକ ।

୩ । ଆପଣଙ୍କ ପ୍ରଶ୍ନର ଉତ୍ତର କାହିଁକି ଦିଆ ନ ଗଲା, ତାର କାରଣ ଦର୍ଶାଇବାକୁ ଆମେ ବାଧ୍ୟ ନୋହୁଁ ।

୪ । ପ୍ରଶ୍ନ ସଙ୍ଗେ ଅନ୍ୟ କିଛି ଲେଖିବେ ନାହିଁ ।

୧ । ପଙ୍କଜକୁମାର ମହାନ୍ତି, ବାଲେଶ୍ୱର

ପ୍ର—'ମାରାଥନ ରେସ୍'ରେ ଦୌଡ଼ାଳୀକୁ କେତେଦୂର ଦୌଡ଼ିବାକୁ ପଡ଼େ ?

ଉ—୪୨୧୯୫ ମିଟର ବା ୨୬ ମାଇଲ ୩୮୫ ଗଜ ।

୨ । ଅନନ୍ତଚରଣ ସାହୁ, ବାରିପଦା

ପ୍ର—ପୃଥିବୀର ବୃହତ୍ତମ ଟେଲିସ୍କୋପ କେଉଁଠି ଅଛି ?

ଉ—କାଲିଫର୍ଣ୍ଣିଆର ସାଣ୍ଡିଆଗୋଠାରୁ ୬୬ ମାଇଲ ଦୂରବର୍ତ୍ତୀ ମାଉଣ୍ଟ ପାଲୋମାର ମାନମନ୍ଦିରରେ ୨୦୦ ଇଞ୍ଚ ବ୍ୟାସ ବିଶିଷ୍ଟ ପୃଥିବୀର ବୃହତ୍ତମ ଟେଲିସ୍କୋପ ଅଛି । ଏହାର ଓଜନ ୫୩୦ ଟନ୍ । ଏହି କାଚ ସାହାଯ୍ୟରେ ଆକାଶରେ ୧୦ ହଜାର ଲକ୍ଷ ଆଲୋକ ବର୍ଷ ଦୂରତା ଦେଖିହୁଏ ।

୩ । ମହେନ୍ଦ୍ର ମହାପାତ୍ର, ପୁରୀ

ପ୍ର—ଭାରତରେ ଚିନି ଉତ୍ପାଦନ ଶିଳ୍ପ ସମ୍ବନ୍ଧରେ କେଉଁଠାରେ ଶିକ୍ଷା ଦିଆଯାଏ ?

ଉ—କାନପୁରର 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସୁଗାର ଟେକ୍‌ନୋଲଜିରେ' ଏହି ଶିକ୍ଷାଦାନର ବ୍ୟବସ୍ଥା ଅଛି ।

୪ । ଅଶୋକ ବିଶ୍ୱାଳ, ଇଚ୍ଛାପୁର

ପ୍ର–'ସହାବସ୍ଥାନ' ନୀତି କଣ ?

ଉ—ଶ୍ରୀ ନେହେରୁ ଓ ଚୀନ ପ୍ରଧାନମନ୍ତ୍ରୀ ମି: ଚୁଉ-ଏନ ଲାଇଙ୍କ ମଧ୍ୟରେ ଆନ୍ତର୍ଜାତିକ ଶାନ୍ତିରକ୍ଷା ପାଇଁ ଯେଉଁ 'ପଞ୍ଚଶୀଳ' ନୀତି ସ୍ଥିର ହୋଇଥିଲା, ତାହାର ୫ମ ଧାରା ହେଉଛି 'ସହାବସ୍ଥାନ' । ଏହି ନୀତିର ଅର୍ଥ ହେଉଛି, ରାଜନୈତିକ ମତବାଦ ଓ ଆଦର୍ଶ, ଧର୍ମ, ବର୍ଣ୍ଣ, ସଂସ୍କାର, ଭୌଗୋଳିକ ଆକାର ଓ ଅବସ୍ଥାନ, ସାମରିକ ବଳ, ସାମାଜିକ ରୀତିନୀତି ଇତ୍ୟାଦିରେ ପ୍ରଭେଦ ଥିଲେ ସୁଦ୍ଧା ବିଭିନ୍ନ ରାଜ୍ୟମାନେ ପରସ୍ପର ମଧ୍ୟରେ ସଦିଚ୍ଛା ରଖି ଶାନ୍ତିରେ ରହିପାରିବେ । ଏହା ସମ୍ଭବ ।

୫ । ପ୍ରଶାନ୍ତ କୁମାର ମିଶ୍ର, ସମ୍ବଲପୁର

ପ୍ର—ଭାରତର ପ୍ରଧାନ ଜଳସେଚନ ଯୋଜନାଗୁଡ଼ିକ କଣ କଣ ?

ଉ—ଦାମୋଦର ଉପତ୍ୟକା ଯୋଜନା, ହୀରାକୁଦ ବନ୍ଧ ଯୋଜନା, କୋଶୀ ବନ୍ଧ ଯୋଜନା, (ଉତ୍ତର ବିହାର), ପୂର୍ବ ପଞ୍ଜାବର ଭାକ୍ରା-ନଙ୍ଗଲ ବନ୍ଧ ଯୋଜନା, ମାନ୍ଦ୍ରାଜର ରାମପଦ ସାଗର, ତୁଙ୍ଗଭଦ୍ରା ଓ ଗୋଦାବରୀ ଉପତ୍ୟକା ଯୋଜନା, ମଧ୍ୟ ଭାରତର ଚମ୍ବଲ ଜଳବିଦ୍ୟୁତ୍ ଯୋଜନା, ଉତ୍ତର ପ୍ରଦେଶର ଯମୁନା, ରାମଗଙ୍ଗା ଓ ଶାରଦା ଜଳବିଦ୍ୟୁତ୍ ଯୋଜନା, ବମ୍ବେର ଗିର୍ଣ୍ଣା, ମହୀ କେନାଲ ଓ ଉତ୍ତରୀ ଯୋଜନା ଏବଂ ମହୀଶୂରର ମହାତ୍ମାଗାନ୍ଧୀ ଜଳବିଦ୍ୟୁତ୍ ଯୋଜନାଗୁଡ଼ିକ ପ୍ରଧାନ ଅଟେ ।

ନେଇଛନ୍ତି । ପ୍ରତ୍ୟେକଟିର ମୂଲ୍ୟ ଦଶହଜାର । ମୁଖରାମ ଶର୍ମାଙ୍କର ବର୍ତ୍ତମାନ ଗରମ ବଜାର କି ବୁଝିହେ ଭାବନ୍ତୁ ।

× × ×

କିଶୋର ସାହୁଙ୍କର ପରବର୍ତ୍ତୀ ଛବି "କିସ୍‌ମତ୍ କା ଖେଲ୍"—ଶାନ୍ତାରାମଙ୍କର, 'ଝନକ୍ ଝନକ୍ ପାୟେଲ୍ ବାଜେ'—ସନ୍ତୋଷୀଙ୍କର, "ସଁବ୍‌ମେ ବଡ଼ା ରୁପେୟା", "ହା, ହା, ହୋ, ହୋ, ହି, ହି," ଓ "ଦିଲ୍ଲୀକା ଠଗ ।"

—୦—

Digitized by srujanika@gmail.com

୬ । ଜୟନ୍ତ କୁମାର ରଥ, ଭୁବନେଶ୍ୱର

ପ୍ର—ନଖ ଓ ବାଳର ଜୀବନଶକ୍ତି ନାହିଁ । ସେମାନଙ୍କୁ କାଟିଲେ ଆମକୁ କଷ୍ଟ ହୁଏ ନାହିଁ । ଅଥଚ ସେମାନେ ଏତେଶୀଘ୍ର ବଢ଼ନ୍ତି କପରି ?

ଉ—ନଖ ଓ ବାଳରେ ସ୍ନାୟୁ ନ ଥିବା ଯୋଗୁଁ ସେମାନଙ୍କୁ କାଟିଲେ ଆମେ କଷ୍ଟ ଜାଣିପାରୁନାହିଁ । କିନ୍ତୁ ସେମାନଙ୍କର ଜୀବନଶକ୍ତି ନାହିଁ କହିବା ଠିକ୍ ନୁହେଁ । ମଲାଲୋକର କେଶ ଓ ନଖ କଣ ବଢ଼ିବ ? କେବଳ ଜୀବନ ଶକ୍ତି ବଳରେ ସେମାନେ ବଢ଼ନ୍ତି ।

୭ । ଲାଲ୍ ଉପେନ୍ଦ୍ର କିଶୋର ଦେବ, ବରବରା

ପ୍ର—ଆପଣଙ୍କ ପତ୍ରିକାର ଗ୍ରାହକ ବ୍ୟତୀତ ଅନ୍ୟ କେହି ପ୍ରଶ୍ନ ପଚାରି ପାରିବେ ନାହିଁ କାହିଁକି ? ସଂସାର ମଧ୍ୟରେ ତ ସମସ୍ତଙ୍କୁ ଭଗବାନ ସ୍ଥାନ ଦେଇଛନ୍ତି । ଆପଣଙ୍କ ସଂସାରରେ ସ୍ଥାନ ନଅଣ୍ଟ କାହିଁକି ?

ଉ—ଆମ ସଂସାର ଖଣ୍ଡ ମାତ୍ର ୪୦ । କିନ୍ତୁ ଭଗବାନଙ୍କ ସଂସାର ? ଏଥର ବୁଝି ପାରିବେ ।

୮ । ନଟବର ସାହୁ, ବାଲିଚନ୍ଦ୍ରପୁର

ଆପଣ ଡାକଟିକଟ ସଂଗ୍ରହ ସମ୍ବନ୍ଧରେ ଆମର ଧାରାବାହିକ ଲେଖକଙ୍କୁ ଶ୍ରୀ ରଘୁନାଥ ପାତ୍ରୀ ଶର୍ମା, ଜୟମଙ୍ଗଳ ରାଜବାଟୀ, ଟିକାଲି, ଗଞ୍ଜାମଙ୍କୁ ପତ୍ର ଲେଖନ୍ତୁ ।

୯ । ବ୍ରଜକିଶୋର ପଟ୍ଟନାୟକ, ଦେବଗଡ଼

ପ୍ର—ସିନେମା ଫଟୋଗ୍ରାଫି ଟ୍ରେନିଂ ଭାରତରେ କେଉଁଠି ଦିଆଯାଏ ? ପୂରା ଠିକଣା ଦେବେ ।

ଉ—ତଳଲିଖିତ ଠିକଣାରେ—

1) Government School of Technology, Broadway, Madras.

2) Sri J. O. Institute, Bangalore.

୧୦ । ଦୁଃଖିଶ୍ୟାମ ପଟ୍ଟନାୟକ, ଗୋଗୁଆ

ପ୍ର—ମନରେ ଆନନ୍ଦ ଥାଇ, ଉତ୍ତମ ଖାଦ୍ୟ ଖାଇ ସୁଦ୍ଧା କେତେକ ଲୋକ ମୋଟା ହୁଅନ୍ତି ନାହିଁ କାହିଁକି ?

ଉ—ପିତାମାତାଙ୍କ ଯୋଗ ମଧ୍ୟ ପିଲାମାନେ ମୋଟା ବା ପତଳା ହୁଅନ୍ତି ।

୧୧ । ବିଶ୍ୱନାଥ ପଟ୍ଟନାୟକ, ନୃସିଂହ ଟିକଲି ମଠ

ପ୍ର—ପଶୁମାନଙ୍କ ମଧ୍ୟରେ କେଉଁ ପଶୁ ବେଶୀ ଦିନ ବଞ୍ଚେ ?

ଉ—ହାତୀ

୧୨ । ରାମଚନ୍ଦ୍ର ଦାସ, ଭାରତୀଭବନ

ପ୍ର—ପୃଥିବୀର ଦୀର୍ଘାୟୁ ଏବଂ ବୃହତ୍ତମ ବୃକ୍ଷ ବିଷୟରେ କିଛି ଆଲୋଚନା କରନ୍ତୁ ।

ଉ—ଏ ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ପ୍ରବନ୍ଧ ଦେଖନ୍ତୁ ।

—୦—

ବୁଦ୍ଧି ପରୀକ୍ଷା

[ତୁମ ବୁଦ୍ଧିର ପ୍ରଖରତା ପରୀକ୍ଷା କରିବା ପାଇଁ ତଳେ କେତେଗୋଟି ପ୍ରଶ୍ନ ଦିଆଯାଇଛି । ସାଧାରଣ ବୁଦ୍ଧିସମ୍ପନ୍ନ ଲୋକ ସେଗୁଡ଼ିକ ୧୦ ମିନିଟ ଭିତରେ ଉତ୍ତର କରିବାର କଥା । ଚେଷ୍ଟା କରି ଦେଖ ।]

୧ । ୮ଟି ୮ କୁ ଏପରିଭାବରେ ସଜାଅ ଯାହାକୁ ମିଶାଇଲେ ୧୦୦୦ ହେବ ।

୨ । ଜଣେ ଲୋକ ଗୋଟିଏ ଫଟୋଗ୍ରାଫକୁ ଚାହିଁ କହିଲା, "ମୋର ଭାଇ କି ଭଉଣୀ କେହି ନାହାନ୍ତି, କିନ୍ତୁ ଏ ଲୋକର (ଚିତ୍ରକୁ ଦେଖାଇ) ବାପ ମୋ ବାପର ପୁଅ ଅଟେ ।" ଫଟୋଟି କାହାର ?

୩ । ଗୋଟିଏ ଘଡ଼ିରେ କେବଳ ପୂର୍ଣ୍ଣ ଘଣ୍ଟାହେଲେ ବାଜେ । ଅଧଘଣ୍ଟାବେଳେ ବାଜେନାହିଁ, ଅର୍ଥାତ୍ ୧୦ଟାରେ ବାଜେ, ପୁଣି ୧୧ଟାରେ ବାଜେ ମାତ୍ର ସାଢ଼େ ଦଶଟାରେ କିଛି ବାଜେ ନାହିଁ । ପୂରା ଗୋଟିଏ ଦିନରେ ଘଡ଼ିରେ ମୋଟ କେତେଟା ବାଜିବା ଶବ୍ଦ ହେବ ?

୪ । ମୋର ଆଙ୍ଗୁଠି ଅଛି କିନ୍ତୁ ମୁହଁ ନାହିଁ, ହାତ ଅଛି ମାତ୍ର ଗୋଡ଼ ନାହିଁ । ମୁଁ ବ୍ୟବହାର ବେଳେ ଅନ୍ୟର ଦେହକୁ ଉଷୁମ ରଖେ । ମୁଁ କିଏ ଅନୁମାନ କର ।

୫ । ଆକାଶରେ କେତେ ପକ୍ଷୀ ଧାଡ଼ିଧରି ଉଡ଼ିଯାଉଛନ୍ତି । ଗୋଟିଏ ପକ୍ଷୀ ଆଗରେ ୨ଟି ପକ୍ଷୀ ଏବଂ ଗୋଟିଏ ପକ୍ଷୀ ପଛରେ ୨ଟି ଉଡ଼ୁଥିବାର ଦେଖାଯାଉଛି । ମଝିରେ ଗୋଟିଏ ଚଢ଼େଇ ଅଛି । ସବୁଠାରୁ କମ୍ କେତୋଟି ପକ୍ଷୀ ଏପରି ଉଡ଼ି ପାରିବେ କହିଲ ?

—୦—

Digitized by srujanika@gmail.com

ଶଙ୍ଖ କୋଇଲି

ଶ୍ରୀ ମୋହନ ମୁରଲୀ ବାରିକ

ଆମ କଥା କେଉଁଠି ରହିଥିଲା···?—
ବଣ···ପାହାଡ଼···ଡେଇଁବୁ···ଆମେ
ଡେଇଁବୁ···ଆମେ ନଈ,
ଅଜଣା-ଦେଶେ ମିଳିବୁ···ଆମେ
ଅଶୁଣା-ଆଶା-ନେଇ;
ଯେଉଁଠି ଏଇ ଧରଣୀ-ବୁକେ···
ଆକାଶ ଯାଏ···ମିଳି,
ତା'-ର ଧାରେ ଯିବୁରେ···ଆମେ
ଯିବୁରେ···ଆମେ ଚାଲି !

ଆନନ୍ଦରେ ଉଚ୍ଛଳ ତିନ ବନ୍ଧୁ । ଫଡ଼୍···ଫଡ଼୍···ଫଡ଼୍··· ! ଡେଣା ଝାଡୁଛନ୍ତି—କୋଇଲି ଏବଂ ହଳଦୀ-ବସନ୍ତ ! ଯୋଡ଼ି ହୋଇ ଯାଉଛନ୍ତି ଦୁହେଁ । ପବନର ତାଳେ ତାଳେ ଅସୁମାର ରେଖା କାଟି ପକାଉଛନ୍ତି । ତଳକୁ ଖସୁଛନ୍ତି ! ଉପରକୁ ଉଠୁଛନ୍ତି । ସମାନ୍ତର ଭାବେ ଉଡ଼ିଯାଉଛନ୍ତି । ହରିଣ ଉପରେ ବସୁଛନ୍ତି ।

ଖପ୍···ଖପ୍···ଖପ୍··· ! ଲମ୍ବ ଲମ୍ବ ଗୋଡ଼ ହରିଣର । ବାଉଁଶ ମୂଳି ପରି ସରୁଆ । ତାରି ପରି ଟାଣୁଆ । ପାହୁଣ୍ଡ ପରେ ପାହୁଣ୍ଡ ସେ ଆଗେଇ ଯାଉଛି ।

ହରିଣର ଦୁଇ ଶିଙ୍ଗ । ବଙ୍କେଇ ଯାଇଛି ପଛକୁ । କେତେ କେନା ବକେନା । ସେଇଠି ବେଳେ ବେଳେ ବସି ଯାଉଛନ୍ତି ପକ୍ଷୀ ଦୁଇଟି । କେତେବେଳେ ନ ହେଲେ, ହରିଣର ପିଠିରେ ବସି ପଡ଼ୁଛନ୍ତି । କିନ୍ତୁ ଚାଲିଛନ୍ତି ସେମାନେ । ଚାଲିଛନ୍ତି ଗୋଟିଏ ଲକ୍ଷ୍ୟରେ । ଯେଉଁ ଆଡ଼କୁ ମୁହଁ—ସେଇ ଆଡ଼କୁ ଗୋଡ଼—ସେଇ ଆଡ଼କୁ ଗତି !

ଗୁଲୁ···ଗୁଲୁ···ଗୁଲୁ··· ! ହଳଦୀ ବସନ୍ତ କହେ ।
କୁଉ···କୁଉ···କୁଉ··· ! କୋଇଲି ଗାଏ ! !
କାଓ···କାଓ···କାଓ··· ! ହରିଣ ବୋବାଏ···!!!
ତିନ ବନ୍ଧୁ ମିଳାନ୍ତି ସୁର ! ମିଳାନ୍ତି ପଦ !

ବଣରୁ ବଣକୁ ଯାଆନ୍ତି । ପଶୁ ପକ୍ଷୀ ଆସି ସେମାନଙ୍କୁ ସଙ୍ଗ ଦିଅନ୍ତି ! ଫୁଲବାଣ କରି ଆଦର କରନ୍ତି, ଶୀତଳ ଝରର ପାଣି ଦିଅନ୍ତି, ମଧୁର ଫଳମୂଳ ଖୁଆନ୍ତି । ପୁଣି ବିଦା କରି ଦିଅନ୍ତି ।

ଗାଆଁ··· ! ସହର··· ! ବଣ···ପାହାଡ଼··· ନଈ··· ! ଦେଉଳ···ହାଟ···ବଜାର···!! କେତେ ସେ ଦେଖିଲେ ।

ଗାଆଁର କାମଭରା ଜୀବନ ଦେଖିଲେ । ନଈରୁ ପୋଖରୀରୁ ଗାଆଁର ସ୍ତ୍ରୀ ଲୋକେ ପାଣି ଆଣୁଛନ୍ତି । କାଖରେ ମୁଣ୍ଡରେ ପାଣି ମାଠିଆ ! ବଙ୍କେଇ ବଙ୍କେଇ ଅଙ୍ଗଲତା !

ଗୋପାଳ ଚରଉଛି ଗାଈ । ପଥର ଉପରେ ବସି ବଜାଉଛି ମୁରଲୀ ।

ଚାଷୀ ମାଟି ଚାଷୁଛି । ଚାଷ ପାଇଁ ସେ ତିଆରି କରୁଛି ବିଲ ।

ଚାଳ ଉପରେ ନଇଁ ନଇଁ ଉଠୁଛି ଗେଣ୍ଡେଇ ଧୂଆଁ ! ମେଘ ସହ ମିଶିବାକୁ ସେ ଚାହେଁ ।

ସହରରେ ଧନୀ ସଉଦାଗରମାନଙ୍କ କୋଠା ! ମେଘ ସେମାନଙ୍କ ଝରକା ପାଖେ କୁହୁଡ଼ି ତିଆରି କରେ ।

ଦେଉଳରେ ଦିଅଁଙ୍କ ଆଳତି । ନାଉରୀ ବାହୁଛି ନାଆ—କେଉଁ ନଈର ଭଅଁର ପରି କଳା ଜଳ ଉପରେ !

ଦେଖିଲେ ଗୋଟିଏ ଗୋଟିଏ କରି ଏ ସବୁ । ତା' ସହ ଆହୁରି ଆନନ୍ଦ ମିଳିଲା ସେମାନଙ୍କୁ, ଆହୁରି ଶକ୍ତି ପାଇଲେ ଦେହରେ । ଚାଲିଲେ···! ଚାଲିଲେ ଆଗରୁ ଆଗକୁ । କଣ୍ଠରେ ଏଇ ସୁର··· ।

ଯାତ୍ରା ଆମ ହେବରେ ଯାଇ ଶେଷ···
ଲକ୍ଷ୍ୟ-ଠାରେ ମିଳିବୁ···ଯେବେ ଆମେ,
ପଛକୁ ଆଉ ଚାହିଁବୁ ନାହିଁ ତିଳେ···
ଆଗେଇ ଯିବୁ···ବଶୁର ଏ କାମେ !

Digitized by srujanika@gmail.com

ଯାତ୍ରୀ ଆମେ ନେଇଚ୍…ପଣ ଭାରି,
ଜୀବନ-ବାଜି ରଖିଛୁ…ଅଛୁ ରଖି,
ବିଶ୍ରାମକୁ ଦେଇଚୁ ଫାଙ୍କି ଡଙ୍କ…
କଷ୍ଟ ହେଲେ ରଖିବୁ…ନାହିଁ ବାକି !

ମିଳିଲା ମହାନଦୀ ! ତାରି ତୀରେ ତୀରେ ଚାଲିଲେ ତିନି ସାଥି । ପହଞ୍ଚିଲେ 'ଦେଉଳ-ଝର୍ଣ୍ଣ'ଠି । ତାର 'ବାରୁଣୀ-ଝର'ରେ ଗାଧୋଇଲେ । ସଂଖ୍ୟାହୀନ ମନ୍ଦିର । କେଡ଼େ ସୁନ୍ଦର କାରୁକାମ । ଖାଲି ଶିବମନ୍ଦିର । ବଡ଼ ଦେଉଳରେ ପ୍ରଭୁ 'ସ୍ୱପ୍ନେଶ୍ୱର ।' ତାଙ୍କୁ ଦର୍ଶନ କଲେ । କଅଁ-ବଣରୁ କଅଁ ଆଣିଲେ । କେତକୀ-ବଣରୁ କେତକୀ ତୋଳିଲେ । କୁରୁବକ ଫୁଲ ସାଉଁଟିଲେ । ସବୁ ନେଇ ପୂଜାକଲେ 'ସ୍ୱପ୍ନେଶ୍ୱରଙ୍କୁ ।

ମୁନିଋଷିମାନେ ସେଠି ବସି ଧ୍ୟାନ କରୁଥିଲେ । ସେମାନଙ୍କ ପାଦରେ ପଡ଼ିଲେ । 'ରକ୍ତ-କୁଣ୍ଡ'ର ନାଲି ଜଳ ଦେଖିଲେ । 'ଦୁଗ୍ଧ-କୁଣ୍ଡ'ର କ୍ଷୀର ପିଇଲେ । ଗିରିରାଜ 'ପଞ୍ଚଧାର'ର ପୂଜା କଲେ । ତାର ପଞ୍ଚ ପବିତ୍ର ଧାରରେ ବୁଡ଼ ପକାଇଲେ । 'କେତକୀ-ଝରଣ'ର ଶୋଭା ଦେଖି ମୁଗ୍ଧ ହେଲେ ।

ସେଠୁ ସିଧା ଉତ୍ତରକୁ ମୁହଁ କଲେ । ଚାଲିଲେ ପୁଣି ଗୀତ ଗାଇ ଗାଇକା । ଦୂରରୁ 'ସୁରେଶ୍ୱରୀ' ପର୍ବତକୁ ଚାହିଁ ତାଟକା ହୋଇ ପଡ଼ିଲେ । ବାଟରେ କେଡ଼େ ନିଘଞ୍ଚ ବଣ ମ ! ଆଉ 'ସୁରେଶ୍ୱରୀ' ପର୍ବତ କେତେ ଲମ୍ବ । ଦୂରରୁ କେଡ଼େ ଗାଢ଼ ନୀଳ ଦେଖା ଦେଖାଯାଉଛି । କେଡ଼େ ସୁନ୍ଦର ସତେ !

ବାଟରେ ଏତେ ଗଛ । ଏ ବଣ ଦେଖି କୁଠି କ'ଣ କରିବେ କିଛି ବୁଝି ପାରିଲେ ନି । ଏମାନେ କ'ଣ କରିବେ ଭାବୁ ଭାବୁ ଆକାଶରୁ ଉଭେଇଗଲେ ସୂର୍ଯ୍ୟ ଦେବତା । ଗୋଧୂଳିର ଧାରେ ଧାରେ ନଇଁ ଆସିଲା ରାତି । କାଳି ଗୁଡ଼ାକ ଯେପରି ଗଛ ବୁଦା ପାହାଡ଼ ତଳରେ କିଏ ଲେପି ପକାଇଲା । ଆଉ ସେ କଳା ଧୀରେ ଧୀରେ ପୃଥିବୀକୁ ଯାଇ ଆକାଶ ଯାଏ ମାଡ଼ିଗଲା । ଛୁଞ୍ଚିମୁନରେ ମୁନେ ମଧ୍ୟ ଯାଗା ରହିଲାନି ବାକି । ସବୁ ଖାଲି କଳା…କଳା… । ରାତି ଗରଜିଲା ସାଇଁ…ସାଇଁ…ସାଇଁ… ! ସେଦିନ ଏମାନେ ଏତେ-ଦୂର ହାଲିଆ ହୋଇ ଯାଇଥିଲେ ଯେ, ଆଉ ଖାଇବା ପିଇବା କିଛି କଲେନି । କୌଣସିମତେ ଗୋଟିଏ ବରଗଛର ମୂଳ ଆଦରି ନେଲା ହରିଣ । ଉପରେ ଡାଳରେ ଶୋଇଗଲେ ହଳଦୀବସନ୍ତ ଆଉ କୋଇଲି ।

ସବୁଦିନ ପରି ହେଲା ସକାଳ । ସବୁଦିନ ପରି ପଡ଼ିଗଲା ଚହଳ । କାମର ଡାକରା ସଭିଏ ଶୁଣିଲେ ।

ଗଛଡାଳରେ ମନମାରି କୋଇଲି ଏବଂ ହଳଦୀ-ବସନ୍ତ ବସି ଯାଇଥାନ୍ତି । ଭାବିଲେଣି କିପରି ସେ ଠିକଣା ଯାଗା ପାଇବେ, ତଳରେ ମିରିଗ ମୁହଁ ଶୁଖାଇ ଦେଇଥାଏ ।

ଉପରୁ ଓହ୍ଲାଇ ଆସିଲେ ଦୁଇବନ୍ଧୁ ତଳକୁ । ହରିଣ ସହ କଥାବାର୍ତ୍ତା କରି ସେମାନେ ପୁଣି ଠିକଣା-ଯାଗା ଖୋଜିବାକୁ ବାହାରି ପଡ଼ିଲେ—

"ବିପଦ ସେ ତ ଜୀବନ ସାଥି ! ଆସିବ ଯଦି ଆସୁ,
ଆକାଶ-ସାରା ଝଟିକା ଆସି ଝାସୁରେ ଖାଲି ଝାସୁ !
ପ୍ରଳୟର ଚଡ଼େଇ ଉଡ଼ ମରଣ ଯାଉ ବୁଣି
କାମ ନ କରି ଫେରିବୁନାହିଁ ଫେରିବୁନାହିଁ ତିନି !!"

ଅନ୍ଧକନ୍ଧ ବୁଲିଲେ ତିନିବନ୍ଧୁ ! ହେଲେ ଏ ଅଖୋଜ ବଣ ! ଯେତିକି ଖୋଜିଲେ—ସେତିକି ବଢ଼ୁଛି । ପବନ ଗଳିବାକୁ ଏଠି ବାଟ ପାଏନି । ବରଷା ପାଣି ତଳେ ପଡ଼େନି । ସୂର୍ଯ୍ୟ କିରଣ ତ ପୂର୍ବରୁ ତଳେ ପଡ଼ିବା ମନା ! ତଥାପି ଏମାନେ ଖୋଜି ଚାଲିଲେ ।

ହଠାତ୍ ପଛରୁ କେହି ଆସିବାର ଆବାଜ ମିଳିଲା । ଫେରି ପଡ଼ିଲେ ତିନିଜଣଯାକ ଏକା-ବେଳକେ । ଦେଖିଲେ ସୁନାର ଚକ୍ରର ଫୁଲ ଉପରେ ବସିଛି ଶ୍ରେଷ୍ଠ ସ୍ତ୍ରୀଲୋକଟିଏ ! ଦୁଇଟି ତାର ଡେଣା । ଦୁଇ ହାତର ମୂଳରୁ ବାହାରିଛି । ଏକ ସୁନେଲି ଶାଢ଼ୀ ସେ ପିନ୍ଧିଛି । ବାଳ ତାର ଲମ୍ବିଯାଇଛି—ବହୁତ ଦୂର ଯାଏ । ଆସି ତଳେ ସେ ଝୁଲୁଛି ।

ତିନିଜଣ ଯାକ ତାକୁ ଦେଖି ପଚାରିଲେ—"ତମେ କିଏ ? ଏ ବଣକୁ କିପରି ଆସିଲ ?"

Digitized by srujanika@gmail.com

ସେ ସ୍ତ୍ରୀ ଲୋକଟି କହିଲା—

"କାନନ-ପକ୍ଷୀ ନାଆଁଟି ମୋର

ପକ୍ଷୀ-ଗଇଜେ ଘର,

ବଣରୁ ବଣ ବୁଲିବା ଖାଲି

ଅଟଇ କାମ ମୋର !"

କୋଇଲି ପଚ୍ଚାରିଲା—"ଆଚ୍ଛା, କାନନ-ପକ୍ଷୀ, କହିଲ... କହିଲ... "ବଜ୍ର-ଚଞ୍ଚୁ-ଶୁକ" କୋଉଠି ରହିଥାଏ ?"

'କାନନ-ପକ୍ଷୀ' ଜବାବ ଦେଲା; "ଆହା, ତମେ ସେଠାକୁ ଯିବାକୁ କାହିଁକି ମନ କଲ ? ସେ ତ ଏକ ରହସ୍ୟମୟ ଯାଗା !"

ହଳଦିବସନ୍ତ ସେଇଠୁ ସବୁ କଥା କହିଲା । ଆଉ କହିଲା—"ଆମ କାମ ନ ହେଲେ ଆମେ ନ ଫେରୁ 'କାନନ-ପକ୍ଷୀ' !"

କାନନ-ପକ୍ଷୀ ସେଇଠୁ ତଳକୁ ଉଡି ଆସି କହିଲା —"ଆଚ୍ଛା, ମୋର ଏ ଲମ୍ବ ବାଳଗୁଡ଼ିକ ତୁମେ ତିନହେଁ ଧର ! ମୁଁ ଯାଉଚି ଆଗେ ଆଗେ । ତମେ ମୋର ପଛେ ପଛେ ଆସ !"

ଏମାନେ ତାର ଗୋଲାପ ପାଖୁଡ଼ା ପରି କଅଁଳ, ମାଳମେଘର ରଙ୍ଗପରି ଗାଢ଼ ନୀଳ ବାଳଗୁଡ଼ିକ ଧରି ତାର ପଛେ ପଛେ ଚାଲିବାକୁ ଆରମ୍ଭ କଲେ ।

'କାନନ-ପକ୍ଷୀ' ଗାଇ ଗାଇ ଚାଲିଥାଏ—

"ବଣ-ଦେବତା ହେ, ବଣ-ଦେବତା,

ତମେ ତ ବୁଝିଚ...ସକଳ କଥା;

ଦୁନିଆଁକୁ ଯେବେ ପଡ଼ିଚି...ଦୁଃଖ,

ତମେହିଁ ଦେବତା ରଖ...ହେ ରଖ...!

ଜୀବନ ନିଜର ବିପଦେ ଡାଳି,

ଏଇ ତିନିବନ୍ଧୁ ଆସିଲେ ମିଳି;

ଦୁନିଆଁର ହିତ ସାଧିବା ପାଇଁ;

କେତେ କଷଣ ଏ ଗଲେଣି ସହି !"

ପଛେ ପଛେ ଚାଲିଛନ୍ତି ତିନିବନ୍ଧୁ ! ବଣର ବାଟ ଆପେ ଫିଟି ଫିଟି ଯାଉଚି । ପାହାଡ଼ ଝର ଉପରେ ଆପେ ଆପେ ହୋଇ ଯାଉଚି ସେତୁ । ବେଶ୍ ଆରାମରେ ଚାଲିଛନ୍ତି ସେମାନେ !

କାନନ-ପକ୍ଷୀ ଗାଉଚି—

କରୁଣା-କର ହେ, କରୁଣା କର,

ଜଗତର ହିତେ ଦେବତା ମୋର,

ଦୂରରୁ ଶୁଭିଲା ବଇଁଶୀଟିଏ । ବଡ଼ ଚମତ୍କାର ତାର ନାଦ !

ଅଟକି ଗଲା··· କାନନ-ପକ୍ଷୀ ! କହିଲା— "ଏଇ ଶୁଣ, ବାଜୁଚି ଏକ ବଇଁଶୀ ! ସେଇ ସୁରକୁ ଶୁଣି ଶୁଣି ତୁମେ ଯାଅ ! ମୋର କାମ ଏବେ ଶେଷ ହେଇଗଲା । ମୋତେ ଗରୁଡ଼ ମହାପ୍ରଭୁ ପଠାଇ ଦେଇଥିଲେ··· ତୁମକୁ ସାହାଯ୍ୟ ଦେବାକୁ ! ମୁଁ ଏଥର ଯାଏ !"

କଥା ନ ସରୁଣୁ ତିନିବନ୍ଧୁ ଦେଖିଲେ—'କାନନ-ପକ୍ଷୀ' ଆଉ ନାହିଁ । ଯେଉଁପରି ଅଜଣା ଭାବରେ ସେ ଆସିଥିଲା, ସେଇପରି ସେ ଚାଲି ଯାଇଚି । ପଛଆଡ଼େ ଚାହିଁ ଦେଖିଲେ ସେ ବାଟ ବି ଲିଭି ଲିଭି ଯାଉଚି ।

ଏମାନେ ଟିକିଏ ଡରିଗଲେ । ମାୟା ନୁହେ ତ ? ଅସୁର ଅସୁରୁଣୀ ଅନେକ ବେଳେ ଏଇପରି ଛଦ୍ମ-ବେଶ ଦେଇ ଆସି ଥାଆନ୍ତି । ସେମାନେ ଏଇପରି ଠକି ନିରୀହ ଲୋକଙ୍କୁ ମାରି ପକାନ୍ତି । ସେଇପରି ନୁହେଁ ତ ଆଉ ?

ବଇଁଶୀର ସୁର ଶୁଭୁଚି ! ଶୁଭୁଚି ବହୁତ ଦୂରରୁ । ତାକୁ ଲକ୍ଷ୍ୟକରି ସେମାନେ ଚାଲିଲେ । ଦେଖୁ ଦେଖୁ ଦିନ ଶେଷ ! ଆକାଶରେ ରାତି ଡେଣା ଝାଡୁଚି । ବଣ ଆହୁରି ଗମ୍ଭୀର ହୋଇଯାଉଛି !

ହରିଣ ବିଚରା ଯାଇ ପାରୁନି । ତାର ଆୟତ କଳା ଆଖିର ସୌନ୍ଦର୍ଯ୍ୟ କମି ଗଲାଣି, ହଳଦିବସନ୍ତର ସୁନାପକ୍ଷୀଗୁଡ଼ିକ ମଇଳା ପଡ଼ିଗଲାଣି, କୋଇଲିର ସ୍ୱର ଭାଙ୍ଗି ଗଲାଣି । ବାଟ ଆହୁରି ଅଛି ବାକି···! ଓଃ !

(ଆହୁରି କହିବି······)

Digitized by srujanika@gmail.com

ଶୁଣିଛ କି ଆଉ?

ଲେ—ବାପୁ

କାନପୁରର ଏକ ସମ୍ବାଦରୁ ପ୍ରକାଶ ଯେ ସେଠାର କେତେକ ବ୍ୟାଙ୍କ କର୍ମଚାରୀ ବେତନ ବୃଦ୍ଧି ଦାବୀ କରି ପ୍ରତିବାଦ ସ୍ୱରୂପ ମୁଣ୍ଡର କେଶ ଓ ଦାଢ଼ି ବଢ଼ାଇ ଅଫିସକୁ ଯାଉଛନ୍ତି ।

ନଖ ବଢ଼ାଇ ନାହାନ୍ତି, ରକ୍ଷା । ନଚେତ୍ ଅଫିସ୍ କର୍ତ୍ତାମାନେ ଭୟ କରନ୍ତେ !

*

କମାପଡ଼ା ନିକଟରେ ଜଣେ ଉଚ୍ଚଶିକ୍ଷିତ ଓଡ଼ିଆ 'ବର' କୁଆଡ଼େ ଯୌତୁକ ଜମି ମାଣକ ନ ପାଇବାରୁ ବେଦିରୁ ଉଠି ପଳାଇ ଯାଉଥିଲେ । ଗାଁର ଭଦ୍ରଲୋକମାନେ ତାଙ୍କୁ ଧରାଧରି କରି ବୁଝାଇ ଜମି ମାଣକର ବ୍ୟବସ୍ଥା କରିଦେବାରୁ ସେ ପୁଣି ବେଦିକୁ ଆସିଲେ । କନ୍ୟାଦାନ ଓ ଭୂଦାନର ସଂଘର୍ଷ !

*

ଜାତିସଂଘରେ ରୁଷିଆର ପ୍ରତିନିଧି ମ୍ୟାଲେଭୋଭଙ୍କୁ ଗୁଳିକରି ମାରିଦିଆଯିବ ବୋଲି ଅଜ୍ଞାତ ଲୋକେ ଜାତିସଂଘ ଅଫିସକୁ ଏକ ଟେଲିଫୋନ କଲ୍ ଆସିଲା । ସଙ୍ଗେ ସଙ୍ଗେ ପ୍ରହରୀମାନେ ସାବଧାନ ରହିଲେ, ଯଦିଓ ସେଦିନ ମ୍ୟାଲେଭୋଭ ସଭାକୁ ଗଲେ ନାହିଁ ।

ଆଜିକାଲି, ଗ୍ରେଟ, ଜାପାନ, ମଶିଷମାରୁ ସବୁ 'ମଡର୍ଣ୍ଣ' ଧରଣରେ ହେଉଛି । ଆଗରୁ ଖବର ଦେଇ, ଟେଲିଫୋନରେ ଡାକି, ମଟର ଚଢ଼ି, ସୁଟ୍ ପିନ୍ଧି—ଦିନ ଦିପହରେ ଅଭିଯାନ ଚାଲିଛି । ଏଗୁଡ଼ାକ ସଭ୍ୟତାର 'ବାଇ-ପ୍ରୋଡ଼କ୍ଟ' !

*

କଲିକତା ବିଶ୍ୱବିଦ୍ୟାଳୟର ଗତ ମାଟ୍ରିକ୍ୟୁଲେଶନ ପରୀକ୍ଷାର ପ୍ରାୟ ୧୫୦୦ ଖଣ୍ଡ ଉତ୍ତର ଖାତା କୁଆଡ଼େ ହରଣଚାଳ ହୋଇଯାଇଛି । ଗାଡ଼ିବାଲାଙ୍କ ହାତରୁ ଲୁରୁଫ୍ ହୋଇଗଲା । କର୍ତ୍ତୃପକ୍ଷ ମହା ଅଡୁଆରେ ପଡ଼ିଛନ୍ତି । ଯେଉଁ କାଗଜ ହଜିଛି, ସେଇ ବିଷୟରେ ଆଉଥରେ ପରୀକ୍ଷା ହେବ ବୋଲି ବ୍ୟବସ୍ଥା ହେଉଛି ।

ଏ ବି ଗୋଟାଏ ପ୍ରକାର ମଡର୍ଣ୍ଣ ଯାଦୁବିଦ୍ୟା !

*

ରାଜମହେନ୍ଦ୍ରୀ ଜଜ୍‌କୋର୍ଟରେ ଦିନେ ମାଙ୍କଡ଼ମାନେ ପ୍ରବେଶ କରି କଚେରୀ କାମ ଆରମ୍ଭ ହେବା ପୂର୍ବରୁ ରିହର୍ସାଲ କରୁଥିଲେ । ଗୋଟାଏ ମାଙ୍କଡ଼ ଜଜ୍‌ଙ୍କ ଚୌକିରେ ବସି କଲିଂ ବେଲ ବଜାଉଥିଲା । ଅନ୍ୟମାନେ ପେସ୍କାର, ଓକିଲ ଓ ସାକ୍ଷୀ ସାଜିଥିଲେ । ଏଇପରି କେତେକ ମିନିଟ ମାଙ୍କଡ଼-ରାଜତ୍ୱ ଚାଲିଲା ପରେ ପ୍ରକୃତ ଜଜ୍ ଆସିଲେ ।

ଡାରଉଇନ ସାହେବଙ୍କ ବିବର୍ତ୍ତନବାଦ ପୂରାପୂରି ଠିକ୍ । ପ୍ରଥମେ ମାଙ୍କଡ଼, ତା ପରେ ମନୁଷ୍ୟ ।

*

ରୁଷିଆକୁ କହନ୍ତି ଲୌହ ପରଦା ଦେଶ । ନେହେରୁ ରୁଷିଆ ଭ୍ରମଣ ସାରି କହିଲେ ଯେ ସେ ସେଠାରେ କୌଣସି ଲୌହ ପରଦା ଦେଖିଲେ ନାହିଁ ।

ଲୌହ କାରଖାନା କିନ୍ତୁ ଦେଖିଛନ୍ତି । ସବୁ ପରଦା ହୁଏତ ଉଠାଇ ଦିଆଯାଇଥିଲା । କାରଣ ନେହେରୁଙ୍କ ପାଖରେ ପରମାଣୁ ବୋମା ନାହିଁ । ପଞ୍ଚଶୀଳ ଅଛି ।

*

ରଜତ ଜୁବିଲି, ସୁବର୍ଣ୍ଣ ଜୁବିଲି ଓ ହୀରକ ଜୁବିଲି କଥା ଶୁଣାଥିଲା । ବର୍ତ୍ତମାନ ଆଗା ଖାଁଙ୍କର ପ୍ଲାଟିନମ୍ ଜୁବିଲି ଉତ୍ସବର ଆୟୋଜନ ହେଉଛି । ଏଥିପାଇଁ ଲଣ୍ଡନର ଏକ ଟଙ୍କଶାଳାକୁ ୧୦୦୦ ପ୍ଲାଟିନମ୍ ପଦକ ତିଆରି କରିବାକୁ ଅର୍ଡ଼ର ଦିଆଯାଇଛି । ଏହି ପ୍ଲାଟିନମ୍ ବଡ଼ ମୂଲ୍ୟବାନ ଧାତୁ । କେବଳ ଏତକ ପ୍ଲାଟିନମ୍‌ର ମୂଲ୍ୟ ୭୫୦୦ ପାଉଣ୍ଡ ।

ଆଉ ବର୍ଷକୁ ବାପୁର ୫ ବର୍ଷ ପୂରିବ । ତେଣୁ ଅନ୍ତତଃ ଗୋଟାଏ ଟିଣ ଜୁବିଲି କରିବାକୁ ତାର ମନ ବଳୁଛି ।

ପିଲାଙ୍କ ପ୍ରକୋଷ୍ଠ

ଆଦରର ଟିକି ଭାଇଭଉଣୀମାନେ—

ଏ ମାସ ତୁମ୍ଭମାନଙ୍କ ନିକଟରୁ ବହୁ ପତ୍ର ଆସିଛି । କିଏ କେତେ ପ୍ରକାରର ପ୍ରଶ୍ନ ପଚାରିଛ, ଉପଦେଶ ବି ଦେଇଛ କେହି କେହି, ପୁଣି ନିଜ ଲେଖା ଛପାଇବାର ଅଳି ବି କରିଛ ତୁମର ଭିତରୁ । ତୁମ୍ଭମାନଙ୍କର ଏ ଚିଠି ସବୁ ମନରେ ମୋର ଉତ୍ସାହ ଆଣି ଦେଉଛି, ତୁମ୍ଭେମାନେ ମୋ ଡାକ ଶୁଣିଛ ।

ଅନେକେ ନୂତନ ସଭ୍ୟ ହେବାକୁ ଚାହିଁ ପଚାରିଛ ଗ୍ରାହକ ନ ହୋଇଥିଲେ କ'ଣ ସଭ୍ୟ ହୋଇ ହେବନି ? ତୁମ୍ଭେମାନେ ନିୟମାବଳୀ ପଢ଼ି ନ ନିଶ୍ଚୟ । ଏ ମାସରେ ପୁଣିଥରେ ନିୟମାବଳୀ ଛପାଗଲା — ତୁମେ ସବୁ ପଢ଼ି-ନେବ ଏଥର । ୧୮ ବର୍ଷରୁ କମ୍ ଯେ କୌଣସି ବାଳକ ବାଳିକା ଏହାର ସଭ୍ୟ ହୋଇ ପାରନ୍ତି ବାର୍ଷିକ ପାଇଁ ୫୦ ପ ର ଡାକଟିକଟ ପଠାଇ । ପ୍ରତି-ଯୋଗିତାରେ କେବଳ ସଭ୍ୟ, ସଭ୍ୟାଗଣ ଭାଗ ନେଇ ପାରିବେ ।

ଗତମାସର ଉତ୍ତର କମିତି ଉତ୍ତରଦାତାଗଣ ଦେଇଥିଲେ ଜଣାଇବାକୁ ଲେଖିଚ । ଏ ବଡ଼ 'ସଂସାର'ରେ ଆମର ପରିସର ଖୁବ୍ ଅଳ୍ପ । ଯଦି ମୁଁ ପୁରସ୍କୃତ ସଭିଙ୍କ ଉତ୍ତର ଛାପିଦିଏ ତେବେ ତ ଆମେ ଆଉ ଟିକିଏ ସୁଖ ଦୁଃଖ ହୋଇ ପାରିବାନି । ତେଣୁ ଛାପି ନ ଥିଲି । ତେବେ ଜୁନ ମାସରେ ତୁମକୁ ପ୍ରଶ୍ନ ପଚାରିଲା ବେଳେ ମୁଁ ମନେ ମନେ ଯେଉଁ ଉତ୍ତର ଠିକ୍ କରି ରଖିଥିଲି ସେଇ ଉତ୍ତର ଗୁଡ଼ିକ ତୁମକୁ ଜଣାଇ ଦେଉଛି । ତୁମ ମନକୁ କମିତି ପାଇବ କେଜାଣି ?

ତୁମ୍ଭମାନଙ୍କ ମଧ୍ୟରୁ ଲେଖା ଛପାଇବାକୁ ଯେଉଁ-ମାନେ ଅନୁରୋଧ କରିଛ ସେମାନଙ୍କ ଲେଖା ନ ଦେଖିଲେ ମୁଁ କିମିତି କହିବି ସେମାନଙ୍କ ଲେଖା ଛପିବା ଉପଯୋଗୀ କି ନାହିଁ । ତେବେ ମନେ ରଖ ଲେଖକ ହେବା ପୂର୍ବରୁ ଧୈର୍ଯ୍ୟବାନ ପାଠକ ହୁଅ । ଅନେକ ବହି ପଢ଼ । ତା ପରେ ଲେଖିବାକୁ ଆରମ୍ଭ କରିବ ।

ତୁମ୍ଭେମାନେ ପ୍ରତିଯୋଗିତାର ଉତ୍ତର ଦେଲା ବେଳେ ପ୍ରଶ୍ନ ସବୁ ଲେଖିସାରି ତା ପରେ ଉତ୍ତର ଲେଖୁଛ । ପ୍ରଶ୍ନ ଲେଖିବାର କୌଣସି ଆବଶ୍ୟକତା ନାହିଁ । ପ୍ରଶ୍ନ କଡ଼ରେ ଥିବା ନମ୍ବର ଗୁଡ଼ିକ ଲେଖି ତା ପରେ ତୁମର ଉତ୍ତରଟି ଲେଖି ଦେଲେ ଚଳିବ । ପୋଷ୍ଟ କାର୍ଡରେ ମଧ୍ୟ ତୁମର ଉତ୍ତର ଦେଇ ପାର । ପୋଷ୍ଟ କାର୍ଡର ବଡ଼ ଫାଳରେ "—ମାସର ପ୍ରତି-ଯୋଗିତା" (ଶୂନ୍ୟ ସ୍ଥାନରେ ଯେଉଁ ମାସର ପ୍ରତିଯୋଗିତା ସେ ମାସର ନାମ ଲେଖିବ) ଏବଂ ଉତ୍ତର ଗୁଡ଼ିକ ଲେଖିବ ଏବଂ ମଝିପଟ ଅଂଶରେ ନିଜର ନାମ ଓ ସଭ୍ୟ ନମ୍ବର ଦେବ । ପ୍ରତିଯୋଗିତାର ଉତ୍ତର ସହିତ ଅନ୍ୟାନ୍ୟ ପ୍ରଶ୍ନ ପଚାରିବନି । "ଆପଣ ଯାହା ପଚାରିଥିଲେ' ପାଇଁ ପ୍ରଶ୍ନ ସମ୍ପାଦକଙ୍କଠାକୁ ପଠାଇବ ।

ଆସନ୍ତା ଅଗଷ୍ଟ ସଂଖ୍ୟାଠାରୁ 'ସଂସାର'ର ପଞ୍ଚମ ବର୍ଷ ଆରମ୍ଭ ହେବ । ତେଣୁ ସଂସାରର ଚତୁର୍ଥ ବର୍ଷରେ ଯେଉଁମାନେ ସଭ୍ୟ ହୋଇଥିଲେ ସେମାନଙ୍କୁ ବାର୍ଷିକ ଚାନ୍ଦା ପୁଣିଥରେ ଦେବାକୁ ହେବ । ପୁରାତନ ସଭ୍ୟମାନଙ୍କୁ ଅଗଷ୍ଟ ତା ୧୫ ରିଖ ପର୍ଯ୍ୟନ୍ତ ସମୟ ଦିଆଗଲା । ଉକ୍ତ ସମୟ ମଧ୍ୟରେ ଯେଉଁମାନେ ବାର୍ଷିକ ଚାନ୍ଦା ୫୦ ପ ନ ପଠାଇବେ ସେମାନଙ୍କ ନାମ ସଭ୍ୟ ତାଲିକାରୁ କାଟି ଦିଆଯିବ ଏବଂ ସେମାନେ ଅଗଷ୍ଟ ମାସର ପ୍ରତିଯୋଗିତାରେ ଭାଗ ନେଇ ପାରିବେ ନାହିଁ ।

ମୋର ଦୃଢ଼ ବିଶ୍ୱାସ ତୁମ୍ଭେମାନେ ସମସ୍ତେ ଉପର ଶ୍ରେଣୀକୁ ଉଠିଥିବ । ତେଣୁ ବାର୍ଷିକ ଚାନ୍ଦା ପଠାଇଲା-ବେଳେ କେଉଁ ଶ୍ରେଣୀକୁ ଉଠିଲ ଲେଖିବ । ଆଜି ଏତିକି—

ତୁମ୍ଭମାନଙ୍କର
ସୁନ୍ଦର ଭାଇ

Digitized by srujanika@gmail.com

ସୁନ୍ଦର ଭାଇଙ୍କର ଜୁନ୍‌ମାସ ପ୍ରଶ୍ନର ଉତ୍ତର—

୧ । କୂଅ ପାଣି, ୨ । ସମୁଦ୍ରରେ ମିଳିବା ପାଣି, ୩ । ସମୁଦ୍ର, ୪ । ପରମାଣୁ, ୫ । ମଣିଷଙ୍କ ମୁଣ୍ଡ, ୬ । ଗଛ, ୭ । ସନ୍ତାନ ପ୍ରସବ, ୮ । ମନୁଷ୍ୟ, ୯ । ସୂର୍ଯ୍ୟ, ୧୦ । ପାଣି ।

ନୂତନ ସଭ୍ୟ—

(୪୨) ଶ୍ରୀ ରମେଶ ପ୍ରସାଦ ସେନ, ରତ୍ନପୁର, ପୋ:ଅ: ଜାହ୍ନଡ଼, ଜି: ପୁରୀ । (୪୩) ଶ୍ରୀ ସୁରେନ୍ଦ୍ର କୁମାର ରାୟ, C/o ଶ୍ରୀ ଭୀମସେନ ରାୟ, ଶିକ୍ଷକ, ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ । (୪୦) ଶ୍ରୀ ମନ୍ମଥ କୁମାର ନାୟକ, ମହତାବ ଉଚ୍ଚବିଦ୍ୟାଳୟ, ମଙ୍ଗଳ ପୁର ପୋ: ମଙ୍ଗଳ ପୁର, କଟକ । (୪୫) ଶ୍ରୀ ଧୀରେନ୍ଦ୍ର କୁମାର ରାୟ, C/o ବି. ଏସ୍. ରାୟ, ବି.ଏ. ଡି.ଇଡି, ଶିକ୍ଷକ ଚାନ୍ଦିପଦା ହାଇସ୍କୁଲ, ପୋ: ବାରିପଦା, ମୟୂରଭଞ୍ଜ । (୪୬) ଶ୍ରୀ ପଞ୍ଚାନନ ସାହୁ, ଦଶମଶ୍ରେଣୀ, ଲରମ୍ବା ହାଇସ୍କୁଲ, ପୋ: ଲରମ୍ବା, ଜି: ସମ୍ବଲପୁର । (୪୭) ଶ୍ରୀ ପ୍ରଭାକର ଦାଶ, ତିନକୋଣିଆ ବଗିଚା, ପୁରୀ । (୪୮) ଶ୍ରୀ କାଳିନ୍ଦୀ ଚରଣ ସାହୁ, ବାଲିଅ ଗୋପୀନାଥ ପୁର କଟକ । (୪୯) ଶ୍ରୀ ଅରବିନ୍ଦ କୁମାର ମହାନ୍ତି, C/o ଶ୍ରୀ ଗଣେଶ ଚନ୍ଦ୍ର ମହାନ୍ତି, ହେଡ୍ କ୍ଲାର୍କ, ସମ୍ବଲପୁର ହସ୍-ପିଟାଲ, ସମ୍ବଲପୁର । (୫୦) ଶ୍ରୀ ସୂର୍ଯ୍ୟ ନାରାୟଣ ଦାସ, C/o ଶ୍ରୀ କାହ୍ନୁ ଚରଣ ଦାସ, ଡେପୁଟି ଇନ୍ସପେକ୍ଟର ଅଫ୍ ସ୍କୁଲସ୍ ପୋ: ଅନୁଗୁଳ । (୫୧) ଶ୍ରୀ ରାଧାଚରଣ ମହାନ୍ତି, ମଟରୁ-ପଦା, ଆନନ୍ଦପୁର ପୋ: ଜଗତସିଂପୁର, କଟକ । (୫୨) ଶ୍ରୀ ଶେଷଦେବ ବିଶୋଇ, ୯ମ ଶ୍ରେଣୀ, କେନ୍ଦ୍ରାପଡ଼ା ହାଇସ୍କୁଲ, କେନ୍ଦ୍ରାପଡ଼ା, କଟକ । (୫୩) ଶ୍ରୀ କରଣ ଶଙ୍କର ସାହୁ, C/o ଶ୍ରୀ ବୃନ୍ଦାବନ ଚନ୍ଦ୍ର ସାହୁ । ବାଘଡ଼ା ରୋଡ଼, ପୋ: ବାରିପଦା, ମୟୂରଭଞ୍ଜ । (୫୪) ଶ୍ରୀ କେ: ଶ୍ରୀଧର ରାଓ, C/o, ଡାକ୍ତର କେ: ସତ୍ୟନାରାୟଣ, ପୋ:ଅ କଟନି, ମଧ୍ୟ ପ୍ରଦେଶ । (୫୫) ଶ୍ରୀ ଭକ୍ତ ପ୍ରସାଦ ମିଶ୍ର, ମହାନ୍ତିଟିକରା, ପୋ: ବରଗଡ଼, ଜି: ସମ୍ବଲପୁର । (୫୬) ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଠାଙ୍ଗି ହାଇସ୍କୁଲ ୧୦ମ ଶ୍ରେଣୀ, ପୋ: ଠାଙ୍ଗି, ପୁରୀ । (୫୭) ଶ୍ରୀ ରମେଶ ଚନ୍ଦ୍ର ଦାଶ, ଆମରଙ୍ଗ ଯୁବସଂଘ, ଆମରଙ୍ଗ, ପୋ. ଡାମନାଳ, ଜି. ପୁରୀ । (୫୮) ଶ୍ରୀ ପ୍ରହ୍ଲାଦ ଚନ୍ଦ୍ର ମହାପାତ୍ର, ଚଉଶପଲ୍ଲୀ, ପୋ. ଗଳଗଣ୍ଡ ପୁର, ଜି. ବାଲେଶ୍ବର ।

ସଭ୍ୟ ହେବାର ନିୟମାବଳୀ—

୧ । ୧୮ ବର୍ଷରୁ କମ୍ ଯେ କୌଣସି ବାଳକ ବା ବାଳିକା ଏହାର ସଭ୍ୟ ହୋଇ ପାରିବେ ।

୨ । ସଭ୍ୟ ଚାନ୍ଦା ସ୍ୱରୂପ ବର୍ଷକୁ ଟ°୬/ ଦେବାକୁ ହେବ । 'ସଂସାର'ର ବର୍ଷକୁ ଆମର ବର୍ଷ ଧରାଯିବ । ନାମ ଠିକଣା, ବୟସ ଓ କେଉଁ ଶ୍ରେଣୀରେ ପଢ଼ୁଚ ସ୍ପଷ୍ଟଭାବରେ ଲେଖିବ ।

୩ । ଏ ସଂକ୍ରାନ୍ତ ସମସ୍ତ ଚିଠିପତ୍ର ପ୍ରତି ମାସର ତାରିଖ ୨° ତାରିଖ ପୂର୍ବରୁ ସୁନ୍ଦରଭାଇ C/o. ସଂସାର, ତେଲେଙ୍ଗା ବଜାର, କଟକ—୧ ଠିକଣାରେ ପଠାଇବାକୁ ହେବ ।

୪ । କେବଳ 'ପିଲାଙ୍କ ପକେଟ'ର ସଭ୍ୟସଭ୍ୟାଗଣ ପ୍ରତିଯୋଗିତାରେ ଭାଗନେଇ ପାରିବେ ।

ଜୁନ୍‌ମାସ ପ୍ରତିଯୋଗିତାରେ ନିମ୍ନଲିଖିତ ସଭ୍ୟମାନେ ପୁରସ୍କୃତ ହୋଇଛନ୍ତି :—

ପ୍ରଥମ ପୁରସ୍କାର—ଶ୍ରୀ ପ୍ରହ୍ଲାଦଚନ୍ଦ୍ର ମହାପାତ୍ର (୫୮)
ଦ୍ୱିତୀୟ ପୁରସ୍କାର—ଶ୍ରୀ ରମେଶ ପ୍ରସାଦ ସେନ (୪୨)
ତୃତୀୟ ପୁରସ୍କାର—ଶ୍ରୀ ପ୍ରଭାକର ଦାଶ (୪୭)

ଜୁଲାଇମାସ ପାଇଁ ପ୍ରଶ୍ନ

······ସୁତରାଂ ଯେ ନିଜକୁ ସବୁବେଳେ ନିରାପଦ ମନେ କରି ନିଶ୍ଚିନ୍ତ ରହେ, ସେ ସାଧାରଣତଃ ବିପଦରେ ପଡ଼େ ।

ଯେଉଁ ଯୁକ୍ତି ଉପରେ ଉପରୋକ୍ତ ସତ୍ୟ ନିର୍ଭର କରୁଛି, ତାହାକୁ ୧୦ଟି ଧାଡ଼ିରେ ତୁମ ନିଜ ଭାଷାରେ ଲେଖ ।

—○—

ବୁଦ୍ଧିପରୀକ୍ଷା ଉତ୍ତର (ଜୁନ୍)

୧ । ଟ ୬/, ଟ ୫୨୬/, ଟ ୭୩ । ।

୨ । ଲୁହା । ଏହାପରେ ସଜାହେବ ସୀସା, ସୁନା, ଲୁହା, ସାଗୁଆନକାଠ, କର୍କ ।

୩ । ୪ ଫୁଟ ୮ ଇଞ୍ଚ ।

୪ । ତୁମେ ଉତ୍ତରକୁ, ପୁଣି ପୂର୍ବକୁ ଏବଂ ପୁଣି ଦକ୍ଷିଣକୁ ଆସିଛ, ତେଣୁ ବିମାନଘାଟିର ଠିକ୍ ସିଧାରେ ଅଛ । ସେଠାରେ ପହଞ୍ଚିବାକୁ ତୁମକୁ ସେଇ ୬୦୦ ମାଇଲ ପଶ୍ଚିମ-ମୁଖା ହୋଇ ଉଡ଼ିବାକୁ ହେବ (ପୂର୍ବକୁ ଯେତିକ ଯାଇଥିଲ) ।

୫ । ମାଟିଆ— ସେଇ ନେଉଳ ମାଟିଆର ।

—○—

Digitized by srujanika@gmail.com

ଚନ୍ଦ୍ରର କ୍ଷୟ (ଗଳ୍ପ)

ତୁମେ ସବୁ ଆକାଶରେ ଚନ୍ଦ୍ରଙ୍କୁ ଦେଖୁଛ ପ୍ରାୟ ନିତିପ୍ରତି । ପୁନେଇଁ ଦିନ ଚନ୍ଦ୍ର କିରଣରେ ଧରଣୀ ହସି ଉଠୁଛି, ସତେ ମନେ ହେଉଛି ଦିନ ପରି । ତୁମେ ସ୍କୁଲ ଛୁଟି ଦିନମାନଙ୍କରେ ବା ପୁନେଇ ପରବ ରାତିରେ ମନଆନନ୍ଦରେ ଲୁଚକାଳି ଖେଳ ବି ଖେଳୁଥିବ କେବେ କେବେ । କିନ୍ତୁ ପୁନେଇର ସୁନା ଥାଳିଆ ପରି ଚନ୍ଦ୍ର ଧୀରେ ଧୀରେ କ୍ଷୟ ପ୍ରାପ୍ତ ହୋଇ ଦିନେ ଆଦୌ ଦେଖା ଯାଆନ୍ତି ନାହିଁ । କାହିଁକି କହି ପାରିବ ? ଚନ୍ଦ୍ରଙ୍କର ଏହା ଏକ ରୋଗ ।

ଯକ୍ଷ୍ମା ରୋଗ କଥା ସ୍ୱାସ୍ଥ୍ୟରକ୍ଷା ବହିରେ ପଢ଼ିଥିବ ତୁମେ ସମସ୍ତେ । ମଣିଷଙ୍କୁ ଏ ରୋଗ ହେଲେ ମଣିଷ ଆସ୍ତେ ଆସ୍ତେ ମୃତ୍ୟୁ ପଥରେ ଆଗେଇ ଯାଏ । ସାଧାରଣତଃ ଏ ରୋଗରୁ ସହଜରେ କେହି ଆରୋଗ୍ୟ ଲାଭ କରେନି । ଚନ୍ଦ୍ରଙ୍କୁ ସେହି ରୋଗ ହୋଇଛି । କିମିତି ହେଲା ଶୁଣ—

ସେ ଆଜକୁ ଅନେକ ଦିନ ତଳର କଥା । ସେତେବେଳେ ଦକ୍ଷରାଜା ପୃଥିବୀ ଶାସନ କରୁଥିଲେ । ତାଙ୍କର ଥିଲେ ଅସଂଖ୍ୟ କନ୍ୟା । ଚନ୍ଦ୍ରଙ୍କୁ ଉପଯୁକ୍ତ ପାତ୍ର ଦେଖି ଦକ୍ଷରାଜା ତାଙ୍କର ସତେଇଶ କନ୍ୟାଙ୍କୁ ଚନ୍ଦ୍ରଙ୍କ ସହିତ ବିବାହ କରାଇ ଦେଲେ । ସେତେବେଳେ ବହୁ ବିବାହ ପ୍ରଥା ପ୍ରଚଳିତ ଥିଲା । ଗୋଟାଏ ଦୁଇଟି ନୁହେଁ, ସତେଇଶଟି ସ୍ତ୍ରୀଙ୍କୁ ନେଇ ମହା ଅସୁବିଧାରେ ପଡ଼ିଲେ ଚନ୍ଦ୍ର । କଥାରେ ଅଛି 'ଦୁଇ ସଉତୁଣୀ ଯାହାର, ନିତି କଳି ତାହାର ।' ଆଉ ଇଏତ ସତେଇଶ ସଉତୁଣୀ ! ଏଇଥିରୁ ବୁଝି ପାରିବ ପ୍ରତି ଘଣ୍ଟାରେ ଚନ୍ଦ୍ର କିମିତି ଅସ୍ତବ୍ୟସ୍ତ ହୋଇ ପଡ଼ୁଥିବେ । ବିଚରା ଚନ୍ଦ୍ର !!

ଏଇ ସତେଇଶ ସ୍ତ୍ରୀଙ୍କ ମଧ୍ୟରେ ସର୍ବ କନିଷ୍ଠା ସ୍ତ୍ରୀ ରୋହିଣୀ ଥିଲେ ଅପରୂପା ସୁନ୍ଦରୀ ଓ ଶାନ୍ତ ପ୍ରକୃତିର । କଳି ତକରାଳରେ ସେ କେବେ ଭାଗ ନିଅନ୍ତିନି କି କିଛି କାହାକୁ କହନ୍ତିନି । ନିଜ ମନଖୁସିରେ ଗୁଣୁ ଗୁଣୁ ଗୀତ ଗାଇ ଖାଇପିଇ ସେ ତାଙ୍କର ଦିନ କାଟନ୍ତି । ଏହା ଦେଖି ଚନ୍ଦ୍ର ରୋହିଣୀଙ୍କ ଉପରେ ସଦାବେଳେ ସନ୍ତୁଷ୍ଟ ଥାନ୍ତି ଓ ଅବସର ପାଇଲେ ସେ ରୋହିଣୀଙ୍କ ମହଲକୁ ଆସି ଖୁସିଗପରେ ସମୟ କଟାନ୍ତି ।

ଇମିତି ଦିନ ବିତିଯାଏ ।

ରୋହିଣୀଙ୍କ ମହଲକୁ ଚନ୍ଦ୍ରଙ୍କର ଆଗମନ ଓ ଅବସର ଅତିବାହିତ କରିବା କଥା ଅନ୍ୟ ସ୍ତ୍ରୀମାନଙ୍କ ନଜରରେ ପଡ଼ିଲା । ରୋହିଣୀ ଭଉଣୀ ହେଲେ କ'ଣ ହେବ ଏଠି ପରା ସଉତୁଣୀ, ତେଣୁ ଅନ୍ୟ ଛବିଶ ଭଉଣୀ ରୋହିଣୀଙ୍କ ବିରୁଦ୍ଧରେ ନାନା ଚକ୍ରାନ୍ତ କଲେ, ନାନା ଗାଳି ଗୁଲଜ କଲେ ଓ ଅପବାଦ ଦେଲେ । ରୋହିଣୀ ପୂର୍ବପରି ନୀରବ ।

ଅନ୍ୟ ଛବିଶ ଭଉଣୀ ଯେତେବେଳେ ଦେଖିଲେ ଗାଳି ଗୁଲଜରେ ଲାଭ କିଛି ହେଲାନି ସେମାନେ ମିଳିତ ଭାବରେ ଯାଇ ହାଜର ହେଲେ ବାପା ଦକ୍ଷରାଜାଙ୍କ ପାଖରେ ।

ଚନ୍ଦ୍ରଙ୍କ ବିରୁଦ୍ଧରେ ଛବିଶ ଭଉଣୀଙ୍କ ମୁହଁରୁ ବହୁ ଅଭିଯୋଗ ଶୁଣି ଦକ୍ଷରାଜା ତ ରାଗି ନିଆଁ । ସଙ୍ଗେ ସଙ୍ଗେ ଯାଇକି ଛୁଟିଲା ଚନ୍ଦ୍ରଙ୍କ ପାଖକୁ । ଦକ୍ଷ ରାଜାଙ୍କ ତଲବ ।

ଆସିଲେ ଚନ୍ଦ୍ର । ସୌମ୍ୟକାନ୍ତ ରୂପ, ପ୍ରଶାନ୍ତ ବଦନ । ମୁଣ୍ଡପୋତି ଛିଡ଼ାହେଲେ । ଚନ୍ଦ୍ରଙ୍କର ରୂପରେ ଭୁଲିଗଲେ ଦକ୍ଷ କନ୍ୟାମାନଙ୍କର ଅଭିଯୋଗ । ଆଦର କରି ଚନ୍ଦ୍ରଙ୍କୁ ବସାଇଲେ । ଯଥାବିଧି ଆଦର ଆପ୍ୟାୟନ ପରେ ରାତିରେ ଖାଇସାରି ଚନ୍ଦ୍ରଙ୍କ ପିଠିରେ ହାତବୁଲାଇ ବୁଲାଇ କହିଲେ ଦକ୍ଷ – ଦେଖ ବାବା, ତୁମକୁ ଉପଯୁକ୍ତ ପାତ୍ର ମନେକରି ମୁଁ ମୋର ସତେଇଶ କନ୍ୟାଙ୍କୁ ତୁମକୁ ଦେଇଛି । ସତେଇଶ ଜଣ ଯାକ ତୁମର ଧର୍ମପତ୍ନୀ । ସତେଇଶ କନ୍ୟା

Digitized by srujanika@gmail.com

ମୋ ଆଖିରେ ଯିମିତି ସମାନ, ସତେଇଶ ପତ୍ନୀ ତୁମ ଆଖିରେ ଯିମିତି ସମାନହେବା ଉଚିତ । ଯାଅ, ଏଥର ଯିମିତି ମୋ କାନକୁ କନ୍ୟାମାନଙ୍କ ପ୍ରତି ଅବହେଳା ଅଭିଯୋଗ ନ ଆସେ ।

ସମ୍ମତି ସୂଚକ ମୁଣ୍ଡହଲାଇ ଚନ୍ଦ୍ର ଫେରଆସିଲେ ଘରକୁ । କିନ୍ତୁ ଦିନ ଦୁଇଗୁଟିଏ ନ ଯାଉଣୁ ପୁଣି ଯଥା ପୂର୍ବଂ ତଥା ପରଂ ।

ଦକ୍ଷଙ୍କ ଛବିଶ କନ୍ୟା ପୁଣିଯାଇ ଗୁହାରି କଲେ ବାପାଙ୍କ ପାଖେ । ଦକ୍ଷ ତ ରାଗରେ ଅଗ୍ନିଶର୍ମା । କଅଣ ହେଲା ? ଚନ୍ଦ୍ରର ପୁଣି ଏତେ ବହପ ! ଦକ୍ଷଙ୍କର କଥାକୁ ଅମାନ୍ୟ !! ଫଗେ ଫଗେ କ୍ରୋଧାନ୍ଧ ହୋଇ ଦକ୍ଷ ଅଭିଶାପ ଦେଲେ—ଆରେ ହତଭାଗା ଚନ୍ଦ୍ର, ମୋ କଥା ଯେତେବେଳେ ତୁ ଅମାନ୍ୟ କଲୁ ତୋର ଯକ୍ଷ୍ମା ରୋଗ ହେଉ । ଦକ୍ଷଙ୍କର ଅଭିଶାପରେ ଚନ୍ଦ୍ରଙ୍କୁ ହେଲା ଯକ୍ଷ୍ମା । ଦିନୁଦିନ ଚନ୍ଦ୍ର ହୋଇ ଆସିଲେ କ୍ଷୟ ଗ୍ରସ୍ତ, ତାଙ୍କର ଉଜ୍ଜ୍ୱଳ କିରଣ ହୋଇ ଆସିଲା ମଳିନ—ଦେହର ଜ୍ୟୋତି କମି ଆସିଲା ।

ଚନ୍ଦ୍ରଙ୍କର ଏ ଦୁର୍ଦ୍ଦଶା ଦେଖି କନିଷ୍ଠା ପତ୍ନୀ ରୋହିଣୀ ଯାଇ ପହଞ୍ଚିଲେ ବାପାଙ୍କ ପାଖରେ । କହିଲେ—ବାପା, ତୁମେ ଏ କି ସର୍ବନାଶ କଲ ? ବହୁତ କାନ୍ଦିଲେ ରୋହିଣୀ । ବହୁ ଅନୁନୟ ବିନୟ ବିନୟ କଲେ କିନ୍ତୁ ଦକ୍ଷ ଅଚଳ ଅଟଳ ।

ରୋହିଣୀ ଆସି ମା'ଙ୍କ ପାଖରେ ଗୁହାରି କଲେ । ଯେତେହେଲେ ମା' ମନ ତ ! ରାଣୀ ଆସି ଦକ୍ଷ ରାଜାଙ୍କ ପାଖରେ ପହଞ୍ଚିଲେ ।

ତେଣେ ପୁଣି କ'ଣ ହୋଇଚି ନା ଚନ୍ଦ୍ରଙ୍କ କିରଣରେ ପୃଥିବୀ ବକ୍ଷରେ ଯେଉଁ ସବୁ ଗଛଲତା ବୃଦ୍ଧି ପାଆନ୍ତି ସେମାନେ ଶୁଖି ଆସିଲେ···ବନ୍ଦ ହୋଇଗଲା ସମୁଦ୍ରରେ ଜୁଆରଭଟ୍ଟା ଖେଳ । ଦେବତାମାନଙ୍କ ମଧ୍ୟରେ ପଡ଼ିଲା ମହା ଭାଳେଣି । କରାଯାଏ କ'ଣ ?

ପୃଥିବୀର ସୃଷ୍ଟିକର୍ତ୍ତା ବ୍ରହ୍ମା ଦେବତାମାନଙ୍କର ପ୍ରତିନିଧି ହିସାବରେ ଚଲିଲେ ଦକ୍ଷରାଜାଙ୍କ ନିକଟକୁ ।

ଏଣେ ଅନ୍ଦର ମହଲରୁ ରାଣୀଙ୍କର ସାନୁନୟ ନିବେଦନ ତେଣେ ଦେବତାମାନଙ୍କର ଅନୁରୋଧ ଏଡ଼ି ନ ପାରି ଦକ୍ଷ କହିଲେ—ହଉ, ମୁଁ ଯେତେବେଳେ ଅଭିଶାପ ଦେଇ ସାରିଚି ତାହା ତ ଆଉ ଫେରାଇ ନେଇ ପାରିବିନି, ତେବେ ଚନ୍ଦ୍ର ଏଇ ଯେଉଁ ପୋଖରୀ ଦେଖାଯାଉଚି ସେଥିରେ ଗାଧୋଇ ଆସିଲେ ପକ୍ଷକ ପାଇଁ ଧୀରେ ଧୀରେ ସ୍ନିଗ୍ଧ, ଉଜ୍ଜ୍ୱଳ ଓ କାନ୍ତିମାନ ହୋଇ ଉଠିବ କିନ୍ତୁ ମୋର ଅଭିଶାପ ପାଇଁ ଅପର ପକ୍ଷରେ ପୁଣି ଧୀରେ ଧୀରେ କ୍ଷୟ ଲଭି, ଲିଭିଯିବ ଗୋଟାଏ ଦିନପାଇଁ । ସେଇଦିନଠୁ ଚନ୍ଦ୍ର ଗୋଟାଏ ପକ୍ଷ ବଢ଼ନ୍ତି ଓ ଅନ୍ୟ ପକ୍ଷରେ ଛିଡ଼ନ୍ତି ।

ଚନ୍ଦ୍ର ଯେଉଁ ପୋଖରୀରେ ଗାଧୋଇଥିଲେ ସେ ପୋଖରୀ ଏବେ ବି ଅଛି । ପ୍ରଭାସ ତୀର୍ଥ ଆଜି ହିନ୍ଦୁ ଧର୍ମର ପୀଠସ୍ଥଳୀ—ନାମ ତୁମେ ସବୁ ଶୁଣିଥିବ ।

ସେଇଦିନଠୁ ଚନ୍ଦ୍ର ତାଙ୍କର ସତେଇଶ ସ୍ତ୍ରୀ—ଅଶ୍ୱିନୀ, ଭରଣୀ, କୃତ୍ତିକା, ରୋହିଣୀ ଆଦିଙ୍କୁ ନେଇ ସୁଖରେ ଦିନ କାଟିଲେ । ଆଜି ବି ଚନ୍ଦ୍ରଙ୍କର ସତେଇଶ ସ୍ତ୍ରୀ ଆକାଶରେ ମିଟି ମିଟି କରୁଛନ୍ତି ।

—୦—

ବିଶ୍ୱାସ କର ବା ନ କର

୧ । ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ ଓ ବଙ୍ଗଳା ଆନନ୍ଦ ବଜାର ପତ୍ରିକା ବର୍ତ୍ତମାନ ଯେଉଁ ପ୍ରକାଣ୍ଡ ରୋଟାରୀ ମୁଦ୍ରାଯନ୍ତ୍ରରେ ଛପା ଯାଉଛି, ତାହା ୧ ସେକେଣ୍ଡରେ ୬୦ ଖଣ୍ଡି ଖବରକାଗଜ ଛାପିପାରୁଛି ।

୨ । ନିଉ ଜେରେସିର ଡଃ କାରିଙ୍ଗଟନ୍ ୩୦ ବର୍ଷ ଚେଷ୍ଟା କରି ଏବେ ଗୋଟିଏ ଗଛରେ ୫ ଜାତିର ଫଳ ଜନ୍ମାଇ ପାରିଛନ୍ତି ।

୩ । ଅଷ୍ଟ୍ରେଲିଆର ଜଣେ ଭଦ୍ରବ୍ୟକ୍ତି ୧୫୦୦ ପାଉଣ୍ଡ ଦେଇ ଲଣ୍ଡନରେ ନିଲାମ ହେଉଥିବା ଗୋଟିଏ ଦୁଷ୍ପ୍ରାପ୍ୟ ଡାକଟିକେଟ କିଣିଛନ୍ତି । ଟିକେଟଟି ୧୮୪୭ ମସିହାରେ ଆମେରିକା ମାସାଚୁସେଟ୍ସରେ ଚଳୁଥିଲା ।

—୦—

Digitized by srujanika@gmail.com

ଡାକ ଟିକଟ ସଂଗ୍ରହ

କିପରି ଲେଖିବ ?

ଶ୍ରୀ ରଘୁନାଥ ପାତ୍ରୀ ଶର୍ମା

ସାଧାରଣରେ ଡାକଟିକଟ ସଂଗ୍ରାହକମାନେ ଟିକଟଗୁଡ଼ିକ ସଂଗ୍ରହ କରି 'ସଂଗ୍ରହ ବହି'ରେ ସଜାଇବା ପରେ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଟିକଟଗୁଡ଼ିକ ସଂଗ୍ରହ ବହିରେ ସୁନ୍ଦର ଭାବରେ ନିର୍ଦ୍ଦିଷ୍ଟ ସ୍ଥାନରେ ଲଗାଇବା ଦ୍ୱାରା ବହୁତି ଦେଖିବାକୁ ଭଲ ଆନନ୍ଦ ଲାଗେ; କିନ୍ତୁ ସଜାଇବା ପରେ ଉକ୍ତ ଟିକଟ ବିଷୟ ନେଇ ଟିକଟଟିର ତଳେ ବା ଉପରେ ସୁନ୍ଦର ଭାବରେ ଲେଖିବାରେ ହିଁ ବିଶେଷତ୍ୱ ଦିଆଯାଏ । ଏପରି ଲେଖା ନ ଥିବା ସଂଗ୍ରହ ବହି ଅସମ୍ପୂର୍ଣ୍ଣ ଅଟେ ବୋଲି ଭାବିବାକୁ ହେବ । ପ୍ରଦର୍ଶନୀ ଗୁଡ଼ିକରେ ମଧ୍ୟ ଏପରି ଲେଖା ଉପରେ ଶତକଡ଼ା ପନ୍ଦର ନମ୍ବର ନିର୍ଦ୍ଦିଷ୍ଟ ରଖାଯାଇ ସଂଗ୍ରାହକର ଉତ୍କୃଷ୍ଟତା ବିବେଚନା କରାଯାଇ ଥାଏ । କାରଣ ଏପରି ଲେଖିବା ଦ୍ୱାରା ଦର୍ଶକର ମନରେ ଉକ୍ତ ଡାକଟିକଟ ବିଷୟରେ ସମ୍ପୂର୍ଣ୍ଣ ଧାରଣା ଜନ୍ମେ ।

ତେଣୁ ସଂଗ୍ରହ ବହିରେ ଟିକଟ ଲଗାଇଲା ବେଳେ ଉକ୍ତ ବିଷୟରେ ଦୁଇପଦ ଲେଖିବା ପାଇଁ ବିଶେଷ ସ୍ଥାନ ଛାଡ଼ି ଲଗାଇବା ଉଚିତ । ଲେଖିବାର ଶୈଳୀ ଏବଂ ଅକ୍ଷର ଗଠନ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇ ଥାଏ । ସଂଗ୍ରାହକ ଅଳ୍ପ କି ବହୁତ ଚିତ୍ର ଅଙ୍କନ ଜାଣିଥିଲେ ଡାକ ଟିକଟ ସଂଗ୍ରହ ବହିରେ ଲେଖିବା ଅତି ସୁନ୍ଦର ହୁଏ । ଇଂଲଣ୍ଡ ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶର ଆର୍ଟ ସ୍କୁଲ ଓ କଲେଜଗୁଡ଼ିକରେ ସଂଗ୍ରହ କିପରି ଧରଣର ଲିପି ଦକ୍ଷତା ସହକାରେ ଲେଖାଯାଇ ପାରିବ ତାହା ଶିକ୍ଷା ଦିଆ ଯାଇଥାଏ ।

ଫିଲାଟେଲିକ୍ ସମ୍ବାଦ

ଅନୁସନ୍ଧାନ କରିବାରେ ଜଣାଯାଇଛି ଯେ ଫରାସୀ ଫିଲାଟେଲିକ ଅନୁଷ୍ଠାନ ଓ୍ୟାଲଭେରଟ୍ ଏଣ୍ଡ୍ ଟେଲିଆରଙ୍କ ପ୍ରକାଶିତ ସଂଗ୍ରହ ବହି ପୃଥିବୀରେ ସର୍ବବୃହତ୍ ବହି । ବହିର ପୃଷ୍ଠା ସଂଖ୍ୟା ଆଠ ହଜାର ।

× × ×

ପୃଥିବୀର ଶ୍ରେଷ୍ଠ ଡାକଟିକଟ ବିଜ୍ଞାପନ ଦାତା ଅନୁଷ୍ଠାନ ହେଉଛି H. E. Harries & Co, ଅନୁଷ୍ଠାନଟି ଯୁକ୍ତରାଷ୍ଟ୍ରର ବୋଷ୍ଟନ ସହରରେ ଅବସ୍ଥିତ । ପୃଥିବୀର ପ୍ରତ୍ୟେକ ଫିଲାଟେଲିକ ପତ୍ରିକାମାନଙ୍କରେ ଏହାଙ୍କର ବିଜ୍ଞାପନ ପ୍ରକାଶ ପାଇଥାଏ ।

ପୃଥିବୀରେ ପୁରାତନ ଓ ଲୋକପ୍ରିୟ ଫିଲାଟେଲିକ ପତ୍ରିକା ହେଉଛି—ଦି ଫିଲାଟେଲିକ ଟ୍ରେଡର । ଏହା ଏ ଶତାବ୍ଦୀ ପ୍ରାରମ୍ଭରୁ ଆଲ୍‌ବାର୍ଟ ହେର୍ ହାରଶଙ୍କ ସମ୍ପାଦକତ୍ୱରେ ଏବଂ ବର୍ତ୍ତମାନ ଟମ୍ ମରଶନ୍‌ଙ୍କ ସମ୍ପାଦକତ୍ୱରେ ହାରଶ ପବ୍ଲିକେଶନ ଲିମିଟେଡଙ୍କ ଦ୍ୱାରା ପ୍ରକାଶ ପାଉଛି ।

× × ×

ଦେଖାଯାଇଛି ଯେ ଗତ ୧୯୬୪ ମସିହାରେ ପୃଥିବୀର ସବୁ ଫିଲାଟେଲିକ ବ୍ୟବସାୟ କେନ୍ଦ୍ରରୁ ସର୍ବମୋଟ ୮୩,୦୦,୦୦୦ ଡାକଟିକଟ ମୁଣ୍ଡିଆ ବିକ୍ରୀ ହୋଇଛି । ମୁଣ୍ଡିଆ ଗୁଡ଼ିକରେ ୧୦ ଠାରୁ ୧୦୦ ଡାକଟିକଟ ଥିଲା ।

× × ×

ସମ୍ବାଦରୁ ଜଣାଯାଇଛି ଯେ ଅତୀତରେ ଭାରତ ଡାକ ଓ ତାର ବିଭାଗ ଦ୍ୱାରା ପ୍ରକାଶିତ କେତେଗୁଡ଼ିଏ ସ୍ମୃତି ଡାକ ଟିକଟ ନିମ୍ନଲିଖିତ ଅନୁସାରେ ଭାରତ ସରକାର ବର୍ତ୍ତମାନ ପ୍ରକାଶ କରିଛନ୍ତି ।

୧୯୪୭—ସ୍ୱାଧୀନ ଡାକଟିକଟ ୨୭୬୮୦ ହଜାର
୧୯୪୮ — ବ୍ୟୋମଡାକ — ୫୭୦ ହଜାର
୧୯୪୮—ଗାନ୍ଧିସ୍ମୃତି—୨୧୩୫୦ ହଜାର
୧୯୪୯—ପ୍ରତ୍ନତତ୍ତ୍ୱ ସିରିଜ୍—୩୫୧୩୮୦ ହଜାର
୧୯୪୯—U. P. U. ସେଟ୍—୪୬୨୦ ହଜାର
୧୯୫୦—ଗଣତନ୍ତ୍ର ଦିବସ — ୨୧୧୧୦ ହଜାର
୧୯୫୧—ଭୌଗୋଳିକ ଅନୁସନ୍ଧାନ ଶତାବ୍ଦୀ—
୨୧୫୦ ହଜାର
୧୯୫୧—ଏସିଆ ଖେଳସେଟ୍ ୯୬୨୦ ହଜାର
୧୯୫୨—ଭକ୍ତକବି ସ୍ମୃତି—୫୦୭୫୦ ହଜାର
୧୯୫୩—ରେଳପଥ ଶତାବ୍ଦୀ—୧୧୪୪୦ ହଜାର
୧୯୫୩—ଏଭରେଷ୍ଟ ବିଜୟ—୧୨୦୮୦ ହଜାର
୧୯୫୩ – ଟେଲିଗ୍ରାଫ ଶତାବ୍ଦୀ—୧୧୩୧୦ ହଜାର
୧୯୫୩—ଭାରତୀୟ ଟିକଟ କୋରିଆରେ ବ୍ୟବହୃତ—
୧୧୧୦ ହଜାର

Digitized by srujanika@gmail.com

ସମ୍ପାଦକୀୟ ଟିପ୍ପଣୀ

ଚାରିବର୍ଷ ପୂରିଗଲା

ଆସନ୍ତା ଅଗଷ୍ଟଠାରୁ ସଂସାର ପଞ୍ଚମ ବର୍ଷରେ ପଦାର୍ପଣ କରିବ । ଯେଉଁ ଲେଖକ ଓ ପାଠକ ପାଠିକା-ମାନଙ୍କ ସହାନୁଭୂତି ଲାଭ କରି ସଂସାର ନିୟମିତ ଭାବରେ ପ୍ରକାଶିତ ହୋଇ ଓଡ଼ିଶା ଭୂଇଁରେ ଏ ଚାରିଟି ବର୍ଷ ଅତିବାହିତ କରି ଆସିଛି, ସେମାନଙ୍କୁ ସର୍ବପ୍ରଥମେ ଆମର ଆନ୍ତରିକ ଧନ୍ୟବାଦ ଜଣାଉଛୁ । ଆମର ସମସ୍ତ ଚେଷ୍ଟା ସତ୍ତ୍ୱେ ପାଠକମାନଙ୍କର ନାନା ଆପତ୍ତି ଅଭିଯୋଗ ଆମ କାନକୁ ଆସୁଛି । ଆମର ଯାହା ତ୍ରୁଟି ରହିଯାଉଛି, ତାହାର କେବଳ ଉତ୍ତର 'ମାରି ନା ମୁଁ ମଲିଣି ।' ଆମ ଭୁଲ ଆମକୁ ଜଳଜଳ ଦିଶୁଛି ମାତ୍ର ତାର ସମାଧାନ ସହଜ ହେଉ ନାହିଁ । ସଂସାର ପତ୍ରିକାର ବିଷୟବସ୍ତୁ ଏକ ବିଚିତ୍ର ଧରଣର । ଏହାର ପରିସର ଖୁବ୍ ବ୍ୟାପକ । କେବଳ ଆପତ୍ତିଜନକ, ଅନିଷ୍ଟକର ଓ ମାତ୍ରାବିହୀନ ଲେଖାକୁ ବାଦ୍ ଦେଲେ ଅନ୍ୟ ସବୁ ଲେଖା ପାଇଁ ଏଥିରେ ସ୍ଥାନ ଅଛି । ଅନ୍ୟ ସବୁ ଉନ୍ନତ ଭାଷାରେ ଯେପରି ସାହିତ୍ୟ ପତ୍ରିକା ଛଡ଼ା ବିଜ୍ଞାନ, ଶିଳ୍ପ, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଖେଳ ଇତ୍ୟାଦି ବିଭିନ୍ନ ଜ୍ଞାତବ୍ୟ ବିଷୟରେ ସ୍ୱତନ୍ତ୍ର ପତ୍ରିକାମାନ ଅଛି, ଓଡ଼ିଆରେ ସେପରି ନାହିଁ । କେବଳ ସିନେମା ଓ ସ୍ୱାସ୍ଥ୍ୟ ବିଷୟକ ଦି ଚାରିଖଣ୍ଡ ପତ୍ରିକା କାଁ ଭାଁ ଆଖିରେ ପଡ଼େ ।

'ସଂସାର'ରେ ଏଥିପାଇଁ ଆମେ ଉପରୋକ୍ତ ବିଷୟକ ଲେଖାମାନ ପ୍ରକାଶ କରୁଛୁ । ତା ଛଡ଼ା ହିସାବ-ପଞ୍ଜିକା, ବୁଦ୍ଧିପରୀକ୍ଷା, ପ୍ରଶ୍ନୋତ୍ତର, ଖବର ଟିପ୍ପଣୀ, ଦରକାର ବେଳେ କର୍ମରେ ଆସିବ ଓ ପିଲାଙ୍କ ପକେଟ ଆଦି କେତେକ ଧାରାବାହିକ ବିଭାଗ ମଧ୍ୟ ଅଛି । ଏତେ ଗୁଡ଼ିଏ ବିଭିନ୍ନ ବିଷୟର ଉପଯୁକ୍ତ ସଂପାଦନା ସମ୍ଭବ ହେଲେହେଁ ସହଜ ନୁହେଁ—ଏହା ନିଶ୍ଚୟ ଆପଣମାନେ ସ୍ୱୀକାର କରିବେ । ସବୁ ବିଷୟରେ ଉପାଦେୟ ପ୍ରବନ୍ଧ ଓ ଜ୍ଞାତବ୍ୟ ତଥ୍ୟମାନ ପତ୍ରିକାରେ ପରିବେଷଣ କଲେ ପାଠକମାନେ ସନ୍ତୁଷ୍ଟ ହେବେ—ଏହା ସଂପାଦକ ବୁଝୁଛନ୍ତି, ମାତ୍ର ଲେଖା କାହିଁ ?

ସଂପାଦକ ଚାହାନ୍ତି ବିଭିନ୍ନ ବିଷୟକ ଉପଯୁକ୍ତ ଲେଖା । ଲେଖକ କହିଲେ ସାଧାରଣତଃ ଯେଉଁ ଶ୍ରେଣୀର ଲୋକଙ୍କୁ ବୁଝାଏ, କେବଳ ସେମାନଙ୍କୁ ନେଇ ସଂସାର ଚାଲିପାରିବ ନାହିଁ କାରଣ ଏଥିରେ ଗଳ୍ପ, କବିତା ପ୍ରାୟ ନ ଥାଏ—ଥାଏ ଗୁଡ଼ିଏ ପ୍ରବନ୍ଧ ଓ ଆଲୋଚନା । ସ୍ୱାସ୍ଥ୍ୟ ବିଷୟକ ପ୍ରବନ୍ଧ ଯେ କୌଣସି ଲେଖକ ଲେଖି ପାରିବେ ନାହିଁ । ସ୍ୱାସ୍ଥ୍ୟ ବିଜ୍ଞାନ ବିଷୟରେ ଯାହାଙ୍କର ଶିକ୍ଷା ଓ ଅଭିଜ୍ଞତା ଅଛି, ସେଇ ଏକା ଲେଖିବେ । କେତେକ ଡାକ୍ତରଙ୍କୁ ଅନୁରୋଧ କରି ସଂସାର ପାଇଁ ଲେଖା ଆଣିବାର ଚେଷ୍ଟା କରା-ଯାଇଛି ମାତ୍ର ସେ ପ୍ରବନ୍ଧମାନ ଖୁବ୍ ଉପାଦେୟ ହେଲେ ହେଁ ସାଧାରଣଙ୍କ ବୋଧଗମ୍ୟ ହୋଇ ପାରିନାହିଁ । ସବୁ ଡାକ୍ତର ଡାକ୍ତରୀ ଭାଷାରେ ଲେଖିବେ ବା କହି-ପାରିବେ । ଖୁବ୍ କମ୍ ଡାକ୍ତର ଅ-ଡାକ୍ତରଙ୍କ ବୁଝିବାଭଳି ଭାଷାରେ ଡାକ୍ତରୀ କଥା ବୁଝାଇ ପାରିବେ । ଏଇ ଅସୁବିଧା ଆମର ପ୍ରଧାନ ପ୍ରତିବନ୍ଧକ ହୋଇଛି । ଯେତେ ପ୍ରତିଭାଶାଳୀ ସଂପାଦକ ହେଲେ ବି ନିଜେ ତ ସବୁ ବିଷୟରେ ଲେଖି ପାରିବେ ନାହିଁ । ଏଣେ ଡାକ୍ତରଙ୍କୁ ଖୋଜିଲା ବେଳକୁ ସେ ଲେଖକ ନୁହନ୍ତି । ଲେଖକଙ୍କୁ ପାଇଲେ, ସେ ଡାକ୍ତର ନୁହନ୍ତି । ସ୍ୱାସ୍ଥ୍ୟ-ବିଷୟକ ଲେଖା କେଉଁଠୁ ମିଳିବ ? ସେହିପରି ସବୁ ।

ଅନେକ ସ୍ଥଳରେ ଅନ୍ୟାନ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ଉପଯୁକ୍ତ ପ୍ରବନ୍ଧର ଅନୁବାଦ, କେଉଁଠି ବା ସାର ମର୍ମ, କେଉଁଠି ବା ସଂଗ୍ରହ—ଏହାକୁ ହିଁ ଆଶ୍ରା କରିବାକୁ ପଡ଼ୁଛି ।

ଓଡ଼ିଶାରେ ବହୁ ଚିନ୍ତାଶୀଳ ଲେଖକ, ସମାଲୋଚକ ଓ ଗବେଷକ ଅଛନ୍ତି । ଆମର ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ସରଳ ସୁବୋଧ ଭାଷାରେ ବିଭିନ୍ନ ଜ୍ଞାତବ୍ୟ ବିଷୟରେ ଦି ଚାରିକଥା ଲେଖି ସଂସାର

Digitized by srujanika@gmail.com



ଓଡ଼ିଶା ଖବର

ତା ୨୭—ଓଡ଼ିଶା ଆସେମ୍ବ୍ଲିର ଆସନ୍ନା ଅଧିବେଶନ ଜୁଲାଇ ମାସ ୧୮ ତାରିଖରେ ବସିବ ବୋଲି ଜଣା ଯାଇଛି ।

ତା ୨୦—ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ବିଭିନ୍ନ ସ୍ଥାନରେ ପାଳିତ ହେଲା ।

ତା ୩୦—ଓଡ଼ିଶା ସରକାର ବନ୍ୟା-ନିୟନ୍ତ୍ରଣ ନିମନ୍ତେ ଗୋଟିଏ ବୋର୍ଡ଼ ଗଠନ କରିଛନ୍ତି । ଓଡ଼ିଶାର ଜଳସେଚନ ଓ ନାଳ ବିଭାଗ ଚିଫ୍ ଇଞ୍ଜିନିୟର ଏହି ବୋର୍ଡ଼ର ଚେୟାରମ୍ୟାନ । କନିକା ରାଜା ଏସ୍.ଏନ୍. ଭଞ୍ଜ ଏଥିରେ ଏକମାତ୍ର ବେସରକାରୀ ସଭ୍ୟ ରହିଛନ୍ତି ।

ତା ୩୦।୫—ଭାରତ ରାଜ୍ୟସଭାର ଆସନ୍ନା ଅଧିବେଶନ ଆଗାମୀ ଅଗଷ୍ଟ ୧୭ ତାରିଖରେ ବସିବ ବୋଲି ଜଣାଯାଇଅଛି ।

ପାଠକମାନଙ୍କ ପାଇଁ ପଠାନ୍ତୁ । ସେମାନେ ହୁଏତ ଇଂରାଜୀରେ ବହୁତ କଥା ପଢ଼ିଛନ୍ତି, ଜୀବନରେ ଅନେକ ଅଭିଜ୍ଞତା ଅର୍ଜନ କରିଛନ୍ତି । ସେହି ଜ୍ଞାନ-ଭଣ୍ଡାରର ରତ୍ନଗୁଡ଼ିକୁ ଜାତିର ଭବିଷ୍ୟତ ବଂଶଧର-ମାନଙ୍କ କଲ୍ୟାଣ ଲାଗି ଏସବୁ ଜରିଆରେ ପରିବେଷଣ କରନ୍ତୁ । ସେମାନଙ୍କ ଛଡ଼ା ଆଉ କିଏ ବା ଏହା କରି ପାରିବ ?

ଯେଉଁ କେତେକ ଜଣ ଲେଖକ ଏ ଦିଗରେ ଆମ ସହିତ ସହଯୋଗ କରି ଏ ପର୍ଯ୍ୟନ୍ତ ପତ୍ରିକାଟିକୁ ବଞ୍ଚାଇ ରଖିଛନ୍ତି, ସେମାନଙ୍କ ନିକଟରେ ଆମେ ଚିରକୃତଜ୍ଞ । ଆମର ଆଶା, ସେମାନେ ଆମକୁ ସାମୟିକ ସାହାଯ୍ୟଦାନରୁ ବଞ୍ଚିତ କରିବେ ନାହିଁ ।

ଭାରତ ଖବର

ତା ୨୭—ଡଃ ଚାର୍ଲସ ଇଭାନସଙ୍କ ନେତୃତ୍ୱରେ ଗୋଟିଏ ବ୍ରିଟିଶ ପର୍ବତାରୋହୀ ଦଳ ୨୮୧୪୬ ଫୁଟ ଉଚ୍ଚ ବିଶିଷ୍ଟ କାଞ୍ଚନଜଙ୍ଘା ଜୟ କଲେ ।

ତା ୪—ଭାରତର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ରୁଷିଆ ଅଭିମୁଖରେ ଯାତ୍ରା କଲେ ।

ତା ୧୭—ଚଳିତ ୧୫ ତାରିଖଠାରୁ ଭାରତ ସରକାର ଲୌହ ଓ ଇସ୍ପାତ ଶିଳ୍ପ ନିମନ୍ତେ ଗୋଟିଏ ନୂଆ ବିଭାଗ ଖୋଲିଛନ୍ତି । ଶିଳ୍ପ ବାଣିଜ୍ୟ ମନ୍ତ୍ରୀ ଟି. କୃଷ୍ଣମାଚାରୀ ମଧ୍ୟ ଉକ୍ତ ଦାୟିତ୍ୱରେ ରହିବେ ।

ତା ୨୧—ଶ୍ରୀନଗରରେ ବିଶ୍ୱବିଦ୍ୟାଳୟ କୁଳ-ପତିମାନଙ୍କର ଏକ ସମ୍ମିଳନୀ ଆରମ୍ଭ ହେଲା ।

ତା ୧୭—ଭାରତର ଇମ୍ପିରିଆଲ ବ୍ୟାଙ୍କ ଆଜି-ଠାରୁ ଷ୍ଟେଟ ବ୍ୟାଙ୍କରେ ପରିଣତ ହେଲା ।

ବିଦେଶ ଖବର

ତା ୬।୭—ପୂର୍ବବଙ୍ଗ (ପାକିସ୍ଥାନ)ରେ ଲୋକ-ପ୍ରତିନିଧି ସରକାର ସ୍ଥାପିତ ହେଲା । ମିଳିତ ସାମ୍ମୁଖ୍ୟ ଦଳର ନେତା ମିଃ ଆବୁ ହୋସେନଙ୍କ ନେତୃତ୍ୱରେ ସରକାର ଗଠିତ ହେଲା ।

ତା ୧୭—ଜଣାଯାଇଛି ଯେ ଆସନ୍ନା ବର୍ଷ ରୁଷିଆର ପ୍ରଧାନ ମନ୍ତ୍ରୀ ମାର୍ଶାଲ ବୁଲ୍‌ଗାନିନ୍ ଭାରତ ଭ୍ରମଣରେ ଆସିବେ ।

ତା ୨୩—ପଣ୍ଡିତ ନେହେରୁ ଜୁଲାଇ ୧୦ ତାରିଖରେ ଇଂଲଣ୍ଡ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଇଂଲଣ୍ଡ ଯିବେ ।

Printed & Published by Sri R. K. Nanda B. A. D. Ed. at the Parijat Press, Telengabazar, Cuttack-1—1955

Digitized by srujanika@gmail.com

ରୁଦ୍ର ସାଗର

ଋତୁ ବନ୍ଧର ବ୍ରହ୍ମାସ୍ତ୍ର । ଗର୍ଭାବସ୍ଥାରେ ସେବନ ନିଷେଧ । କାରଣ ଗର୍ଭପାତ ନିଶ୍ଚିତ । ମାଃ ୩ଟି ଟ୍ୟାଃ, ଡାକମାଶୁଲ ୧୦ ୧୫ ଟ୍ୟାବଲେଟ ମୂଲ୍ୟ ୫ ଟଙ୍କା

ମେଲୋନ

ଜ୍ୱର ଓ ପ୍ଳୀହା ବୃଦ୍ଧି ପୁରାତନ ଜ୍ୱର, ମ୍ୟାଲେରିଆ ଓ କଳା-ଜ୍ୱରର ବ୍ରହ୍ମାସ୍ତ୍ର (ଏଲୋପ୍ୟାଥିକ) ମାଃ ୨୧ ବଟି ଟଙ୍କା । Tantra Bhaban 24, Sagar Dutt Lane, Calcutta.

ଇଲେକ୍‌ଟ୍ରିକ ପିଲ୍‌

ପୁରୁଷତ୍ୱ ହାନିତାରେ ବ୍ରହ୍ମାସ୍ତ୍ର । ହୃତ ଯୌବନ ଫେରି ପାଇବେ । ଯୁବକ ଓ ବୃଦ୍ଧମାନଙ୍କର ଉତ୍ସାହ ବୃଦ୍ଧି ହୁଏ । ୬୦ ବଟି ଟଙ୍କା । **Tantra Bhaban**
24 Sagar Dutta Lane, Calcutta-12

ଅରୁଣୋଦୟ ଓ କୋହିନୁର ପଞ୍ଜିକା ଦେଖନ୍ତୁ ।

ମେଲୋନ

ପ୍ଳୀହା ଲିଭରଯୁକ୍ତ ଜ୍ୱରରେ, ମ୍ୟାଲେରିଆ ବା କଳା ଜ୍ୱରରେ ବ୍ରହ୍ମାସ୍ତ୍ର । ଦିନକରେ ଜ୍ୱର ଛାଡ଼େ, ସପ୍ତାହକରେ ଆରୋଗ୍ୟ ନିଶ୍ଚିତ । ମାତ୍ରା ୨୧ ଟି ବଟିକାକୁ ୨ ୫୯ ଟଙ୍କାରେ ପତ୍ର ଲେଖନ୍ତୁ ।

Tantra Bhaban
24 Sagar Dutt Lane, Calcutta-12

ଘରେ ବସି ରୋଜଗାର କର

କାଗଜ, ପେଷ୍ଟବୋର୍ଡ, ଅଇନା, ରବର ବେଲୁନ, ସାବୁନ, ଅତର, ସ୍ନୋ, ପାଉଡର, ଅଲତା, କାଳି ଇତ୍ୟାଦି ନାନାପ୍ରକାର କୁଟୀରଶିଳ୍ପ ବିଷୟ ଡାକଯୋଗେ ଶିକ୍ଷା ଦିଆଯାଏ । ଆଜ ଚିଠି ଲେଖି ସମସ୍ତ ବିବରଣୀ ବୁଝନ୍ତୁ ।

ଆର୍ଯ୍ୟକଳା ନିଳୟ
ପୋ: ଅ: କୁହୁଡ଼, ଜି: ପୁରୀ

ଗନ୍ଧେଶ୍ୱରୀ ଷ୍ଟୁଡିଓ

ହାଫଟୋନ, ଲାଇନ୍, ବ୍ଲକ, ସିନେମା ସ୍ଲାଇଡ ଏବଂ ରବର ଷ୍ଟାମ୍ପ ପ୍ରସ୍ତୁତ କାରକ । ସାଧାରଣ ହାରଠାରୁ ବ୍ଲକସବୁ ସମସ୍ତେ ଶସ୍ତାରେ ମିଳେ ।
— ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ —
୧୧।ଏ·ଶୀମଲ ଷ୍ଟ୍ରୀଟ । ବ୍ରାଞ୍ଚ·୧୮୭·ନେତାଜି ସୁଭାଷ ରୋଡ·କଲିକତା

ସରଳ
ସାଧାରଣ ଜ୍ଞାନ

୧ମ ଭାଗ ।୯ ୨ୟ ଭାଗ ୫
୩ୟ ଭାଗ ୫ ୪ର୍ଥ ଭାଗ ।୯

Digitized by srujanika@gmail.com